ଆଇପିଏଲରେ କାର୍ତ୍ତିକଙ୍କ ଅଲୋଡ଼ା ରେକର୍ଡ | ୧୧

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

୨୩ରେ ପାଦ ଥାପିଲେ ସୁହାନା | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୬୧ Vol. 20 No-61 23 MAY 2023 TUESDAY BHUBANESWAR ମଙ୍ଗଳବାର, ୨୩ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ବଦଳିଲା ମନ୍ତ୍ରିମଣ୍ଡଳ ରୂପରେଖ

ଶପଥ ନେଲେ ୩ ମନ୍ତ୍ରୀ

- ରାଜ୍ୟପାଳ କରାଇଲେ ଶପଥ ପାଠ
- ୩ କ୍ୟାବିନେଟ୍ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ
- ବିକ୍ରମଙ୍କୁ ଅର୍ଥ, ସାରଦାଙ୍କୁ ଶ୍ରମ ଓ ସୁଦାମଙ୍କୁ ଗଣଶିକ୍ଷା
- ସଂସଦୀୟ ଓ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ନିରଞ୍ଜନ

ଭୁବନେଶ୍ୱର, ୨୨।୫(ଭାସ୍କର ନ୍ୟୁଜ): ଶେଷରେ ସବୁ ପ୍ରତିକ୍ଷାର ଅନ୍ତ ଘଟିଛି। ସୋମବାର ପୂର୍ବାହ୍ନରେ ରାଜ୍ୟ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଶେଷ ହୋଇଛି। ୩ ବରିଷ୍ଠ ବିଧାୟକ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେମାନେ ହେଲେ ବିକ୍ରମ କେଶରୀ ଆରୁଖ, ସୁଦାମ ମାର୍ଣ୍ଡି ଓ ସାରଦା ପ୍ରସାଦ ନାୟକ। ସୋମବାର ପୂର୍ବାହ୍ନ ୯.୫୦ରେ ଲୋକସେବା ଭବନର କନଭେନସନ ହଲରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏହି ୩ ଜଣ କ୍ୟାବିନେଟ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶପଥ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଓ ଦଳୀୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପରେ ୩ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି। ବିକ୍ରମ କେଶରୀ ଆରୁଖଙ୍କୁ ଅର୍ଥ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସୁଦାମ ମାର୍ଣ୍ଡିଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସାରଦା ପ୍ରସାଦ ନାୟକଙ୍କୁ ଶ୍ରମ ବିଭାଗ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ୩ ମନ୍ତ୍ରୀ ପୂର୍ବରୁ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ବିଭାଗ ବଣ୍ଟନ ସମୟରେ ନିରଞ୍ଜନ ପୂଜାରୀଙ୍କଠାରୁ ଅର୍ଥ ବିଭାଗ ଦାୟିତ୍ୱ ଅଣାଯାଇ ଶ୍ରୀ ଆରୁଖଙ୍କୁ ପ୍ରଦାନ କରାଯାଇଛି। ଶ୍ରୀ ପୂଜାରୀ କେବଳ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱରେ ରହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ପ୍ରଥମେ ବାଚସ୍ପତି ପଦରୁ ଶ୍ରୀ ଆରୁଖ ଇସ୍ତଫା ଦେଇଥିଲେ। ପରେ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ସେମାନଙ୍କ ପଦବୀରୁ ମଧ୍ୟ ଇସ୍ତଫା ଦେଇଥିଲେ। ଫଳରେ ଦୁଇଟି ମନ୍ତ୍ରୀପଦ ଖାଲି ପଡ଼ିଥିଲା। ଏଥିପୂର୍ବରୁ ଦିବଂଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଅକାଳ ବିୟୋଗ ପରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପ୍ରଦାନ କରାଯାଇଥିଲା। ୩ ମନ୍ତ୍ରୀ ପଦବୀ ଖାଲି ପଡ଼ିବା ପରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବା ନେଇ ଜୋରଦାର ଚର୍ଚ୍ଚା ମଧ୍ୟ ଧରିଥିଲା। ତେବେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ରାଜ୍ୟ ବାହାରେ ଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ବିଳମ୍ବ ଘଟିଲା ବୋଲି କୁହାଯାଉଛି।

ଆର୍‌ବିଆଇର ସୂଚନା

ଅଚଳ ନୁହେଁ ୨ ହଜାର ଟଙ୍କିଆ ନୋଟ



ନୂଆଦିଲ୍ଲୀ, ୨୨।୫: ୨ ହଜାର ଟଙ୍କିଆ ନୋଟ ଫେରସ୍ତ ନେବା ପାଇଁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ବିଜ୍ଞପ୍ତି ଜାରି କରିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ସଂଶୟ ସୃଷ୍ଟି ହୋଇଛି। ପୂର୍ବଥର ଭଳି କେନ୍ଦ୍ର ସରକାର ୨ ହଜାର ଟଙ୍କା ନୋଟକୁ ସମ୍ପୂର୍ଣ୍ଣ ଅଚଳ କରିଦେବା ନେଇ ମଧ୍ୟ ଆଶଙ୍କା ଦେଖା ଦେଇଛି। ତେବେ ଏନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ୨ ହଜାର ଟଙ୍କିଆ ନୋଟକୁ ଅଚଳ କରାଯାଇ ନାହିଁ କି ଏହି ନୋଟ ବନ୍ଦ କରାଯିବା ନେଇ କୌଣସି ସୂଚନା ଦିଆଯାଇ ନାହିଁ। କେବଳ କ୍ଲିନ୍ ନୋଟ ପଲିସି ଆଧାରରେ ନୋଟକୁ ଫେରାଇ ନିଆଯାଉଥିବା ସେ କହିଛନ୍ତି। ବଜାରରୁ ସମସ୍ତ ୨ ୦ଜାର ଟଙ୍କିଆ ନୋଟକୁ ଆର୍‌ବିଆଇ ଫେରାଇ ନେବାର ଯୋଜନା କରିଛି। ଏହାର ସମୟସୀମା ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ରହିଛି। ତେଣୁ ମିଛ ପ୍ରଚାରରୁ ଦୂରେଇ ରହିବା ପାଇଁ ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି ଯେ କିଛିଦିନର ବ୍ୟବଧାନରେ ଆର୍‌ବିଆଇ କୌଣସି ଏକ ନୋଟ ସିରିଜି ବାହାର କରିଦିଏ ଏବଂ ସେହି ସ୍ଥାନରେ ନୂଆ ନୋଟ ଜାରି କରିଥାଏ। ଆର୍‌ବିଆଇ ଆଇନର ଧାରା (୨୭) ଅନୁଯାୟୀ ଯେଉଁ ନୋଟ ଖରାପ ହୋଇ ଯାଇଥାଏ ତାକୁ ରିଜର୍ଭ ବ୍ୟାଙ୍କ ପୁଣି ଥରେ ଜାରି କନେନାହିଁ। ନୋଟ ବନ୍ଦୀର କଠିନ ସମୟରେ ନଗଦ ସମସ୍ୟାକୁ ପୂରଣ କରିବା ପାଇଁ ୨ ହଜାର ଟଙ୍କିଆ ନୋଟ ବଜାରୁ ଛଡ଼ା ଯାଇଥିଲା। ତେଣୁ ଏହି ନୋଟକୁ ଫେରାଇ ନେବାର ନିଷ୍ପତ୍ତି ମୁଦ୍ରା ପ୍ରବନ୍ଧନର କ୍ଷମତା ଭିତରେ ଆସିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅଧିକରୁ ଅଧିକ ନୋଟ ଫେରାଇ ନେବା ପାଇଁ ଆର୍‌ବିଆଇ ଉଦ୍ୟମ ଚଳାଇଥିବା ସେ କହିଥିଲେ।

ସଂକ୍ଷେପରେ...

ଅଗ୍ନିଶମ ଡିଜି ଭାବେ ଦାୟିତ୍ୱ ନେଲେ ସୁଧାଂଶୁ ଷଡ଼ଙ୍ଗୀ

ଭୁବନେଶ୍ୱର, ୨୨।୫(ଭାସ୍କର ନ୍ୟୁଜ): ଅଗ୍ନିଶମ ଡିଜି ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ। ପୂର୍ବତନ ଅଗ୍ନିଶମ ଡିଜି ବିନୟତୋଷ ମିଶ୍ରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ସପ୍ତାହରେ ତାଙ୍କୁ ଅଗ୍ନିଶମ ଡିଜି ଭାବେ ନିଯୁକ୍ତ ଦେଇଥିଲେ ରାଜ୍ୟ ସରକାର। ଏହା ପୂର୍ବରୁ ସୁଧାଂଶୁ ଷଡ଼ଙ୍ଗୀ ସ୍ପେଶାଲ ଡିଜି ପୁଲିସ ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଭାବରେ କାର୍ଯ୍ୟ ତୁଲାଉଥିଲେ।

୧୧ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ

ଭୁବନେଶ୍ୱର, ୨୨।୫ (ଭାସ୍କର ନ୍ୟୁଜ): ଅସହ୍ୟ ତାତିରେ ସିଝୁଛି ସାରା ଓଡିଶା। ଟାଣ ଖରା ସାଙ୍ଗକୁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିପାରେ। ତେବେ ସ୍ଥାନେ ସ୍ଥାନେ କାଳବୈଶାଖୀ ● ପୃଷ୍ଠା ୮ ଦେଖନ୍ତୁ

ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ ୫-ଟି ସଚିବ

ପୁରୀ, ୨୨।୫(ଭାସ୍କର ନ୍ୟୁଜ): ସୋମବାର ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଯାଇ ଶ୍ରୀମନ୍ଦିରରେ ଶ୍ରୀ ଜିଉଙ୍କୁ ଦର୍ଶନ କରିବା ପରେ ମନ୍ଦିର ସମ୍ମୁଖରେ ଚାଲୁଥିବା ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଶ୍ରୀ ଜିଉଙ୍କୁ ଦର୍ଶନ ପରେ ଓ ସମୀକ୍ଷା ପରେ ଭୁବନେଶ୍ୱର ଫେରି ଆସିଥିଲେ। ଶ୍ରୀମନ୍ଦିରରେ ପ୍ରାୟ ୪୦ ମିନିଟ୍ ଶ୍ରୀ ପାଣ୍ଡିଆନ ରହିଥିଲେ।

ସେନ୍‌ସେକ୍ସ: ୬୧,୯୬୩.୬୮

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୮ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

୨୨।୫ର ମତାମତ

ସ୍ଥାୟୀ ପୋଲିସ ଚୟନ ବୋର୍ଡ ଗଠନ ହେଲେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ କି ?



ଆଜିର ପ୍ରସଙ୍ଗ

ଆଗୁଆ ନିର୍ବାଚନ ହେଲେ ରାଜନୈତିକ ଦଳଙ୍କୁ ଫାଇଦା ମିଳିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ସମବାୟ, ଖାଦ୍ୟ ଯୋଗାଣ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

୩୨ ଲକ୍ଷ ଚାଷୀଙ୍କୁ ବିନା ସୁଧରେ ଋଣ

ଭୁବନେଶ୍ୱର, ୨୨।୫(ଭାସ୍କର ନ୍ୟୁଜ): ଚାଷୀଙ୍କ ଶସ୍ୟବୀମା ଆସନ୍ତା ତିନି ବର୍ଷ ପାଇଁ ସଂପୂର୍ଣ୍ଣ ମାଗଣା ହେବ। ରାଜ୍ୟ ସରକାର ୨୦୨୩ ଖରିଫ୍ ରୁ ୨୦୨୫-୨୬ ରବି ପର୍ଯ୍ୟନ୍ତ ଚାଷୀଙ୍କ ପ୍ରିମିୟମ ବାବଦ ଖର୍ଚ୍ଚ ବହନ କରିବେ ବୋଲି ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୂଚନା ଦେଇଛନ୍ତି। ବିଭାଗୀୟ ସଫଳତା ସମ୍ବନ୍ଧରେ ସୂଚନା ଦେଇ ସମବାୟ ମନ୍ତ୍ରୀ କହିଛନ୍ତି ଚାଷୀଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସାରା ଦେଶରେ ଅନନ୍ୟ। ସମବାୟ ବିଭାଗର ବିଭିନ୍ନ ଉପଲବ୍ଧି ମଧ୍ୟରୁ ରାଜ୍ୟର ଚାଷୀମାନଙ୍କୁ କୃଷିଋଣ ଯୋଗାଣ ଅନ୍ୟତମ । ଆମ ରାଜ୍ୟରେ ତ୍ରିସ୍ତରୀୟ ସ୍ୱଳ୍ପମିଆଦୀ ସମବାୟ ଋଣ ବ୍ୟବସ୍ଥା ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ଓ ୨୭୧୦ ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି(ପାକ୍‌ସ)ମାନେ ଚାଷୀମାନଙ୍କୁ ତାଙ୍କର ଆବଶ୍ୟକତା ମୁତାବକ ଯଥାସମୟରେ ଏବଂ ସହଜ ସୁବିଧା କିସ୍ତା ବିନା ସୁଧରେ ଚାଷ ଋଣ ଯୋଗାଇ ଦେଉଛନ୍ତି । ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ବିନା ସୁଧରେ ଉପଲବ୍ଧ ଋଣର ପରିମାଣ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ବୃଦ୍ଧି କରିଛନ୍ତି, ଯାହାଫଳରେ କି ୨୦୨୨-୨୩ ବର୍ଷରେ ରାଜ୍ୟରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଅତିରିକ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଗୁଡ଼ିକୁ ମୋଟ ୧୬୬୮୩.୫୭ କୋଟି ଟଙ୍କାର କୃଷି ଋଣ ପ୍ରଦାନ କରାଯାଇଛି। ୨୦୦୦-୦୧ ବର୍ଷରେ ୬.୪୦ ଲକ୍ଷ ଚାଷୀଙ୍କୁ ଦିଆଯାଇଥିବା ୪୩୮.୩୬ କୋଟି ଟଙ୍କା ଋଣ ତୁଳନାରେ ଏହି ଅଭିବୃଦ୍ଧି ବିଭାଗର ସଫଳତାକୁ ସୂଚିତ କରୁଛି । ଏତଦ୍ ବ୍ୟତୀତ ରାଜ୍ୟରେ ପାକ୍‌ସମାନେ ଚାଷୀଙ୍କୁ ପ୍ରାମାଣିକ ବିହନ ଓ ସାର ଯୋଗାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି । ପାକ୍‌ସମାନଙ୍କ ଦ୍ୱାରା ସେବା ପ୍ରଦାନକୁ ଆହୁରି ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ୨୨୯୫ ଗୋଟି ପାକ୍‌ସର କୋର ବ୍ୟାଙ୍କିଙ୍ଗ ସଲ୍ୟୁସନ ବ୍ୟବସ୍ଥାରେ କମ୍ପ୍ୟୁଟରୀକରଣ କରାଯାଇଛି ଯାହାକି ସାରା ଦେଶରେ ପ୍ରଥମ ଅଟେ। ତୃଣମୂଳ ସ୍ତରରେ ସ୍ୱଳ୍ପମିଆଦୀ ଋଣ ସେବା ବ୍ୟବସ୍ଥାର ସଂପ୍ରସାରଣ ପାଇଁ ୧୪୫୧ ଗୋଟି ● ପୃଷ୍ଠା ୮ ଦେଖନ୍ତୁ

ୟୁକ୍ରେନର ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ଘନଘନ ମିଶାଇଲ ମାଡ଼

ବିଶ୍ୱବ୍ୟାପୀ ରାଡ଼ିଏସନ ବ୍ୟାପିବା ଆଶଙ୍କା

ନୂଆଦିଲ୍ଲୀ, ୨୨।୫: ଦକ୍ଷିଣ ୟୁକ୍ରେନରେ ଥିବା ବିଶ୍ୱର ସର୍ବବୃହତ୍ତ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ରୁଷ ପକ୍ଷରୁ ଘନଘନ ମିଶାଇଲ ମାଡ଼ ସହ ଡ୍ରୋନ ଆକ୍ରମଣ ହୋଇଛି। ଏଥିରେ ପରମାଣୁ ନିୟନ୍ତ୍ରଣ କେନ୍ଦ୍ରଟି ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଛି। ଏପରିକି ଏଠାରୁ ବାହାରୁ ଆସୁଥିବା ବିଦ୍ୟୁତ ଯୋଗାଣକୁ ବନ୍ଦ କରି ଦିଆଯାଇଛି। ରୁଷ ପ୍ରଶାସନ ପକ୍ଷରୁ

ସଂକଟରେ ବିଶ୍ୱ

କୁହାଯାଇଛି ଯେ ହାଇଟେନସନ ଲାଇନ୍ କଟି ଯାଇଥିବାରୁ ପ୍ଲାଣ୍ଟକୁ ବାହାରୁ ଆସୁଥିବା ବିଦ୍ୟୁତ ଯୋଗାଣ ବନ୍ଦ ହୋଇ ଯାଇଛି। ତେବେ ବିଦ୍ୟୁତ ଯୋଗାଣ ବନ୍ଦ ହେବା କାରଣ ଯାଞ୍ଚ କରାଯାଉଛି। ପରମାଣୁ କେନ୍ଦ୍ରରେ ଡିଜେଲ ଜେନେରେଟର ସାହାଯ୍ୟରେ ବିଦ୍ୟୁତ ବ୍ୟାକ୍‌ଅପ୍ ବ୍ୟବସ୍ଥା କରାଯାଉଛି। ଏହା ପୂର୍ବରୁ ୟୁକ୍ରେନର ପରମାଣୁ ଏଜେନ୍ସି ସୋମବାର ସକାଳେ ଏନରଗୋଟମ ରୁଷ ଉପରେ ଆକ୍ରମଣ ପାୱାର ପ୍ଲାଣ୍ଟ କେନ୍ଦ୍ରରେ ଆକ୍ରମଣ ଅଭିଯୋଗ ଲଗାଇଥିଲା। ୨୦୨୨ ମାର୍ଚ୍ଚ ମାସରେ ଏହା ରୁଷ ସୈନ୍ୟଙ୍କ ନିୟନ୍ତ୍ରଣକୁ ଆସିବା ପରେ ସପ୍ତମ ଥର ପାଇଁ ପାୱାର ବ୍ଲାକ୍ ଆଉଟ ହୋଇଛି। ତେବେ ଜେନେରେଟର ପାଇଁ ୧୦ ଦିନ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଇନ୍ଧନ ରହିଛି। ଏଥିସହିତ ଚେତାବନୀ ଦିଆଯାଇ କୁହାଯାଇଛି ଯେ ଯଦି ୧୦ ଦିନ ଭିତରେ ଏଠାକୁ ବାହାରୁ ଆସୁଥିବା ବିଦ୍ୟୁତ ଯୋଗାଣ କରାନଯାଏ ତେବେ ଏଠାରୁ ନିର୍ଗତ ଭୟାନକ ରେଡିଏସନ ସାରା ବିଶ୍ୱକୁ ବ୍ୟାପିବା ସମ୍ଭାବନା ରହିଛି। ଯାହାର ପରିଣାମ ଖୁବ୍ ଗମ୍ଭୀର ହେବ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ରୁଷ ରବିବାର ରାତି ତମାମ ଏହି କେନ୍ଦ୍ର ଉପରେ ମିଶାଇଲ ଓ ଡ୍ରୋନ ଆକ୍ରମଣ ଜାରି ରଖିଥିଲା। ଯେଉଁଥିରେ ୮ ଜଣ ନାଗରିକ ମଧ୍ୟ ମୃତ୍ୟୁବରଣ କରିଥିଲେ।

■ ଝାରସୁଗୁଡ଼ାରେ ମହାନଦୀ ଟ୍ରିବ୍ୟୁନାଲ ■

ଓପିଜିସି ତାପଜ ବିଦ୍ୟୁତ କେନ୍ଦ୍ର ବୁଲି ଦେଖିଲେ

ଝାରସୁଗୁଡ଼ା, ୨୨।୫(ଭାସ୍କର ନ୍ୟୁଜ): ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠନ ହୋଇଥିବା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ସୋମବାର ଝାରସୁଗୁଡ଼ା ଗସ୍ତ କରିଛନ୍ତି। ସେମାନେ ଝାରସୁଗୁଡ଼ାର ବନହରପାଲିକୁ ଆସି ଇବ ଥର୍ମାଲସ୍ଥିତ ଓପିଜିସିର ଇନ୍‌ଟେକ୍ ପଏଣ୍ଟ ଓ ଓପିଜିସିର ତାପଜ ବିଦ୍ୟୁତ କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କରିଥିଲେ। ଏଥିପୂର୍ବରୁ ସମ୍ବଲପୁରର ବିଭିନ୍ନ ସ୍ଥାନରେ ଏହି ଟିମ୍ ମହାନଦୀର ସ୍ଥିତି ଅନୁଧ୍ୟାନ କରିଥିଲେ। ମହାନଦୀ ଜଳ ବିବାଦ ମାମଲାରେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଥିବା ଏହି ଟିମ୍ ପ୍ରଥମ ଦିନରେ ହୀରାକୁଦ ଡ୍ୟାମ, ବୁର୍ଲା ପାୱାର ହାଉସର ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ରବିବାର ଚିପିଲିମା ଓ ବରଗଡ଼ ମୁଖ୍ୟ କେନାଲ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଟିମରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଏ ଏମ ଖାନଉ୍ୱଲକର ଅଧ୍ୟକ୍ଷ ରହିଥିବା ବେଳେ ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ ରବି ରଞ୍ଜନ ଓ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଇନ୍ଦ୍ରମିତ କୌର କୋଚର ମଧ୍ୟ ଟିମରେ ସଦସ୍ୟ ରହିଛନ୍ତି। ସୂଚନାଯୋଗ୍ୟ ଯେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ମାଳମାଳ ବ୍ୟାରେଜ ନିର୍ମାଣ କରିବା ଫଳରେ ଓଡ଼ିଶାରେ ମହାନଦୀ ଶୁଖିଲା ପଡ଼ିଛି। ବିଶେଷ କରି ଖରାଦିନେ ମହାନଦୀ ସମ୍ପୂର୍ଣ୍ଣ ଶୁଖିଲା ରହୁଥିବାରୁ ଚାଷୀ ଓ ● ପୃଷ୍ଠା ୮ ଦେଖନ୍ତୁ

ଫିଜିର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହେଲେ ମୋଦୀ

ନୂଆଦିଲ୍ଲୀ , ୨୨।୫: ଫିଜି ରାଷ୍ଟ୍ରପତିଙ୍କ ପକ୍ଷରୁ ରାତୁ ୱିଲିୟମ ମୈବାଲିଲି କାଟୋନିଭେରେ ଏବଂ ପ୍ରଧାନମନ୍ତ୍ରୀ ରାବୁକା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ 'ଦ କମ୍ପାନିୟନ୍ ଅଫ୍ ଦି ଅର୍ଡର ଅଫ୍ ଫିଜି (ସିଏଫ୍) ରେ ସମ୍ମାନିତ କରିଛନ୍ତି । ଏହି ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଫିଜି ସରକାର ଏବଂ ଲୋକଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିସହ ଦୁଇ ଦେଶ ମଧ୍ୟରେ ବିଶେଷ ଏବଂ ସ୍ଥାୟୀ ସମ୍ପର୍କ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଭାରତର ଲୋକ ଏବଂ ଫିଜି-ଭାରତୀୟ ସମୁଦାୟର ପିଢ଼ିଙ୍କୁ ଏହି ସମ୍ମାନ ସମର୍ପିତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଭାରତ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ସହଯୋଗ ଫୋରମ(ଏଫଆଇପିଆଇସି)ର ତୃତୀୟ ସମ୍ମିଳନୀ ଅବସରରେ ପୋର୍ଟ ମୋରେସବୀଠାରେ ଫିଜି ପ୍ରଧାନମନ୍ତ୍ରୀ ସିତିବେନି ଲିଗାମାମାଡା ରାବୁକାଙ୍କୁ ଭେଟିଥିଲେ । ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ । ପ୍ରଧାନମନ୍ତ୍ରୀ ୨୦୧୪ ନଭେମ୍ବରରେ ତାଙ୍କ ଫିଜି ଗସ୍ତବେଳେ ଏଫଆଇପିଆଇସି ଗଠନ ହେବା ବାବଦରେ ସ୍ମରଣ କରିଥିଲେ । ସେବେଠାରୁ ● ପୃଷ୍ଠା ୮ ଦେଖନ୍ତୁ

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ମନ୍ତ୍ରିମଣ୍ଡଳର ଅଦଳବଦଳ
ଦାୟିତ୍ୱ ପାଇଲେ ବରିଷ୍ଠ,
କନିଷ୍ଠମାନଙ୍କ ମନ ଭାଙ୍ଗିଗଲା
ଫିଟିଗଲା ପୁଣି ହାଆର୍ଟ,
ପିନ୍ଧିଥାନ୍ତେ ମନ୍ତ୍ରୀ ମୁକୁଟ,
କଲ୍ କି ମେସେଜ କିଛି ଆସିଲାନି
ସାଥି ଦେଲାନାହିଁ କିସ୍ମତ !!

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ବ୍ଲକ କାଁପଡ଼ା ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ ସୋମବାର କରାଯାଇଛି। ବ୍ଲକ ଅଧକ୍ଷା ଅବନ୍ତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଗୃହର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର ଓ ସରପଞ୍ଚ କୁନ୍ତଳା ମଳିକ ଏହି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଭୀଷ୍ମଦେବ ଶତପଥୀଙ୍କ ସମେତ କେତେକ ଗ୍ରାମବାସୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ ଗୃହ ପାଇଁ ୩୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଦୀର୍ଘଦିନ ହେବ କାଁପଡ଼ାର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଭଡ଼ା ଘରେ ଚାଲି ଆସୁଥିଲା। ଏହି ନୂତନ ଗୃହ ନିର୍ମାଣ ହେଲେ ପଞ୍ଚାୟତର ଲୋକମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି।

କାଳବୈଶାଖୀର ତାଣ୍ଡବ ଲୀଳା,'ଭାଙ୍ଗିଲା ଘର'

ଆସିକା, (ଭାସ୍କର ନ୍ୟୁଜ୍): କାଳ ବୈଶାଖୀର ତାଣ୍ଡବରେ ଆସିକାର ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ପ୍ରଭାବରେ ଗଛ ପଡିଯାଇଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ ସଂଯୋଗ ବି ବିଚ୍ୟୁତ ହୋଇଥିଲା। ଲଗାତାର ଅପରାହ୍ନ ସମୟରେ କାଳ ବୈଶାଖୀ ରଚୁଛି ତାଣ୍ଡବ। ସେହିପରି ଗତ ୨୧ ତାରିଖ ଅପରାହ୍ନ ସମୟରେ ଆସିକା ଏନ୍ ଏ ସି ସ୍ଥିତ ୧୪ ନଂ ୱାଡର ରେଡିକା ସାହିର ତ୍ରୀନାଥ ମହାରଣାଙ୍କ ଘର ଉପରେ କାଳ ବୈଶାଖୀ ପ୍ରଭାବରେ ବିରାଟକାୟ ଗଛ ପଡି ଘରଟି ଭାଙ୍ଗିବା ସହ ବର୍ଷା ପ୍ରଭାବରେ ଆସବା ପତ୍ର ନଷ୍ଟ ହୋଇଯାଇଛି। ଇତି ମଧ୍ୟରେ ଆସିକା ଏନ୍ଏସି କାର୍ଯ୍ୟ ନିର୍ବାହ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନି ଶ୍ରମ ବିଭାଗ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶ୍ରମ ବିଭାଗ ପହଞ୍ଚିଥିଲେ। ଗଛକୁ କାଟିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏହା ପ୍ରଭାବରେ ପରିବାର ଲୋକ ଧର୍ଯ୍ୟ ହରାଇଥିଲେ। ଠିକ୍ ସେତିକି ବେଳେ ଆସିକା ଏନ୍ ଏ ସି ଅଧକ୍ଷା ବି ନେତା ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ନିଜସ୍ୱ ହାତ ପାଣ୍ଠି ରୁ ୫ ହଜାର ଟଙ୍କା ସାହାଯ୍ୟ କରିବା ସହ ଏନ୍ ଏ ସି ପକ୍ଷରୁ ଯାହା ପାଇବା ଅଧିକାର ତାହା ସାହାଯ୍ୟ କରାଯିବାକୁ ପ୍ରତିଶ୍ରୁତି ଦେଇ ଧର୍ଯ୍ୟ ଓ ସାହାସ ଦେଇଥିଲେ। ଏହି କାଳ ବୈଶାଖୀ ପ୍ରଭାବରେ ଆସିକା ଏନ୍ଏସି ରେ ବହୁ କ୍ଷତି ହୋଇଥିବା ପରିଲକ୍ଷିତ ହୋଇଛି।

ବଡ଼ଚଣା ଗ୍ରାମ ସ୍ୱାଗତ ତୋରଣ ଉଦ୍‌ଘାଟିତ

ବଡ଼ଚଣା,(ଭାସ୍କର ନ୍ୟୁଜ୍): ବଡ଼ଚଣା ଗ୍ରାମକୁ ପ୍ରବେଶ କରିବା ପାଇଁ ଏକ ତ୍ୱରୋଣ ନିର୍ମାଣ କରାଯାଇ ଏହାର ଉଦ୍‌ଘାଟନ ଆଜି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦ୍ୱାରା ହୋଇଅଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସମିତି ସଭ୍ୟ ମଧୁସୁଦନ ବଳ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ବିଧାୟକ ଶତପଥୀ ବଡ଼ଚଣା ପଞ୍ଚାୟତ ନିର୍ବାଚନ ମଣ୍ଡଳୀର ଏକ ମୁଖ୍ୟ ପଞ୍ଚାୟତ। ଏହି ପଞ୍ଚାୟତ ଅଧିନରେ ଥାନା, ଡ଼ାକ୍ତର ଖାନା, ବ୍ଲକ, ଆଦର୍ଶବିଦ୍ୟାଳୟ, ସବ୍‌ରେଜିଷ୍ଟ୍ରାର ଅଫିସ, ବହୁ ସରକାରୀ କାର୍ଯ୍ୟାଳୟ ରହିଅଛି । ପ୍ରତ୍ୟେକ ଗ୍ରାମକୁ ସଂଯୋଗୀ କରଣ ରାସ୍ତା ଓ ଗ୍ରାମର ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଅଛି। ଆଗାମୀ ଦିନରେ ବଡ଼ଚଣା ପଞ୍ଚାୟତ ଏକ ଆଦର୍ଶ ପଞ୍ଚାୟତ ହେବ ବୋଲି ବିଧାୟକ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ଗ୍ରାମର ମୁରବୀ ଅବସର ପ୍ରାପ୍ତ ଶିକ୍ଷକ ଗଙ୍ଗାଧର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତ, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ପଞ୍ଚାୟତ ବିଜେଡ଼ି ସଭାପତି ପ୍ରକାଶ ପ୍ରଧାନ, ପବନେଶ୍ୱର ଜେନା, କିଶୋର ସାମଲ, ସବିତା ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା, ରାସ୍ତା ନିମ୍ନମାନର ଅଭିଯୋଗ

କୁଜଙ୍ଗ,(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କାର୍ଯ୍ୟାଦେଶ ପ୍ରାପ୍ତ ଠିକାଦାରଙ୍କ କାର୍ଯ୍ୟକୁ ନେଇ ସଙ୍ଗିନ ଅଭିଯୋଗ ଉଠାଇଛନ୍ତି ବଗଦିଆ ପଞ୍ଚାୟତ ସମିତି ସଭ୍ୟ ପବିତ୍ର କୁମାର ସେଠୀ। ସେ ଗତ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ କରିଥିଲେ ଯେ, ସମ୍ପୃକ୍ତ ଠିକାଦାର ବନ୍ଧକୁ ପ୍ରଶସ୍ତ କରିବାକୁ ବାହାରୁ ମାଟି ଆଣିବା ବଦଳରେ ପୁରାତନ ବନ୍ଧ ପାର୍ଶ୍ୱରୁ ମାଟି ଉଠାଇ ରାସ୍ତା ଚଉଡା କରୁଛନ୍ତି। ଫଳରେ ବନ୍ଧର ମୂଳଦୁଆ ଦୁର୍ବଳ ହେବ ବୋଲି ଅଭିଯୋଗ କରିଥିଲେ। ପ୍ରକାଶ ଯେ, ସମ୍ପୃକ୍ତ ଠିକାଦାର ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମାଣଧୀନ ଏହି ରାସ୍ତା କୁଜଙ୍ଗ ଠାରୁ ସନ୍ତରା, ମଙ୍ଗରାଜପୁର ଦେଇ ସିକୁ ପର୍ଯ୍ୟନ୍ତ ନିର୍ମାଣ କରାଯିବ। ଯାହାର ଦୈର୍ଘ୍ୟ ପ୍ରାୟ ସାତ କିଲୋମିଟର ରହିଛି। ଏବେ ଠିକାଦାର ଜଣକ କାର୍ଯ୍ୟ ଝିମାଣୀ ଗ୍ରାମଠାରୁ ଝିମାଣୀ କଲେଜ ପର୍ଯ୍ୟନ୍ତ ରାସ୍ତାକୁ ଚଉଡା କରିବା ପାଇଁ ରାସ୍ତା ପାର୍ଶ୍ୱରେ ମାଟି ପକାଉଛନ୍ତି। ଏହି ମାଟି ବାହାରୁ ପରିବହନ କରି ଆଣିବା ବଦଳରେ ରାସ୍ତାର ଏକଦମ କଡରୁ ଜେସିବି ସହାୟତାରେ ଉଠାଯାଇ ରାସ୍ତା ଉପରେ ପକାଯାଉଛି। ଏନେଇ ବଗଦିଆ ପଞ୍ଚାୟତ ସମିତି ସଭ୍ୟ ପବିତ୍ର କୁମାର ସେଠୀ ଗତ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ଆଣିଥିଲେ। ବିଭାଗୀୟ ଏସଡିଓ ଏହି ଅଭିଯୋଗକୁ ସ୍ୱୀକାର କରିବା ସହିତ ଆମେ ସମ୍ପୃକ୍ତ ଠିକାଦାରଙ୍କୁ ଏନେଇ ନୋଟିସ କରିଛୁ। ସେ ବାହାରୁ ମାଟି ଆଣିବା ସହିତ ଉକ୍ତ ଖନନ ସ୍ଥାନକୁ ପୋତିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ବିଭାଗୀୟ ଅଧିକାରୀ ଏହି କଥା ଜାଣିଥିଲେ ମଧ୍ୟ କାହିଁକି ଠିକାଦାରଙ୍କୁ ପୂର୍ବରୁ ବାରଣ କରୁନଥିଲେ। କେବଳ ଏହି ଗୋଟିଏ ସଡକ ନିର୍ମାଣ କ୍ଷେତ୍ରରେ ନୁହେଁ ଅନେକ କ୍ଷେତ୍ରରେ ଅନିୟମିତତା ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟାଦେଶ ପ୍ରାପ୍ତ ଠିକାଦାରଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଶ୍ରୀ ସେଠୀ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଠିକାଦାର ଓ କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ, ଉକ୍ତ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଦାସ କୌଣସି କାର୍ଯ୍ୟ ଚାଲୁଥିଲା ବେଳେ ରହୁନଥିବାର ଅଭିଯୋଗ ହୋଇଛି। କନିଷ୍ଠ ଯନ୍ତ୍ରୀ ଶ୍ରୀ ଦାସ କାର୍ଯ୍ୟର ତଦାରଖ ନକରି ଅଫିସରେ ଏସି ଲଗାଇ ଶୋଇରହୁଥିବା ଅଭିଯୋଗ ହୋଇଛି। ଯେଉଁଥି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଲକ୍ଷ୍ୟାଧିକ ଟଙ୍କାର ବିଲ୍ ଦବା ପାଇଁ ପଡୁଛି। ଉକ୍ତ କନିଷ୍ଠ ଯନ୍ତ୍ରୀ ଶ୍ରୀ ଦାସଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ଉକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅସଲ ମୁଖା ଖୋଲିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଉକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତୁରନ୍ତ ଏଠାରୁ ବହିଷ୍କାର କରିବା ପାଇଁ ବିଭିନ୍ନ ଗଣସଂଗଠନ ତଥା ସାମାଜିକ କର୍ମୀ ଓ କୁଜଙ୍ଗ ଅଞ୍ଚଳର ବୁଦ୍ଧିଜୀବି ମାନେ ଦୃଢ ଦାବି କରିଛନ୍ତି।

ବ୍ୟବସାୟୀଙ୍କ ଖାତାରୁ ୯୫ ହଜାର ଟଙ୍କା ଗାଏବ

ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଦୁବଗଡ଼ିଆ ମେଜାରେ ରହୁଥିବା ବ୍ୟବସାୟୀ ଅୟସକାନ୍ତ ରାୟଙ୍କ ଷ୍ଟେଟ୍ ବ୍ୟାଙ୍କ୍ ଆକାଉଣ୍ଟରୁ କୌଣସି ଦୁର୍ବୃତ୍ତ ପର୍ଯ୍ୟାୟକ୍ରମେ ୯୫ ହଜାର ଟଙ୍କା ଉଠାଇ ନେଇଛି। ଏନେଇ ଶ୍ରୀ ରାୟ ଜାରକା ଶାଖାର ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସାଇବର ପୁଲିସ୍? ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଦୁବଗଡ଼ିଆ ବାସିନ୍ଦା ଶ୍ରୀ ରାୟ ଜାରକା ଏସ୍‌ବିଆଇ ଶାଖାରେ ଥିବା ଆକାଉଣ୍ଟ (ନଂ-୩୧୫୦୧୯୩୭୩୫୨)ରେ ଟଙ୍କା ଦେଣନେଣ କରନ୍ତି। ଗତ ଏପ୍ରିଲ ୧୮ ତାରିଖରୁ ମେ ୪ ତାରିଖ ମଧ୍ୟରେ ତାଙ୍କ ଅଜାଣତରେ କେହି ୮ଟି ପର୍ଯ୍ୟାୟରେ ୯୫ ହଜାର ଟଙ୍କା ଉଠାଇ ନେଇଛନ୍ତି। ଏପ୍ରିଲ ୧୮ ତାରିଖରେ ୨ ଥରରେ ୬ ହଜାର, ୧୯ ତାରିଖରେ ୩ ହଜାର, ୨୦ ତାରିଖରେ ୯ ହଜାର, ୨୬ ତାରିଖରେ ୧୫ ହଜାର ଟଙ୍କା, ୨୮ ତାରିଖରେ ୨ ଥରରେ ୨୦ ହଜାର ଟଙ୍କା ଲେଖାଏଁ ୨ ଥର ଓ ମେ ୪ ତାରିଖରେ ୪୫ ହଜାର ଟଙ୍କା ଡେବିଟ୍ କାର୍ଡ ମାଧ୍ୟମରେ ଉଠାଣ ହୋଇଛି। ତେବେ ୫ ହଜାର ଟଙ୍କା ଉଠାଣ ସମୟରେ ଗ୍ରାହକଙ୍କ ମୋବାଇଲକୁ ଓଟିପି ମେସେଜ୍ ଆସୁଥିବା ବେଳେ ତାଙ୍କୁ ଏନେଇ କୌଣସି ସୂଚନା ମିଳିନଥିବାରୁ ସେ ବିସ୍ମୟ ପ୍ରକାଶ କରିଛନ୍ତି। ଏପରିକି ଡେବିଟ୍ କାର୍ଡ ତାଙ୍କ ଘରେ ରହିଥିବା ବେଳେ ଏହା କିଭଳି ବ୍ୟବହାର ହେଲା ତାକୁ ନେଇ ଶ୍ରୀ ରାୟ ପ୍ରଶ୍ନ ଉଠାଇଛନ୍ତି।ଠକେଇର ଶିକାର ହୋଇଥିବା ଗ୍ରାହକଙ୍କୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସାହାଯ୍ୟ କରିବା ପରିବର୍ତ୍ତେ ହାତ ଛାଡ଼ିଦେବା ଘଟଣାକୁ ସେ ନାପସନ୍ଦ କରିଛନ୍ତି। ସାଇବର ପୋଲିସ୍ ଲୁଟ୍ ହୋଇଥିବା ଟଙ୍କାକୁ ତୁରନ୍ତ ଫେରାଇ ଆଣିବାକୁ ଶ୍ରୀ ରାୟ ନିବେଦନ କରିଛନ୍ତି।

କମ୍ରେଡ ଶିବଦାସ ଘୋଷଙ୍କ ଜନ୍ମ ଶତବାର୍ଷିକ ପାଳନ ଉପଲକ୍ଷେ ପଥପ୍ରାନ୍ତ ସଭା

ଜଗତସିଂହପୁର,(ଭାସ୍କର ନ୍ୟୁଜ୍) : ଏସୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ତଥା ମହାନ୍ ମାର୍କସବାଦୀ ଦାର୍ଶନିକ ଶିବଦାସ ଘୋଷଙ୍କ ଜନ୍ମ ଶତବାର୍ଷିକୀ ପାଳନ ଗତ ୨୦୨୨ ଅଗଷ୍ଟ ୫ ତାରିଖ ଦିନ ଜାତୀୟ ରାଜଧାନୀ ଦିଲ୍ଲୀରେ ଉଦଘାଟିତ ହୋଇଥିଲା ଓ ଆସନ୍ତା ୫ ଅଗଷ୍ଟ ଦିନ ପଶ୍ଚିମବଙ୍ଗର କଲିକତା ମ ?ହାନଗରୀର ବ୍ରିଗେଡ ଗ୍ରାଉଣ୍ଡ ରେ ଏକ ବିଶାଳ ଜନସଭା ମଧ୍ୟରେ ଉଦଯାପିତ ହେବ। ଏଥିପାଇଁ ଏସୟୁସିଆଇ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସମଗ୍ର ଭାରତବର୍ଷରେ ଜୋରଦାର ପ୍ରସ୍ତୁତି ଚାଲିଛି। ପଥପ୍ରାନ୍ତ ସଭା, ପୋଷ୍ଟର ଲଗାଇବା ଓ କାନ୍ଥଲେଖା କାର୍ଯ୍ୟକ୍ରମ ମାନ ଚାଲିଛି। ଗତକାଲି ଅପରାହ୍ନରେ ରଘୁନାଥପୁରର ବଡ଼ବଜାରରେ ବୁକ ଷ୍ଟଲ କରାଯାଇ କମ୍ରେଡ ଶିବଦାସ ଘୋଷଙ୍କ ଲିଖିତ ପୁସ୍ତକ ବିକ୍ରି କରା ଯାଇଛି। ତିନୋଟି ଯାକ ବଜାରରେ ସଂଗ୍ରାମ ପାଣ୍ଠି ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା କମିଟି ସଂପାଦକ ସୁବାସ ସ୍ୱାଇଁ, ମଙ୍ଗୁଳି ଦାସ, ପ୍ରମୋଦିନୀ ମିଶ୍ର , ଆଲୋକ ଭୋଇ, ରଘୁନାଥପୁର ସଂଗଠକ ଶ୍ୟାମ ସିଂ କଟକ ଜିଲ୍ଲା କମିଟି ସଭ୍ୟ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ରେଣୁବାଳା ମହାରଣା, ବୁଦ୍ଧଦେବ ଭୋଇ, ସନ୍ତୋଷ ଭୋଇ, ସସ୍ମିତା ସାହୁ ପ୍ରମୁଖ କର୍ମୀମାନେ ଅଂଶଗ୍ରହଣ କରିଥିଲେ। ପ୍ରକାଶ ଥାଉ କି, ଏହି ପାର୍ଟି ୧୯୪୮ ମସିହା ଏପ୍ରିଲ ୨୪ ତାରିଖ ଦିନ ପଶ୍ଚିମବଙ୍ଗର ଜୟନଗର ଠାରେ ପ୍ରତିଷ୍ଠା କରାଯାଇଥିଲା।

ସ୍ୱାସ୍ଥ୍ୟକେନ୍ଦ୍ରର ୨ଟି ନୂତନ ଗୃହର ଶିଳାନ୍ୟାସ

ବଡ଼ଚଣା,(ଭାସ୍କର ନ୍ୟୁଜ୍): ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୨ଟି ନୂତନ ଗୃହର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କଟକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଆଦି ଜିଲ୍ଲାର ଲୋକମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାପାଇଁ ଏହି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ବହୁତ। ଏଥିପାଇଁ ଏହାର ଆବଶ୍ୟକୀୟ ଗୃହ ଓ ନୂତନ ଯନ୍ତ୍ରପାତି ସହିତ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରିବା ପାଇଁ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାପାଇଁ ସେ ଗୃରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ାକ୍ତର ଅଶୋକ ମିଶ୍ର, ବିଭାଗୀୟ ସହକାରୀ ଯନ୍ତ୍ରୀ ସ୍ମିଗ୍ଧାରାଣୀ ଦାସ, କନିଷ୍ଠ ଯନ୍ତ୍ରୀ ଶଚିକାନ୍ତ ଜେନା ଜିଲ୍ଲାପରିଷଦ ସଭ୍ୟ ରବିନ୍ଦ୍ର ସାମଲ, ଗଣେଶ୍ୱର ବରାଳ, ଯତିନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧକ୍ଷତା ମିନତୀ ସେନାପତି, ବିଭାସ ଚନ୍ଦ୍ର ନନ୍ଦ, ମିହୀର ସ୍ୱାଇଁ, ଅମର ମହାନ୍ତି, ସଂଜୟ ସ୍ୱାଇଁ, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ପ୍ରକାଶ ପ୍ରଧାନ, ମଧୁସୁଦନ ବଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣଧିନ ପ୍ରଶାସନିକ ଗୃହ ପାଇଁ ୬୩ ଲକ୍ଷ ୮୩ହଜାର ଟଙ୍କା ଓ କର୍ମଚାରୀଙ୍କ ବାସଗୃହ ପାଇଁ ୩୫ଲକ୍ଷ ୩୧ ହଜାର ଟଙ୍କା ଅନୁଦାନରେ ନିର୍ମାଣ ଧିନ ଏହି ଗୃହ ୨ଟି ଆଗାମୀ ୪ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରି ଲୋକମାନଙ୍କ ସେବାରେ ନିୟୋଜିତ ହେବ ବୋଲି ଜଣାଯାଇଛି।

ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପାରାଦୀପ, (ଭାସ୍କର ନ୍ୟୁଜ): ଚଳିତବର୍ଷ ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳ ରେ କୃତିତ୍ୱ ଅର୍ଜନ କରିଥିବା ପାରାଦୀପ ଅଞ୍ଚଳ ର ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଆମ ପାରାଦୀପ ଆମ ପ୍ରଗତି ଓ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଙ୍ଘ ତରଫରୁ ପାରାଦୀପ ନୂଆବଜାର କାର୍ଯ୍ୟାଳୟ ରେ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶିତ ହେବାପରେ ପାରାଦୀପ ରେ ରହିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉନ୍ନତ ଫଳାଫଳ ସହିତ ବିଦ୍ୟାଳୟ ଓ ଅଭିଭାବକମାନଙ୍କ ପାଇଁ ଏକ ଗୌରବ ଅର୍ଜନ କରିଛନ୍ତି। ଯାହାକୁ ନେଇ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଙ୍ଘ ଓ ଆମ ପାରାଦୀପ ଆମ ପ୍ରଗତିର ଉପଦେଷ୍ଟା ବାପି ସରଖେଲଙ୍କ ଆହ୍ୱାନ କ୍ରମେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବାପି ସରଖେଲଙ୍କ ସହିତ ପାରାଦୀପ ପୌର ଉପାଧକ୍ଷା ଓ ବିଭିନ୍ନ ୱାର୍ଡର ପାରିଷଦମାନଙ୍କ ସହିତ ଆମ ପାରାଦୀପ ଆମ ପ୍ରଗତିର ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ଚଳିତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଦିନରେ ସଂଗଠନ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପ୍ରଦାନ କରାଯିବା ସହିତ ପିଲାମାନେ କିପରି ଆଗାମୀ ଦିନରେ ନିଜର ପାଠପଢାକୁ ଗୁରୁତ୍ୱ ଦେଇ ସମାଜ ରେ ପ୍ରତିଷ୍ଠା ହାସଲ କରିବେ। ଏ ନେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଅବସରରେ ପରାମର୍ଶ ଦେଇଛନ୍ତି ବାପି ସରଖେଲ। ତେବେ ପ୍ରଥମ ଥର ପାଇଁ ଆମ ପାରାଦୀପ ଆମ ପ୍ରଗତି ଓ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଙ୍ଘ ତରଫରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବାକୁ ନେଇ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ସଂଗଠନ ର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଛନ୍ତି।

ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ଅଭିଯୋଗ

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନ ଶଙ୍କରପୁର-କନାଟିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତପସ୍ୱିନୀ ନାୟକ, ସବିତା ନାୟକ, ଗୀତାରାଣୀ ନାୟକ, ମିଲିରାଣୀ ନାୟକ ପ୍ରମୁଖ ଜିଲା ଶିକ୍ଷାଧିକାରୀ, ଜିଲାପାଳ, ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭି

କଟକ(ଭାସ୍କର ନ୍ୟୁଜ୍): ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । "ଭୂତାଣୁ ଭୂତର ଭିତିରି କଥା" ଶୀର୍ଷକ ଆଲୋଚନାରେ ପ୍ରଫେସର ଡାକ୍ତର ବ୍ରହ୍ମାନନ୍ଦ ଦାସ ମୁଖ୍ୟବକ୍ତାଭାବେ ଯୋଗ ଦେଇ କହିଲେ ଯେ ପୃଥିବୀରେ ଯେତେ ମହାମାରୀ ଘଟିଛି ସବୁଗୁଡିକ ଭୂତାଣୁ ଜନିତ । ପୃଥିବୀରୁ ଡାଇନୋସର ବିଲୋପ ସମ୍ଭବ କିନ୍ତୁ ଭୂତାଣୁର ନୁହେଁ ଆମେ ଭୂତାଣି ସହ ଜୀବନଯାପନ କରିବାକୁ ହେବ । ଏବଂ ବାରମ୍ବାର ଭୂତାଣୁ ଯୁଦ୍ଧର ସାମନା କରିବାକୁ ହେବ । କରୋନା ତାର ଏକ ଉଦାହରଣ । ଏହି ସଭାରେ ସଂଘର ସଭାପତି ଦେବେନ୍ଦ୍ର ସୂତାର ଅଧ୍ୟକ୍ଷତା କରିଥିଲେ । ସହ ସଂପାଦକ ଦୁର୍ଯ୍ୟୋଧନ ସାହୁ ବିବରଣୀ ପାଠ କରିଥିଲେ । ପ୍ରଦୀପ କୁମାର ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଇଂ କୃଷ୍ଣ କୁମାର ଦାସବର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

ଆଉ ଡାକ୍ତରଙ୍କ ଅଭାବ ରହିବନି

'ଡିସେମ୍ବର ସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ କରାଯିବ'

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍):୨୦୨୩ ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସମସ୍ତ ଖାଲିଥିବା ଡାକ୍ତର ପଦବୀ ପୂରଣ କରାଯିବ । ସ୍ୱାସ୍ଥ୍ୟ ବିଭାଗର ଉପଲବ୍ଧି ସଂପର୍କରେ ସୂଚନା ଦେଇ ସୋମବାର ଏହି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ରାଜ୍ୟରେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ ମେଡ଼ିକାଲ ଶିକ୍ଷା ପ୍ରତିଷ୍ଠାନ ଥିବା ଯୋଗୁ ଡାକ୍ତର, ପାରାମେଡିକାଲ କର୍ମଚାରୀ, ନର୍ସିଂ ଅଫିସର ଆଦିଙ୍କର ଘୋର ଅଭାବ ପରିଲକ୍ଷିତ ହେଉଥିଲା । ସେଥିପାଇଁ ପ୍ରାଥମିକତା ଭିତ୍ତିରେ ଗତ ୧୦ ବର୍ଷରେ ଆଠଟି ନୂଆ ମେଡ଼ିକାଲ କଲେଜ ଓ ଦୁଇଟି ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ସ୍ଥାପନ, ନର୍ସିଂ ସ୍କୁଲଗୁଡିକୁ କଲେଜରେ ରୂପାନ୍ତରଣ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଦି କାମ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ ହୋଇଛି । ଓଡ଼ିଶାରେ ୨୦୦୦ମସିହାରେ ମାତ୍ର ୩୨୧ ଏମ୍.ବି.ବି.ଏସ୍. ଡାକ୍ତର ଏବଂ ୨୫୪ ଜଣ ବିଶେଷଜ୍ଞ ଡାକ୍ତର ବାହାରୁଥିବାବେଳେ ବର୍ତ୍ତମାନ ତାହା ଯଥାକ୍ରମେ ୨୨୦୦ ଓ ୮୨୬ କୁ ବୃଦ୍ଧି ପାଇଛି । ଡାକ୍ତର ଆବଶ୍ୟକତା ଦୃଷ୍ଟିରୁ ସମ୍ପ୍ରତି ଓଡ଼ିଶା ଏକ ଉଦ୍‌ବୃତ ରାଜ୍ୟରେ ପରିଣତ ହୋଇଛି ଏବଂ ୨୦୨୩ ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସମସ୍ତ ଖାଲିଥିବା ଡାକ୍ତର ପଦବୀ ପୂରଣ କରାଯିବ। କର୍କଟ ରୋଗୀଙ୍କର ଅସହାୟତାକୁ ହୃଦୟଙ୍ଗମ କରି ନିରାଶ ଜୀବନରେ ଆଶାର ସଂଚାର କରିବାର ମାନବୀୟ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ପ୍ରତିଷ୍ଠା ହେଉଛି ବାଗଚି ଶ୍ରୀଶଙ୍କର କର୍କଟ ରୋଗ ଚିକିତ୍ସା ପ୍ରତିଷ୍ଠାନ, ବାଗଚି କରୁଣାଶ୍ରୟ ପାଲିଏଟିଭ କେୟାର ସେଂଟର ଏବଂ ନାଇଜର ପରିସରରେ ଷ୍ଟେଟ ଅଫ ଆର୍ଟ କ୍ୟାନସର ହସପିଟାଲ । ଏଥିସହ ସମସ୍ତ ଜିଲ୍ଲା ଚିକିତ୍ସାଳୟରେ ମାଗଣା କେମୋଥେରାପି ସୁବିଧା କରାଯାଇଛି । ସମସ୍ତ ଜିଲ୍ଲା ଚିକିତ୍ସାଳୟରେ ଡାୟାଲିସିଶ ସେବା ଉପଲବ୍ଧ ହୋଇଛି । ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଆହୁରି ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କରେ ସମସ୍ତଙ୍କ ପାଇଁ ନିଃଶୁଳ୍କ ସେବା ଯୋଗାଇ ଦିଆଯାଉଥିବାବେଳେ ରାଜ୍ୟର ୯୬.୫ ଲକ୍ଷ ପରିବାରର ୩.୩. କୋଟିରୁ ଅଧିକ ଉପଭୋକ୍ତାଙ୍କ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ୭୦୦ ପ୍ରମୁଖ ତଥା ନାମକରା ଘରୋଇ ଚିକିତ୍ସାଳୟରେ ପୁରୁଷଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ମୂଲ୍ୟର ଚିକିତ୍ସା ଉପଲବ୍ଧ କରାଯାଇଛି ।ଏଥିରେ ପ୍ରତିମାସରେ ପ୍ରାୟ ୨୨୫ କୋଟି ଟଙ୍କା ମୂଲ୍ୟର ସେବା ପାଖାପାଖି ୧ ଲକ୍ଷ ରୋଗୀ ପାଇ ପାରୁଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ କହିଲେ ଯେ ମେଡ଼ିକାଲ କଲେଜର ସ୍ୱାସ୍ଥ୍ୟସେବା ଏବେ ରାଜ୍ୟର କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଭଳି ଉପାନ୍ତ ଜିଲ୍ଲାରେ ଉପଲବ୍ଧ । "ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା'' ଅଧୀନରେ ମେଡ଼ିକାଲ କଲେଜର ବିଶେଷଜ୍ଞ ଡାକ୍ତରମାନଙ୍କୁ ଉଡାଜାହାଜ ଯୋଗେ ନେଇ ସମ୍ପୃକ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଉନ୍ନତମାନର ସେବା ଯୋଗାଇ ଦିଆଯାଉଛି । ରାଜ୍ୟ ସମଗ୍ର ଦେଶରେ ସର୍ବାଧିକ ଶିଶୁମୃତ୍ୟୁ ହ୍ରାସ, ଦ୍ୱିତୀୟ ସର୍ବାଧିକ ମାତୃମୃତ୍ୟୁ ହ୍ରାସ, ସର୍ବାଧିକ ଟିକାକରଣ, ସର୍ବାଧିକ ମ୍ୟାଲେରିଆ ନିୟନ୍ତ୍ରଣ, ଦ୍ୱିତୀୟ ସର୍ବାଧିକ ଯକ୍ଷ୍ମା ନିୟନ୍ତ୍ରଣ, ପ୍ରଜନନ ହାରରେ ଆଶାତୀତ ହ୍ରାସ, ମହିଳାମାନଙ୍କ ଋତୁସ୍ରାବ ସମ୍ପର୍କିତ ସ୍ୱଚ୍ଛତା କ୍ଷେତ୍ରରେ ଜାତୀୟ ହାର ଅପେକ୍ଷା ଅଧିକ ସଫଳତା ଆଦି ପ୍ରାପ୍ତ ହୋଇଛି । ଓଡ଼ିଶାକୁ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନର ସୁଅ ଛୁଟିଛି । ୨୦୨୩-୨୪ ସ୍ୱାସ୍ଥ୍ୟ ବଜେଟରେ ମୋଟ ୧୫,୭୫୬ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି, ଯାହା ୨୦୦୦-୨୦୦୧ ବଜେଟ(୫୫୦ କୋଟି ଟଙ୍କା) ତୁଳନାରେ ୩୦ ଗୁଣ ଅଧିକ। ଚଳିତ ବର୍ଷର ସମୁଦାୟ ବଜେଟ ପରିମାଣର ୭% ହେଉଛି ସ୍ୱାସ୍ଥ୍ୟ ବଜେଟ ବୋଲି ଶାସନ ସଚିବ ପ୍ରକାଶ କରିଛନ୍ତି।

ଜଟଣୀ ଶିଳ୍ପାଞ୍ଚଳରେ ଆଇଟିସି ସମନ୍ୱିତ ଗ୍ରାହକ ଉତ୍ପାଦ ଓ ଉତ୍ପାଦନ ଏବଂ ଲଜିଷ୍ଟିକ୍ସ ସୁବିଧାକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଚନ୍ଦ୍ରର ନିକଟତର ହେବ ଶୁକ୍ର

ପ୍ଲାନେଟୋରିୟମ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆସନ୍ତାକାଲି (ମଙ୍ଗଳବାର)ଠାରୁ ଜୁନ ୧୫ ଯାଏଁ ଚନ୍ଦ୍ରର ଅତି ନିକଟରୁ ଦେଖାଯିବ ଶୁକ୍ର ଗ୍ରହ। ପ୍ରତିଦିନ ସନ୍ଧ୍ୟାରେ ପ୍ରାୟ ୨ ଘଣ୍ଟା ଶୁକ୍ରକୁ ପଶ୍ଚିମ ଆକାଶରେ ଦେଖିହେବ। ଆକାଶ ନିର୍ମଳ ଥିଲେ ସନ୍ଧ୍ୟା ୬ଟା ୩୦ରୁ ୯ଟା ୧୫ ଯାଏଁ ଶୁକ୍ର ଦେଖାଦେବ। ଏହି ମହାଜାଗତିକ ଦୃଶ୍ୟ ଦେଖିବାକୁ କାଲି ସନ୍ଧ୍ୟା ୬ଟା ୩୦ରୁ ୮ଟା ଯାଏଁ ପ୍ଲାନେଟାରିୟମ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏନେଇ ପଠାଣି ସାମନ୍ତ ପ୍ଲାନେଟୋରିୟମର ଉପ ନିର୍ଦ୍ଦେଶକ ଡ଼.ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି ଯେ ଓଡିଶା ତଥା ଭାରତର ସବୁ ଅଂଚଳରୁ ଆକାଶ ମେଘମୁକ୍ତ ଥିଲେ ଏହାକୁ ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟା ୬ଟା୩୦ରୁ ୯ଟା୧୫ ଯାଏଁ ଦେଖିହେବ। ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟା ୬ଟା ୩୦ରୁ ୮ଟା ଯାଏଁ ପ୍ଲାନେଟୋରିୟମରେ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିହେବ।

ପେନ୍ ହସ୍ପିଟାଲରେ ଅଗ୍ନିକାଣ୍ଡ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସୋମବାର ଅପରାହ୍ନରେ ମାଷ୍ଟର କ୍ୟାଣ୍ଟିନ୍‌ରେ ଥିବା ସବୁଠାରୁ ପୁରୁଣା ଦୋକାନ ପେନ୍ ହସ୍ପିଟାଲରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ବିଭିନ୍ନ ଷ୍ଟେସନାରୀ, ଅଫିସ ସାମଗ୍ରୀ ଓ ବିଭିନ୍ନ ପ୍ରକାର କଲମର ଗନ୍ତାଘର ଏହି ପେନ୍ ହସ୍ପିଟାଲ। ଅଗ୍ନିକାଣ୍ଡ ଖବର ମିଳିବା ପରେ ଦୁଇଟି ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବେଶ୍ କିଛିସମୟର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିରେ ବହୁ ପରିମାଣରେ ସାମଗ୍ରୀ ପୋଡ଼ିଯାଇଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ୍ ସଟ୍ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ବଢ଼ିଲା ରସଗୋଲା ଦର

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବଢିଛି ରସଗୋଲା ଦର। ନୂଆ ରେଟରେ ମିଳିବ ରସଗୋଲା ଏବଂ ଛେନାପୋଡ଼ । ମଙ୍ଗଳବାର ଠାରୁ ବର୍ଦ୍ଧିତ ଦର ଲାଗୁହେବ। ମଙ୍ଗଳବାର ଠାରୁ ୫ ଟଙ୍କିଆ ମିଠା ଦର ବୃଦ୍ଧି ପାଇ୬ ଟଙ୍କା ହେବ। ସେହିପରି ୧୦ ଟଙ୍କା ମିଠା ୧୨ ଟଙ୍କାରେ, ୨୦ ଟଙ୍କା ମିଠା ୨୫ ଟଙ୍କାରେ, ଛେନାଗଜା କେଜି ପ୍ରତି ୨୨୦ ଟଙ୍କା ଓ ଛେନାପୋଡ଼ ୨୮୦ ଟଙ୍କାରେ ବିକ୍ରି କରାଯିବ। ଏହାସହ କାଲିଠାରୁ ପାହାଳ ରସଗୋଲା ଦୋକାନ ଖୋଲିବ। ସୂଚନାଯୋଗ୍ୟ ଯେ ଛେନା ଦର ବୃଦ୍ଧିକୁ ନେଇ ପାହାଳ ବଜାର ୩ ଦିନ ଧରି ବନ୍ଦ ରହିଥିଲା। ନିକଟରେ ଛେନା ଦର ବୃଦ୍ଧି ହୋଇଥିବାରୁ ଏହାକୁ ନେଇ ପାହାଳର ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଆସୁଥିଲେ। ଏପରିକି ସେମାନେ ଦରବୃଦ୍ଧି ଦାବିରେ ଦୁଇଦିନ ଧରି ଦୋକାନ ବନ୍ଦ କରିଦେଇଥିଲେ।

ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିୟାଡ଼ ଅନୁଷ୍ଠିତ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିୟାଡ଼ ରେଭେନ୍ସା କଲିଜିଏଟ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଉଦଘାଟନ କରି ନିଜ ଉଦ୍ଭାଟନୀ ଅଭିଭାଷଣରେ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗଶିକ୍ଷାର ଉପାଦେୟତା ଓ ଆବଶ୍ୟତକତା, ବିଶ୍ୱକୁ ଭାରତୀୟ ଯୋଗୀ, ମୁନିଋଷି ମାନଙ୍କର ଯୋଗ ସମ୍ବନ୍ଧୀୟ ଅବଦାନ ଓ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କର ଯୋଗ ଶିକ୍ଷାର ଅପରିହାର୍ଯ୍ୟତା ପ୍ରଭୃତି ବିଷୟରେ ବହୁତ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ଶାରୀରିକ ଶିକ୍ଷା ପରିଦର୍ଶିକା ସୌଦାମିନୀ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ! ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ସନ୍ତୋଷ କୁମାର ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ଯୋଗ ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିବା ସହିତ ମନୋନୀତ ଛାତ୍ରଛାତ୍ରୀମାନଙ୍କର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଷଡ଼ଙ୍ଗୀ, ପ୍ରଦୀପ୍ତ କୁମାର ନାୟକ ରେଭେନ୍ସା କଲିଜିଏଟ ସ୍କୁଲର ବରିଷ୍ଠ ଶିକ୍ଷକ ନନ୍ଦନ କୁମାର ମହାନ୍ତି,ବିଶିଷ୍ଟ ଶିକ୍ଷାବିତ ମିହିର କୁମାର ପରିଡା, ଶିକ୍ଷକ ବିଶ୍ୱନାଥ ମିଶ୍ର, ଦିଲୀପ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ଅଞ୍ଜଳି ଦାସ, ଅଜୟ କୁମାର ପ୍ରଧାନ, ଜ୍ଞାନରଞ୍ଜନ ଧଳ ,ସ୍ୱାତୀ ପ୍ରିୟଦର୍ଶିନୀ,ନିଁଲେନ୍ଦ୍ରି ସାହୁ, ରାଜଲକ୍ଷ୍ମୀ ଜେନା, ମୋଜେସ ବେହେରା ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କର ଯୋଗ ପ୍ରତଯୋଗିତା ପରିଚାଳନା ଓ ମୂଲ୍ୟାୟନ କରିଥିଲେ ଓ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ରୁ ଶତାଧିକ ଛାତ୍ରଛାତ୍ରୀ ଏହି ଯୋଗ ଅଲିମ୍ପିୟାଡ଼ରେ ଭାଗ ନେଇଥିଲେ। ଜିଲ୍ଲାସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଭୁବନେଶ୍ୱର ଠାରେ ଆସନ୍ତା ୨୪ତାରିଖରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିୟାଡ଼ରେ ଅଂଶଗ୍ରହଣ କରିବେ।

ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏସନ ଠାରେ ରକ୍ତଦାନ ଶିବିର

କଟକ (ଭାସ୍କର ନ୍ୟୁଜ୍): କଟକର ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏସନ ଠାରେ, କମିଶନରେଟ୍ ପୁଲିସ, କଟକ ଭୁବନେଶ୍ୱର ଓ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏସନ ପକ୍ଷରୁ ମିଳିତ ଭାବେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ କଟକ ଖାଉଟି ଅଦାଲତର ଅଧ୍ୟକ୍ଷ ଦେବାଶିଷ ନାୟକ ମୁଖ୍ୟ ଅତିଥି ଭାବେ ଓ କଟକ ର ଏଡିସିପି ସେଖ୍ ସରିଫୁଦ୍ଦିନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ୭୨ ଜଣ ଆଇନଜୀବୀ ରକ୍ତ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆସୋସିଏସନର ସଭାପତି ସୟଦ୍ ମେହେବୁବ୍ ଅଲ୍ଲୀ, ସମ୍ପାଦକ ଜ୍ଞାନେନ୍ଦ୍ର ପରିଡା, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଆସୋସିଏସନ୍‌ର ପୂର୍ବତନ ସଭାପତି ଦେବାଶିଷ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ମହାପାତ୍ର, ସହ ସମ୍ପାଦକ ସୁଜିତ୍ ସ୍ୱାଇଁ, ସଦସ୍ୟ ପ୍ରଭାସ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ପ୍ରତ୍ୟୁଷ ବାରିକ, ପୂର୍ଣ୍ଣିମା ସାହୁ, ସମିମ୍ ଅକବର, ବିକ୍ରମ ସାହୁ ପ୍ରମୁଖ ବହୁ ଆଇନଜୀବୀ ସହାୟତା କରିଥିଲେ।

ବସ୍ତିବାସିନ୍ଦା ବାରମ୍ବାର ବିପର୍ଯ୍ୟୟର ସମ୍ମୁଖୀନ

ଘର ଭଙ୍ଗା ସହାୟତା ଓ ସ୍ଥାୟୀ ଘର ଦାବିରେ ସିଏମ୍‌ସି ସମ୍ମୁଖରେ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ୍): ବସ୍ତି ବାସିନ୍ଦାଙ୍କ ଘର ଭଙ୍ଗା ସହାୟତା ଓ ପଟ୍ଟା ସହ ସ୍ଥାୟୀ ଘର ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମସି ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚରଲ ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ବସ୍ତି ନେତା ଦିପକ ଦାସ,ବିଷ୍ଣୁ ନାୟକ, ସିପ୍ରା ମହାନ୍ତି, ସାଗର ଘଡାଇ, ଯୋଗୀ ନାୟକ, ଆରତୀ ନାୟକ ମିନା ନାୟକ,ରାଇସେନ ମାରାଣ୍ଡି, ଧନୁ ମାରାଣ୍ଡି, ବୁଦ୍ଧିଆ ସାମାଡ ପ୍ରମୁଖ ନେତୃତ୍ୱ ନେଇଥିଲେ। ୧୯ତାରିଖ ଅପରାହ୍ନରେ ଭୟଙ୍କର ୫ଡବର୍ଷାରେ ପ୍ରଶାସନ ଉଚ୍ଛେଦ କରି ରଖିଥିବା ବସ୍ତି ଓ ଅନ୍ୟାନ୍ୟ ବସ୍ତିଗୁଡିକର କିଛି ଘର ଭାଙ୍ଗିବା ଓ ଅନେକ ଘରର ଆଜବେଷ୍ଟସ୍ ଓ ଟିଣ ସିଟ୍ ଉଡିଯିବା ଦ୍ୱାରା ବହୁ ଆସବାବ ପତ୍ର ନଷ୍ଟ ହୋଇଛି । ଦୁଇବର୍ଷ ପୂର୍ବରୁ ବସ୍ତି ଗୁଡିକୁ ଆଇନ ସମ୍ମତ ଉପଯୁକ୍ତ ଥଇଥାନ ନକରି ହଜାର ହଜାର ପରିବାରକୁ ନଦୀ ସଜ୍ୟା ରେ ବେଆଇନ ଭାବେ ଜଗତପୁର ବିରୂପା କୂଳ ନିମପୁର ଠାରେ ଏବଂ କାଠଯୋଡ଼ି କୂଳ ବାଲିସାହି ଠାରେ ରଖାଗଲା। ବସ୍ତିଗୁଡିକୁ ଆଇନ ସମ୍ମତ ଥଇଥାନ ନ କରାଯାଇ ସ୍ଥାୟୀ ଘର ନଦେବା ଫଳରେ ବସ୍ତି ବାସିନ୍ଦାମାନେ ବାରମ୍ବାର ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି । ଆକସ୍ମିକ ଭାବେ କୌଣସି ବଡ ଧରଣର ପ୍ରାକୃତିକ ବିପର୍ଯ୍ୟୟ ହେଲେ ବହୁ ଧନ ଜୀବନ ଯିବାର ଆଶଙ୍କା ରହିଛି । ବର୍ତ୍ତମାନ ସ୍ଥିତିରେ ଜଗତପୁର ନିମପୁରର ବିରୂପା କୂଳ ବସ୍ତିଗୁଡିକର ଓ କାଠଯୋଡି କୂଳ ବାଲିସାହି ବସ୍ତିଗୁଡିକର ଅନେକ ବାସିନ୍ଦା ସେମାନଙ୍କର ପିଲାଛୁଆ ଧରି ଖୋଲା ଆକାଶ ତଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଭିତରେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଏଥି ସହିତ ସିଡିଏ ୧୧ ନମ୍ବରରୁ ୧୩ ନମ୍ବର ପର୍ଯ୍ୟନ୍ତ କାଠଯୋଡ଼ି କୂଳ ରେ ଅଧିକାଶଂ ବସ୍ତି ବାସିନ୍ଦାଙ୍କ ଜରି ପାଲ କୁଡିଆ ଉଡି ଯାଇଛି। ସେମାନଙ୍କ ପାଖକୁ ପ୍ରଶାସନ ଯାଇନାହିଁ। ଏହିଭଳି ଦୟନୀୟ ପରିସ୍ଥିତିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମସି ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇ ଜଗତପୁର ବିରୁପାକୂଳ ବସ୍ତି ଓ କାଠଯୋଡି କୂଳ ବାଲି ସାହି ବସ୍ତିରେ ୫ଡ ବର୍ଷାରେ କେତେକ ଘର ସଂପୂର୍ଣ୍ଣ ଭାଙ୍ଗିଥିବା ଏବଂ ଅନେକ ଘରର ଆଜବେଷ୍ଟସ୍ ସିଟ ଉଡିଯାଇଥିବା ଫଳରେ ସମସ୍ତ ଆସବାବ ପତ୍ର ନଷ୍ଟ ହୋଇଯାଇଥିବାରୁ ସେହି କ୍ଷତିଗ୍ରସ୍ତ ପରିବାରଗୁଡିକୁ ଅବିଳମ୍ବେ ଘର ନିର୍ମାଣ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦେବା, ଦୁଇବର୍ଷ ପୂର୍ବରୁ ପ୍ରଶାସନ ଦ୍ୱାରା ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇ ଜଗତପୁର ବିରୁପାକୂଳରେ ଏବଂ କାଠଯୋଡ଼ି କୂଳ ବାଲିସାହିରେ ବସ୍ତିଗୁଡିକର ରଖାଯିବା ଦିନରୁ ବାସିନ୍ଦାମାନେ ବାରମ୍ବାର ପ୍ରାକୃତିକ ବିପର୍ଯ୍

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଉରୁମ କେଲା ଗ୍ରାମର ସ୍ୱର୍ଗତ ବୁଦ୍ଧିଆ କିଷାନଙ୍କ ପୁଅ ମନୋଜ କିଷାନ (୩୮) ଗତମାସ ୧୫ ତାରିଖ ଦିନ ନିଜ ସ୍କୁଟିରେ ଯାଉଥିବା ବେଳେ ୧୪୩ ନମ୍ବର ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଫଳରେ ତାକୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରି ଦେଇଥିଲେ । ଏବଂ ସେଠାରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେବାରୁ ଡାକ୍ତର ଜୟ ପ୍ରକାଶ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ସେହିଦିନଠାରୁ ମନୋଜ କିଷାନ ଜେପି ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ହେଉଥିଲେ । ଗତକାଲି ଶୁକ୍ରବାର ଦିନ ଜେପି ହସ୍ପିଟାଲରୁ ଡିସଚାର୍ଜ ହୋଇ ଘରକୁ ଆସୁଥିବା ବେଳେ ଅଧା ବାଟରେ ତାର ମୃତ୍ୟୁ ଘଟିଥିଲା । ସେହିଦିନଠାରୁ ମନୋଜ କିଷାନ ଜେପି ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ହେଉଥିଲେ । ଗତକାଲି ଶୁକ୍ରବାର ଦିନ ଜେପି ହସ୍ପିଟାଲରୁ ଡିସଚାର୍ଜ ହୋଇ ଘରକୁ ଆସୁଥିବା ବେଳେ ଅଧା ବାଟରେ ତାର ମୃତ୍ୟୁ ଘଟିଥିଲା ।ଖବରପାଇ ଲହୁଣୀପଡା ପୁଲିସ ଶବକୁ ଜବତ କରିବା ସହିତ ଆଜି ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

ଚଢାଉ ପୂର୍ବରୁ ଖାଦାନ ଶୂନ୍‌ଶାନ୍

ଖାଲି ହାତରେ ଫେରିଲେ ଚଢ଼ଉକାରୀ ଟିମ୍

ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଦୁର୍ନୀତି ସୀମା ଟପିବାକୁ ବସିଲାଣି । ବିଶେଷକରି ମୂଲ୍ୟବାନ କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଓ ଦୁର୍ନୀତିଗ୍ରସ୍ତ ଲିଜ୍‌ଧାରୀଙ୍କୁ ପରୋକ୍ଷରେ ଅଧିକାରୀଙ୍କ ସୁରକ୍ଷା ପ୍ରଦାନ ହିଁ ଆହୁରି ଲୁଟ୍ କରିବାକୁ ସାହସ ଯୋଗାଉଛି ବୋଲି ମତପ୍ରକାଶ ପାଇଛି । ଏହି ଖବର ଦୈନିକ ଧର୍ମଶାଳା ତହସିଲଦାର, ପୋଲିସ ଏବଂ ଜଙ୍ଗଲ ବିଭାଗର କର୍ମଚାରୀମାନେ ମିଳିତ ଭାବେ ରବିବାର ସକାଳୁ ବିଛାଖଣ୍ଡି ଅଞ୍ଚଳରେ ଚଢ଼ାଉ କରିଛନ୍ତି । କୁସୁନପୁର ନିକଟରେ ୩ଟି ଟ୍ରାକ୍ଟର ଓ ଗୋଟିଏ ଟିପ୍ପର ଜବତ କରାଯାଇଛି । ହେଲେ ଚଢ଼ାଉ ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ପଥର ମାଫିଆମାନେ ସତର୍କ ହୋଇ ଉଠିଥିଲେ । ଏହିକ୍ରମରେ ଲୁଣିବର, ମାଲଗୋଡ଼ା, ବରଡ଼ା, ଆରୁହା ଓ ଅଙ୍ଗିରା ଆଦି ଖାଦାନରୁ ବେଆଇନ ଉତ୍ତୋଳନ ବନ୍ଦ କରାଯାଇ ସେଠାରୁ ହାଇୱା, ଟ୍ରକ ସମେତ ଯନ୍ତ୍ରପାତିକୁ ଉଠାଇ ନେଇଥିଲେ । ଫଳରେ ତହସିଲଦାରଙ୍କ ନେତୃତ୍ୱାଧୀନ ଚଢ଼ାଉକାରୀ ଟିମ୍ ଖାଲି ହାତରେ ଫେରି ଆସିଛି । ଉକ୍ତ ଟିମ୍ ଫେରିଯିବା ପରେ ପୁଣି ବେଆଇନ ଉତ୍ତୋଳନ କରାଯାଉଛି ବୋଲି ଜଣାପଡ଼ିଛି । କେବଳ ଯାଜପୁର ନୁହେଁ, ସାରା ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ଚାଲିଛି । ୨୦୧୫-୧୬ରୁ ୨୦୨୧-୨୨ ବର୍ଷ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ୍, ବିନା ଟ୍ରାନଜିଟ୍ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ୧୪ ଜିଲ୍ଲାରୁ ପ୍ରାୟ ୨୦ କୋଟି ଟଙ୍କା ଜରିମାନା ଆଦାୟ ହୋଇଥିଲା । କିନ୍ତୁ ଲଘୁ ଖଣିଜ ସମ୍ପଦ କଳାପଥର ଓ ବାଲିରେ ଭରପୂର ଯାଜପୁର ଜିଲାରୁ ଟଙ୍କାଟିଏ ବି ଏଭଳି ଜରିମାନା ଆଦାୟ ହୋଇନଥିଲା । ୨୦୨୨ ମାର୍ଚ୍ଚରେ ବିଧାନସଭା ଅଧିବେଶନରେ ବିଧାୟକ ନବଚରଣ ମାଝୀ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବା ପରେ ଏକ ଦୈନିକ ଖବର କାଗଜରେ ସବିଶେଷ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା । ଏହାପରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଏପ୍ରିଲରୁ ସାଟେଲାଇଟ୍ ମାପଚୁପ ପ୍ରକ୍ରିୟା ଆରମ୍ଭ କରି ଏଯାଏ ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ଦେବାକୁ ନୋଟିସ ହୋଇଛି । ହେଲେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ଅନୁଯାୟୀ ପରିବେଶଗତ ଅନୁମତି (ଇସି) ପ୍ରତ୍ୟାହାର କରା ନ ଯାଇ କେବଳ କାରଣ ଦର୍ଶାଅ ନୋଟିସ ଓ ଜରିମାନାରେ ପଦକ୍ଷେପ ସୀମିତ ରହିଛି । ଏହାବାଦ୍ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ବିରୋଧରେ କୌଣସି ଏଫ୍‌ଆଇଆର୍ ଏଯାଏ ରୁଜୁ ହୋଇନାହିଁ । ଇସି ପ୍ରତ୍ୟାହାର ନୋଟିସ ହେଲେ ଅନୁମୋଦନଠାରୁ ଅଧିକ ଉତ୍ତୋଳନ ପରିମାଣର ୫ ଗୁଣ ଜରିମାନା ଆଦାୟ ନିୟମ ରହିଛି । ତେଣୁ ଜିଲା ପ୍ରଶାସନ ସମ୍ପୃକ୍ତ ଲିଜ୍‌ଧାରୀମାନଙ୍କୁ ଅସାଧୁ ବୁଦ୍ଧି ଅନୁଯାୟୀ ଅନୁକମ୍ପା ପ୍ରଦର୍ଶନ କିମ୍ବା ରାଜନୈତିକ ଚାପରୁ ହାତ ଟେକି ଦେଇଥିବା ସନ୍ଦେହ କରାଯାଉଛି । ତେଣୁ ବେଆଇନ ଉତ୍ତୋଳନ ଉପରେ ଯେତେ ଯାହା ଅଭିଯୋଗ କଲେ ବି ରାଜସ୍ୱ ବିଭାଗ ନୀରବ ରହିଛି । କେବଳ ନାମକୁ ମାତ୍ର ଚଢ଼ାଉ କରାଯାଇ ସରକାରଙ୍କ ନିକଟରେ ନିର୍ମଳ ଭାବମୂର୍ତ୍ତି ଚିତ୍ର ଅଙ୍କାଯାଉଛି । ତହସିଲଦାର ଅଫିସରୁ ବାହାରିବା ମାତ୍ରେ ବେଆଇନ ଭାବେ ଚାଲିଥିବା ଖାଦାନଗୁଡିକର ମାଲିକମାନଙ୍କୁ ସୂଚନା ଦିଆଯାଉଛି । ଫଳରେ ସେଠାରେ ନିୟୋଜିତ କମ୍ପ୍ରେସର, ହାଇୱା ଆଦି ଗାଡିକୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇ ଲୁଚାଇ ରଖାଯାଉଛି । ଚଢ଼ାଉ ଟିମ୍ ମଧ୍ୟ ଏସବୁ ଜାଣି ଫେରି ଆସୁଛନ୍ତି । ତେଣୁ ସମ୍ପୃକ୍ତ ଲିଜଧାରୀଙ୍କ ଖାଦାନଗୁଡ଼ିକର ପୁନଃ ମାପଚୁପ କରାଯାଇ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଗଲେ ଏଭଳି ଦୁର୍ନୀତି ନିୟନ୍ତ୍ରଣ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି । କଳାପଥର ବେଆଇନ ଉତ୍ତୋଳନ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର କୁହନ୍ତି, ବିଭିନ୍ନ ସମୟରେ ଚଢ଼ାଉ ଜାରି ରହିଛି । ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଜରିମାନା ଆଦାୟ ପାଇଁ ଡିମାଣ୍ଡ ନୋଟିସ୍ ହେଉଛି ।

ମିଳିତ ଅମଲା ମଞ୍ଚ ପକ୍ଷରୁ ଜୁନ ୧ରୁ ସମୂହ ଛୁଟି ନିଷ୍ପତ୍ତି

ଜୟପୁର, (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନର ଅମଲାମାନଙ୍କ ଏକ ମାତ୍ର ଦାବି କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାର ୪୨୦୦ ଗ୍ରେଡ ପେ' ଦାବିରେ ଜିଲ୍ଲା ସଂଘ ଓ ରାଜ୍ୟ ସଂଘ ପକ୍ଷରୁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲେ ସୁଦ୍ଧା ସରକାର ଏଥିନେଇ କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ସମସ୍ତ ସମଭାବାପନ୍ନ ସଂଘକୁ ନେଇ ରାଜ୍ୟରେ ମିଳିତ ଅମଲା ମଞ୍ଚ ଗଠନ କରାଯାଇଥିଲା ସେହିପରି ସମସ୍ତ ଜିଲ୍ଲାରେ ମିଳିତ ଅମଲା ମଞ୍ଚ ଗଠନ କରାଯିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ସେହିପରି କୋରାପୁଟ ଜିଲ୍ଲାର ସମସ୍ତ ବିଭାଗର ଅମଲା ଭାଇ ଭଉଣୀମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି କୋରାପୁଟ ଜିଲ୍ଲାପାଳ ମହୋଦୟ କୋରାପୁଟଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ରାଜ୍ୟ ମିଳିତ ଅମଲା ମଞ୍ଚଙ୍କ ନିର୍ଦ୍ଦେଶନାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ମିଳିତ ଅମଲା ମଞ୍ଚ ସଭାପତି କୋରାପୁଟ ଜିଲ୍ଲା ଶାଖା ଶ୍ରୀ ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଅମଲା ଭାଇ ଭଉଣୀମାନେ ଯୋଗଦାନ କରିବା ସହିତ ବିଭିନ୍ନ ସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟମାନେ ଯୋଗଦାନ କରିଥିଲେ । ଉକ୍ତ ସମ୍ମିଳନୀରେ ମୁଖ୍ୟତଃ ସୁନାକର ରାଉତ ମୁଖ୍ୟ ଉପଦେଷ୍ଟା ମୋନଜ କୁମାର ବାରିକ୍, ଉପଦେଷ୍ଟା ନିତ୍ୟାନନ୍ଦ ଭତ୍ରାଙ୍କ ସମେତ ବରିଷ୍ଠ ସଦସ୍ୟମାନେ ଯୋଗଦାନ କରିଥିଲେ । ଏଥିରେ ସର୍ବସମ୍ମତିକ୍ରମେ ଆସନ୍ତା ୨୨.୦୫.୨୦୨୩ ରିଖଠାରୁ ୩୧.୦୫.୨୦୨୩ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବା ସହିତ ଜୁନ ୧ ତାରିଖ ଠାରୁ ସମୂହ ଛୁଟି ନିଷ୍ପତ୍ତି ନେବା ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି ।

ଇବ୍ ଖାଦାନ ମଜଦୂର ସଂଘ ପକ୍ଷରୁ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଇବ ଖାଦାନ ମଜଦୂର ସଂଘର ସଭାପତି ଗୋବିନ୍ଦ ସିଂହଙ୍କ ଆହ୍ୱାନ କ୍ରମେ ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର, ନୂଆ ଦିଲ୍ଲୀଙ୍କ ଉଦ୍ଦେଶ୍ୟରେ ସେଣ୍ଟ୍ରାଲ ୱାର୍କସପ୍ ଏବଂ ଲଖନପୁର ମହାପ୍ରବନ୍ଧକ, ଓରିଏଣ୍ଟ ମହାପ୍ରବନ୍ଧକ, ଇବ୍ ଭ୍ୟାଲି ମହାପ୍ରବନ୍ଧକଙ୍କୁ ଜ୍ଞାପନ ପ୍ରଦାନ କରାଗଲା । ଏତଦ ବ୍ୟତୀତ ଅଖିଳ ଭାରତୀୟ ମଜଦୁର ସଂଘର ସମସ୍ତ ପଦାଧିକାରୀ, କମ୍ପାନୀ ବୋର୍ଡ ସଦସ୍ୟ ତଥା ଧନବାଦ କୋଲିଆରୀ କର୍ମଚାରୀ, ପଦାଧିକାରୀ, ଏବଂ ପଞ୍ଜିକୃତ ଶ୍ରମିକ ସଂଗଠନର ସମସ୍ତ ଅଧ୍ୟକ୍ଷ ସଚିବ ସମେତ ପୂର୍ବରୁ ଦିଆ ହୋଇଥବା ସୂଚନା ଅନୁସାରେ ଦିନକୁ ଦିନ ବଢି ଚାଲିଥିବା ଦୁର୍ଘଟଣାରେ ଅଙ୍କୁଶ ଲଗାଇବା ହେତୁ ତଥା ଖାନ ସୁରକ୍ଷା ନିୟମ ବିଧିବଦ୍ଧ ଲାଗୁ କରିବା ପାଇଁ ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫଟି ମୁଖ୍ୟାଳୟ, ଧାନବାଦ ଠାରେ ବିଶାଳ ଧାରଣା ପ୍ରଦର୍ଶନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘ ଅଜୟ ବିଶ୍ୱାଳ, ସୁଜିତ୍ ଝା, ମୃତ୍ୟୁଞ୍ଜୟ ମୁଦୁଲି, ପ୍ରିୟବ୍ରତ ପଟେଲ, ସଞ୍ଜୀବ ସିଂହ, ସରୋଜ ପଧାନ, ମୃତ୍ୟୁଞ୍ଜୟ ତିଓ୍ୱାରୀ, ସନ୍ତୋଷ ପଣ୍ଡା, ପ୍ରଦୀପ କରାଲି, ପଙ୍କଜ ମହନ୍ତ, ମଧୁ ସୁଦନ ମେହେର, ଭୋଜରାଜ୍ ପଧାନ, ଅଂଶୁମାନ ସାହୁ, ରାମ ଚନ୍ଦ୍ର ଚୌଧୁରୀ, କୁମୁଦ ରଞ୍ଜନ, ସୁଜିତ୍ ବାଉରୀ, ଅନାମ ଦାସ, ସୁକାନ୍ତ ପାଣିଗ୍ରାହୀ, ଦେବେନ୍ଦ୍ର ପାଢୀ ଉପସ୍ଥିତ ଥିଲେ ।

ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ବେଳେ ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ

୧୨ ଘଣ୍ଟା ପାଇଁ ମୟୂରଭଞ୍ଜ ବନ୍ଦ

ମୟୁରଭଞ୍ଜ, (ଭାସ୍କର ନ୍ୟୁଜ୍): ନିଜ ଜନ୍ମ ମାଟି ମୟୁରଭଞ୍ଜକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଥମ ଗସ୍ତରେ ଆସିଥିବା ବେଳେ ତାଙ୍କ ସୁରକ୍ଷାରେ ତ୍ରୁଟି ଏବଂ ବିଦ୍ୟୁତ ବିଭ୍ରାଟ ଘଟଣାକୁ ପ୍ରସଙ୍ଗ କରି ଆଜି ମୟୁରଭଞ୍ଜ ବନ୍ଦ ହୋଇଛି । ବିଜେପି ଏହି ବନ୍ଦ ଡାକରା ଦେଇଥିବା ବେଳେ ଏହାକୁ ସାଧାରଣରେ ଭରପୁର ସମର୍ଥନ ମିଳିଛି । ସାରା ଜିଲ୍ଲାରେ ବସ୍ ଚଳାଚଳ ବନ୍ଦ ରହିଛି । ସେପଟେ ଦୋକାନ ବଜାର ବନ୍ଦ ଥିବା ବେଳେ ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ବନ୍ଦ ରହିଛି । ତେବେ ବାଙ୍ଗିରିପୋଷି ପୁରୀ ଟ୍ରେନ୍ ଚାଲି ଯାଇଥିବା ବେଳେ ମେମୁ ଟ୍ରେନ୍ ଚଳାଚଳ ଅବ୍ୟାହତ ରହିଛି । ଜିଲ୍ଲାରେ ସବୁଠି ବିଜେପି କର୍ମୀମାନଙ୍କ ହରତାଳ ଯୋଗୁଁ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ଠପ୍ ରହିଛି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେପି କର୍ମୀମାନେ ବନ୍ଦରେ ସାମିଲ ହୋଇ ପିକେଟିଂ କରୁଛନ୍ତି । ଏହାର ପ୍ରଭାବ ସକାଳ ୬ରୁ ଦ୍ୱିପ୍ରହର ୧୨ଟା ପର୍ଯ୍ୟନ୍ତ ରାଇରଙ୍ଗପୁରରେ ୬ ଘଣ୍ଟିଆ ବନ୍ଦ ଡାକରା ଦେଖିବାକୁ ମିଳିଛି । ବନ୍ଦର ପ୍ରଭାବରେ ରାଇରଙ୍ଗପୁର ମ୍ୟୁନିସିପାଲିଟି ସମେତ ୭ଟି ବ୍ଲକ୍‌ରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ବନ୍ଦ ସହ ଗାଡ଼ି ମୋଟର ଚଳାଚଳ ମଧ୍ୟ ବନ୍ଦ ରହିଛି । ବାମନଘାଟି ଉପଖଣ୍ଡ ଦେଇଯାଇଥିବା ଜାତୀୟ ରାଜପଥ ୪୯ ଓ ୨୨୦ରେ ମଧ୍ୟ ଗାଡ଼ି ଚଳାଚଳ ବନ୍ଦ ରହିଛି । ଗତ ମେ ମାସ ୬ ତାରିଖରେ ବାରିପଦା ସହରରେ ରାଷ୍ଟ୍ରପତି ଅଭିଭାଷଣ ଦେଉଥିବା ସମୟରେ ବିଦ୍ୟୁତ୍ ବିଭ୍ରାଟ ଦେଖିବାକୁ ମିଳିଥିଲା । ତେବେ ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରେ ଥିବା ପ୍ରଶାସନିକ କର୍ମଚାରୀମାନଙ୍କ ବିରୁଦ୍ଧରେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ଯଦି ଆଗାମୀ ଦିନରେ ପ୍ରଶାସନିକ କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆନ୍ଦୋଳକୁ ଆହୁରି ଜୋରଦାର କରିବାକୁ ଚେତାବନୀ ଦେଇଛି ମୟୂରଭଞ୍ଜ ପଶ୍ଚିମ ଜିଲ୍ଲାର ବିଜେପି କର୍ମକର୍ତ୍ତା ।

ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ନିଜ ଜନ୍ମ ମାଟି ମୟୂରଭଞ୍ଜକୁ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପ୍ରଥମ ଗସ୍ତରେ ଆସିଥିବା ବେଳେ ତାଙ୍କ ସୁରକ୍ଷାରେ ତ୍ରୁଟି ଏବଂ ବିଦ୍ୟୁତ ବିଭ୍ରାଟ ଘଟଣାକୁ ପ୍ରସଙ୍ଗ କରି ଆଜି ମୟୂରଭଞ୍ଜ ବନ୍ଦ ହୋଇଛି । ବିଜେପି ଏହି ବନ୍ଦ ଡାକରା ଦେଇଥିବା ବେଳେ ଏହାକୁ ସାଧାରଣରେ ଭରପୁର ସମର୍ଥନ ମିଳିଛି । ସାରା ଜିଲ୍ଲାରେ ବସ୍ ଚଳାଚଳ ବନ୍ଦ ରହିଛି । ସେପଟେ ଦୋକାନ ବଜାର ବନ୍ଦ ଥିବା ବେଳେ ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ବନ୍ଦ ରହିଛି । ତେବେ ଜାମଦା ବ୍ଲକର ୧୦ଟି ପଞ୍ଚାୟତର ଦୋକାନ ବଜାର, ସରକାରୀ ଅଫିସ ତଥା ଜାମଦା ବ୍ଲକ, ତହସିଲ ଅଫିସ ଏବଂ ଆର୍‌ଆର୍‌ଆଇ ଅଫିସ୍ ବନ୍ଦ ରହିଥିଲା । ସାମନ୍ତ ଚନ୍ଦ୍ରଶେଖର ଗିରି, ବିଜୁ ଗୋପାଲ ଗୋପ୍, ମାନସ ମହାକୁଡ, ଆଶିଷ ମହାନ୍ତି, ରଂଜନ ବରାଳ, ବାବୁଲୁ ମହାକୁଡ଼, ବସନ୍ତ କିସ୍କୁ, ଲକ୍ଷ୍ମଣ ସୋରେନ୍, ଅସିତ ମଣ୍ଡଳ, ଅଶୋକ ମଣ୍ଡଳ ପ୍ରମୁଖ ଜାମଦା ବ୍ଲକ୍ ବନ୍ଦ କରିବାରେ ସଫଳ ହୋଇଥିଲେ ।

ଶୁଳିଆପଦା ବ୍ଲକ୍‌ର ଟପ୍ପର ହେଲେ ଗାୟତ୍ରୀ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇ ସାରିଛି । ଚଳିତ ବର୍ଷ ଶୁଳିଆପଦା ବ୍ଲକ୍‌ରେ 'ଏ୧' କେହି ଜଣେ ହେଲେ ମଧ୍ୟ ଉତୀର୍ଣ୍ଣ ହୋଇ ନାହାଁନ୍ତି । ଶୁଳିଆପଦା ବ୍ଲକ୍ କୋଷ୍ଠା ପଞ୍ଚାୟତ ଅଧିନ କୋଷ୍ଠା ସରକାରୀ ଉଚ୍ଚ ବିଦ୍ୟାଳୟରୁ ସର୍ବାଧିକ ୬ ଜଣ 'ଏ୨' ଗ୍ରେଡ୍ ପାଇଥିବା ବେଳେ ଏହି ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ଦାସ ପୂର୍ଣ୍ଣ ସଂଖ୍ୟା ୬୦୦ରୁ ୫୨୨ (୮୭%) ରଖି ବ୍ଲକ୍ ଟପ୍ପର ହୋଇ ବିଦ୍ୟାଳୟ ତଥା ବ୍ଲକ୍‌ର ନାମ ରଖିଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଶୁଳିଆପଦା ମୁଖ୍ୟାଳୟ ସ୍ଥିତ ଶୁଳିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧୪୦ ଜଣ ପରୀକ୍ଷା ଦେଇ ଶତ ପ୍ରତିଶତ ପାସ କରିଥିବା ବେଳେ ଛାତ୍ରୀ ଲକ୍ଷ୍ମୀପ୍ରିୟା ନାଏକ (୫୧୫) ଓ ଯାଜ୍ଞଶ୍ରୀ ବାରିକ (୪୮୦) ନମ୍ବର ରଖି 'ଏ୨' ଗ୍ରେଡ ପାଇ ବିଦ୍ୟାଳୟର ସୁନାମ ଆଣିଛନ୍ତି । ତେବେ '୫-ଟି' ମାଧ୍ୟମରେ ସରକାର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ରୂପାନ୍ତରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଶୈକ୍ଷିକ ଭିତ୍ତିଭୂମି ସ୍ଥାପନ କରୁଥିବା ବେଳେ ଶିକ୍ଷା କ୍ଷେତ୍ରରେ ଏଭଳି ନୈରାଶ୍ୟ ଜନକ ସଫଳତା ଅଞ୍ଚଳର ଅଭିଭାବକ ମହଲାରେ ଅସନ୍ତୋଷ ଭରିଦେଇଛି ।

ଇଟାଗଡ଼ିକୁ ମିଳିଛି ରାଜସ୍ୱ ଗ୍ରାମର ମାନ୍ୟତା

ମିଳି ପାରୁନି ସୁବିଧା ସୁଯୋଗ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲ କୁବେରା ପଞ୍ଚାୟତ ଅଧୀନ ଇଟାଗଡ଼ି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି । ମାତ୍ର ରାଜସ୍ୱଗ୍ରାମ ମାନ୍ୟତା ମିଳିବା ଦୀର୍ଘବର୍ଷ ବିତି ଯାଇଥିଲେ ମଧ୍ୟ ଗ୍ରାମବାସୀମାନଙ୍କୁ ରାଜସ୍ୱ ଗ୍ରାମର ସୁବିଧା ସୁଯୋଗ ମିଳି ପାରୁନଥିବା ଅଭିଯୋଗ ହୋଇଛି । ଗତ ୨୩.୧୧.୨୦୨୨ରେ ଭଦ୍ରକ ଜିଲାପାଳଙ୍କ ଚିଠି ନଂ ୧୩୬୦୬ରେ ଅମିନ ନାରାୟଣ ବେହେରାଙ୍କୁ ରାଜସ୍ୱ ଗ୍ରାମର ଯେଉଁ କାର୍ଯ୍ୟ କରାଯିବା କଥା ସେ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ୫ମାସ ବିତି ଯାଇଥିଲେ ମଧ୍ୟ ଅମିନ ରାଜସ୍ୱ ଗ୍ରାମ ପାଇଁ କୌଣସି କାର୍ଯ୍ୟ କରି ନାହାନ୍ତି । ଯେଉଁଥି ପାଇଁ ଇଟାଗଡ଼ି ରାଜସ୍ୱ ଗ୍ରାମର ମାନ୍ୟତା ପାଇ ମଧ୍ୟ ଗ୍ରାମବାସୀ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଠାରେ ମା ତାରିଣୀ ମନ୍ଦିର ସମୁଖରେ ଥିବା ବଟ ଓ ଅଶ୍ୱତଥ ବୃକ୍ଷ ପ୍ରତିଷ୍ଠା ବାର୍ଷିକ ଉତ୍ସବ ଧୁମ ଧାମରେ ପାଳନ କରାଯାଇଛି । ତାରିଣୀ ମନ୍ଦିର କମିଟି ବଟ ଓ ଅଶ୍ୱତଥ ବୃକ୍ଷର ରକ୍ଷଣା ବେକ୍ଷଣ କରି ଆସୁଛି ।ଦୁଇ ବୃକ୍ଷ ଏକତ୍ରିତ ଥିବାରୁ ମନ୍ଦିର କମିଟି ଗତବର୍ଷ ଦୁଇ ବୃକ୍ଷ କୁ ହିନ୍ଦୁ ରୀତିନୀତି ଅନୁସାରେ ଧୁମ ଧାମରେ ପ୍ରଥମେ ବ୍ରତ ଓ ତା ପରେ ବାହାଘର ମଧ୍ୟ କରିଥିଲେ ।ଏହି ପ୍ରତିଷ୍ଠା ବାର୍ଷିକୀ କାର୍ଯ୍ୟକ୍ରମ ରେ ପ୍ରଦୀପ ହୋତା ଓ ତାଙ୍କ ଧର୍ମ ପତ୍ନୀ କର୍ତ୍ତା ଭାବରେ ହୋମ ଯଜ୍ଞରେ ବସିଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର କରଶର୍ମା ଙ୍କ ବେଦ ଉଚାରଣରେ ସମଗ୍ର ଅଞ୍ଚଳରେ ପବିତ୍ର ବାତା ବରଣ ସୃଷ୍ଟି ହୋଇଥିଲା । ସେହିପରି ତାରିଣୀ ମନ୍ଦିରପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବରେ ତୃପ୍ତି ରଞ୍ଜନ ରାଉତ ଏବଂ ତାଙ୍କ ସହଧର୍ମିଣୀ ମିତାଲି ରାଉତରାୟ ପୂଜାର୍ଚ୍ଚନା କରି ଥିଲେ । ପଣ୍ଡିତ କୃଷ୍ଣ ଚନ୍ଦ୍ର ସାମନ୍ତରାୟ ତାରିଣୀ ମନ୍ଦିର ରେ ପୂଜା କରିଥିଲେ । ତାରିଣୀ ମନ୍ଦିର ପରିଚାଳନା କମିଟି ଓ ବଲବମ୍ ସଂଘ ତରଫରୁ ଏହି କାର୍ଯ୍ୟ କ୍ରମ ଆୟୋଜିତ କରାଯିବା ସହ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମା' ତାରିଣୀ ମନ୍ଦିର କମିଟିର ସଭାପତି ଗୋପାଳକୃଷ୍ଣ ଭଞ୍ଜ ସମେତ, ଚନ୍ଦ୍ର ଶେଖର ଦଳେଇ,ଆନନ୍ଦ କୁମାର ନେପାଳ,ନିଲୁ ପଣ୍ଡା,କାବୁଲି ପଟନାୟକ,ସୁରେନ୍ଦ୍ର ରାଉତ,ସଦାଶିବ ଜାନୀ ,ପ୍ରବୀର ପ୍ରଧାନ , ଚନ୍ଦନ ନାୟକ ,କୁନେସ ବିଶ୍ୱାଳଙ୍କ ସମେତ ଅନେକ ଭକ୍ତ ବୃନ୍ଦଙ୍କ ସହ ଖାତିଗୁଡା ପୋଲିସ ସହାୟତା କରିଥିଲେ ।

ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ଆଦର୍ଶ ଅଙ୍ଗନ ୱାଡି କେନ୍ଦ୍ର

କର୍ମୀଙ୍କ ଘରେ ପଢୁଛନ୍ତି କୋମଳ ମତି

ବାଲିମେଳା,(ଭାସ୍କର ନ୍ୟୁଜ୍): ଶିଶୁଙ୍କୁ ପ୍ରାରମ୍ଭିକ ଶିକ୍ଷା ଦେବା ସହ ସୁଷମ ଖାଦ୍ୟ ପ୍ରଦାନ ପାଇଁ ସରକାର ଅନେକ ପଦକ୍ଷେପ ନେଉଥିବା ସହ ପ୍ରାୟ ପ୍ରତି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରିଛନ୍ତି । ଅନେକ ଅଙ୍ଗନୱାଡି କେନ୍ଦ୍ରକୁ ରୂପାନ୍ତରିତ କରି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର କରିବା ସହ ସେହି କେନ୍ଦ୍ରର କାନ୍ଥରେ ଭଳିକି ଭଳି ରଙ୍ଗରେ ନାନା ଚିତ୍ର କରି ପିଲାଙ୍କୁ ଅକୃଷ୍ଟ କରିବାକୁ ଚେଷ୍ଟା କରାଯାଉଛି । ଯାହାକି ଅନେକ ଦିଗରେ ସଫଳ ହୋଇଥିବା ବେଳେ ଦିନକୁ ଦିନ ଅଧିକରୁ ଅଧିକ କୁନି କୁନି ପିଲାଏ ନଗଣବାଡି ମୁହାଁ ହେଉଛନ୍ତି । ତେବେ କିଛି ସ୍ଥାନରେ ପ୍ରଶାସନିକ ଅବହେଳା ଯୋଗୁଁ ଏହିପରି କିଛି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଅବହେଳିତ ହୋଇ ରହିବା ସହ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ତେବେ ଏପରି କିଛି ସମାନ ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ସଦର ବ୍ଲକର ଏମଭି ୧୦୧ଗାଁରେ । ସୂଚନା ଅନୁଯାୟୀ ଏଠାରେ ଥିବା ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରକୁ ବିଗତ ଦିନରେ ଆଦର୍ଶ ଅଙ୍ଗନୱାଡି ଭାବେ ଗ୍ରହଣ କରାଯାଇ ଅତି ସୁନ୍ଦର ଭାବେ ଚିତ୍ରିତ କରିବା ସହ ନାନା ଆସବାବପତ୍ର ଯୋଗାଇ ଦିଆଯାଇଥିଲା । ତେବେ ବର୍ତ୍ତମାନ କିନ୍ତୁ ତାହା ଅବହେଳିତ ଓ ଭଗ୍ନ ଭାବରେ ରହିଥିବାରୁ ସେହି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଲକ୍ଷ୍ମୀ ବିଶ୍ୱାସଙ୍କ ଘରେ କୁନି କୁନି ପିଲାଙ୍କୁ ପାଠ ପଢାଯାଉଛି । ଏଥିସହ ନାଚ ଗୀତ ସାଙ୍ଗକୁ ଶିକ୍ଷାଦାନ କରି ପିଲାଙ୍କୁ ସୁଷମ ଖାଦ୍ୟ ମଧ୍ୟ ସେଠାରେ ଦିଆଯାଉଛି । ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ରର କାନ୍ଥରେ ବଡବଡ ଅକ୍ଷରରେ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଏମ୍‌ଭି ୧୦୧ଲେଖାଯାଇଥିବା ବେଳେ ଏହି କେନ୍ଦ୍ରକୁ ଖରା ବର୍ଷା ଦାଉରୁ ରକ୍ଷା କରୁଥିବା ଟିଣ ଛପରଟି ଉଡି ନଷ୍ଟ ହୋଇଯାଇଛି । ଏହାସହ ଏଠାରେ ବଡବଡ ଗର୍ତ୍ତ ଥିବାରୁ ବିଷାକ୍ତ ସାପ ବୁଲୁଥିବା ଅଙ୍ଗନୱାଡି ଦିଦି ପ୍ରକାଶ କରିଛନ୍ତି । ଏଭଳି ପରିସ୍ଥିତି ଦୀର୍ଘ ଦୁଇରୁ ତିନି ବର୍ଷ ହୋଇଥିଲେ ମଧ୍ୟ କେହିବି ଏହାର ଉପରେ ଦୃଷ୍ଟି ଦେଇନଥିବା ମଧ୍ୟ ଅଭିଯୋଗ ହୋଇଛି । ତେବେ ଏହି ଅବହେଳିତ ଓ ଅଧା ଭଙ୍ଗା କେନ୍ଦ୍ରର ମରାମତି ପାଇଁ କର୍ମୀ ଜଣଙ୍କ ଉପରସ୍ଥ ଅଧିକାରୀଙ୍କୁ ଜଣାଇବା ପରେ କେନ୍ଦ୍ରଟି ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ସିଡିପିଓ ଓ ସୁପରଭାଇଜର ତାଙ୍କୁ ସେଣ୍ଟରରେ କ୍ଲାସ୍ ନ କରି ଅନ୍ୟତ୍ର ପାଠ ପଢାଇବାକୁ ଆଦେଶ ଦେଇଥିବା କର୍ମୀ ଜଣଙ୍କ ପ୍ରକାଶ କରିଛନ୍ତି । ତେଣୁ କର୍ମୀ ଜଣଙ୍କ ନିଜ ଘରେ ପିଲାଙ୍କୁ ପାଠ ପଢା ସହ ସୁଷମ ଖାଦ୍ୟ ପ୍ରସ୍ତୁତ କରି ଦେଉଥିବା ଅଙ୍ଗନୱାଡିକର୍ମୀ ପ୍ରକାଶ କରିଛନ୍ତି । ସେହିପରି ଅଙ୍ଗନୱାଡି କେନ୍ଦ୍ର ବର୍ଷ ବର୍ଷ ଧରି ଏଭଳି ସ୍ଥିତିରେ ପଡି ରହିଥିବା ବେଳେ ଗ୍ରାମବାସୀ ମାନେ ମାଲକାନଗିରି ସିଡିପିଓ, ବିଡିଓ ଓ ସ୍ଥାନୀୟ ସରପଞ୍ଚଙ୍କୁ ଏହାର ମରାମତି କିମ୍ବା ନୂତନ କେନ୍ଦ୍ର କରିବା ପାଇଁ ବାରମ୍ବାର ଦାବି କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ପରେ ତତ୍କାଳୀନ ବିଡିଓ ତଥା ଦାୟିତ୍ୱ ଥିବା ତହସିଲଦାର ସେହି ଗାଁକୁ ଯାଇ ନୂଆ ସେଣ୍ଟର କରିବା ପାଇଁ ଯାଗା ଚିହ୍ନଟ କରିଥିଲେ । କିନ୍ତୁ ତାଙ୍କର ଅନ୍ୟତ୍ର ବଦଳି ହୋଇଯିବାରୁ ସେଠାରେ ଆଉ ନୂତନ ଅଙ୍ଗନୱାଡି କେନ୍ଦ୍ର ହୋଇପାରିନି ବୋଲି କହିଛନ୍ତି ଗ୍ରାମବାସୀ । ଏହା ପରେବି ବର୍ତ୍ତମାନର ବିଡ଼ିଓଙ୍କୁ ଗ୍ରାମବାସୀ ଓ ୱାର୍ଡ ମେମ୍ବର ଅଭିଯୋଗ କରିଥିଲେ ମଧ୍ୟ ବିଡିଓ କର୍ଣ୍ଣପାତ କରୁନଥିବା ସହ ଛୋଟଛୋଟ ଶିଶୁମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଅନ୍ୟପଟେ ଏହି ଘଟଣା ବାବଦରେ ମଳକଙ୍ଗୀରି ଡିଏସଡବ୍ଲୁଓ ଅନୁରାଧା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗତକାଲି ହିଁ ସିଡିପିଓ ଏହି ଘଟଣା ବିଷୟରେ ଜଣାଇଛନ୍ତି । ଯେହେତୁ ଉକ୍ତ ଘରଟି ଅନୁପଯୋଗ ହୋଇଛି, ଏହାର ପ୍ରମାଣ ତାଙ୍କ ପାଖରେ ନାହିଁ । ଏଣୁ ବିଡ଼ିଓ ଓ ନିର୍ବାହୀଯନ୍ତ୍ରୀଙ୍କୁ ନେଇ ସେହି ଘରକୁ ଦେଖାଇବା ପାଇଁ ସିଡିପିଓଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଯଦି ବିଡିଓ ଓ ଜନ୍ତ୍ରୀ ସେହି ଗୃହକୁ ଅନୁପଯୋଗୀ ଘୋଷଣା କରନ୍ତି, ତେବେ ନୂଆ କେନ୍ଦ୍ର ସ୍ଥାପନ ପାଇଁ ପରାମର୍ଶ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି । ଦୀର୍ଘ ଦୁଇ ବର୍ଷ ହେବ ଏଭଳି ପରିସ୍ଥିତିରେ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବା ବେଳେ କେବେ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏହି ଅଭିଯୋଗର ସମାଧାନ କରିବେ ତାହାକୁ ହିନ ସମସ୍ତଙ୍କ ଅପେକ୍ଷା ।

ଭଗବାନ ମିଶ୍ର ସ୍ମୃତି ସମିତିର ବହୁଭାଷୀ କାବ୍ୟ ସନ୍ଧ୍ୟା

ବରଗଡ,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ଭଗବାନ ମିଶ୍ର ସ୍ମୃତି ସମିତି ଦ୍ୱାରା ସମିତିର ସଭାପତି ସର୍ଦାର ପ୍ରୀତମ ସିଂ ଙ୍କ ସଭାପତିତ୍ୱରେ ଏକ ବହୁଭାଷୀ କାବ୍ୟ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ନବୀନ ଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରାଧ୍ୟାପକ ପ୍ରତୁଳ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ କରିଥିଲେ । ଗୁରୁବନ୍ଦନା ଓ ଦୀପମ ଜ୍ୟୋତି ମନ୍ତ୍ର ପାଠ କରିଥିଲେ କାମିନୀ ଦାଶ । ଏହି ଅବସରରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ, ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ତଥା କବି ସନ୍ତୋଷ କୁମାର ମିଶ୍ରଙ୍କ ସ୍ୱରଚିତ ପୁସ୍ତକ 'କଥା ସରିତ ସାଗର'କୁ ଉନ୍ମୋଚନ କରାଯାଇଥିଲା ।ବହୁଭାଷୀ କାବ୍ୟ ସନ୍ଧ୍ୟାରେ କବିଗଣ ଓଡ଼ିଆ,ସମ୍ବଲପୁର, ହିନ୍ଦୀ, ସଂସ୍କୃତ, ଛତିଶଗଡ଼ି, ବଙ୍ଗାଳୀ, ଇଂରାଜୀ ଆଦି ଭାଷାରେ ସ୍ୱରଚିତ କବିତା ପାଠ କରିଥିଲେ । କାବ୍ୟ ସନ୍ଧ୍ୟାକୁ ସଂଚାଳନ କରିଥିଲେ କବି ଦୁଃଖୀ ସେବକ ସାହୁ ଓ କବୟିତ୍ରୀ ଦର୍ଶନା ଅଗ୍ରୱାଲ । ଏହି ଅବସରରେ ଦୟାନିଧି ମହାପାତ୍ର, ନବୀନ ଚନ୍ଦ୍ର ମହାପାତ୍ର, ଅମରେନ୍ଦ୍ର ନାରାୟଣ ଯାଦବ, ବାସନ୍ତୀ ଗୁରୁ, ସନ୍ତୋସିନୀ ଦାଶ, ନୂରାବତୀ ସାହୁ, ସୁପ୍ରଭା ସାମଲ,ଡ଼. ରବିନାରାୟଣ ସାହୁ, ମନୋରଞ୍ଜନ ମେହେର,ସରଦାର ପ୍ରୀତମ ସିଂ, ରମାକାନ୍ତ ସିଂ ଅକେଲା, ରୋହିତ ଦାଶ, ସଦାଶିବ କର, ଗୋପବନ୍ଧୁ ପୁରୋହିତ, ଅଭିଜିତ ପ୍ରତିହାର, ଦୁଃଖୀ ସେବକ ସାହୁ, ପ୍ରଭାସିନୀ ହୋତା, ଅରବିନ୍ଦ ଗୁପ୍ତା, କାମିନୀ ଦାଶ, ଦର୍ଶନା ଅଗ୍ରୱାଲ, ବିଷ୍ଣୁ ଚରଣ ପ୍ରଧାନ, ଖୁସୁବୁ ଶର୍ମା, ପୁଷ୍ପାଞ୍ଜଳୀ ପଣ୍ଡା, ବନ୍ଦୀତା ବିର୍ଦ୍ଧିଆ, ପ୍ରଦୀପ୍ତଭାନୁ ମହାନ୍ତି, ପାଣ୍ଡବ କର୍ଣ୍ଣ, ବିବେକାନନ୍ଦ ପଟେଲ,ବାଳକୃଷ୍ଣ ମିଶ୍ର, ବାସୁଦେବ ବାରିକ ଓ ସୁନୀଲ ଶର୍ମା କବିତା ପାଠ କରିଥିଲେ ।ଏହି କବିତା ପାଠୋତ୍ସବରେ ବରଗଡର ବିଶିଷ୍ଟ କବି,ସାହିତ୍ୟିକ ତଥା ଶିକ୍ଷାବିତ ଯୋଗ ଦେଇଥିବାବେଳେ ସମିତିର ଉପସଭାପତି କମଳ ଜୋଶୀ,ନୀଳାମ୍ବର ମେହେର,ରାମକୃଷ୍ଣ ଠାକୁର,ଅଭିମନ୍ୟୁ ଭୋସାଗର,ଜଗଦାନନ୍ଦ ମିଶ୍ର,ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

ମାଲକାନଗିରି ମିଳିତ ଅମଲା ମଞ୍ଚର ସାମ୍ବାଦିକ ସମ୍ମିଳନୀ

ବାଲିମେଳା,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମିଳିତ ଅମଲା ସଂଘ ତରଫରୁ ରାଜ୍ୟ ସରକାରଙ୍କ ଓଡିଶାରେ କାର୍ଯ୍ୟରତ ଅମଲା ମାନଙ୍କ ପ୍ରତି ବୈମାତକ ମନୋଭାବ ପୋଷଣ କରୁଥିବା ବିରୁଦ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଯାଇଛି । ଅମଲା କର୍ମଚାରୀଙ୍କ ଦୀର୍ଘଦିନର ଦାବିକୁ ସରକାର ଅଣଦେଖା କରୁଥିବାରୁ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଅମଲା ଭାଇ ଓ ଭଉଣୀ ସ୍ଥାନୀୟ ଡିଆର୍ଡିଏ ଠାରେ ଏକତ୍ରିତ ହୋଇ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଜିଲ୍ଲା ସ୍ତରୀୟ କନିଷ୍ଠ ଅମଲା ମାନଙ୍କର ମୂଳ ଦରମା ୯,୩୦୦ ଟଙ୍କା ସହିତ ଗ୍ରେଡପେ ୪,୨୦୦ ଟଙ୍କା ଓ ଲେଭେଲ-୯ ଅନୁଯାୟୀ ଦରମା ନିର୍ଦ୍ଧାରଣ କରିବା ନିମନ୍ତେ ପୂର୍ବରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ସରକାର ଏହାପ୍ରତି ଦୃଷ୍ଟି ଦେଉନଥିବାରୁ ଆସନ୍ତା ୨୨/୦୫/୨୦୨୩ ଠାରୁ ୩୧/୦୫/୨୦୨୩ ପର୍ଯ୍ୟନ୍ତ କଳାବ୍ୟାଚ ପରିଧାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଯଦି ଏହି ସମୟ ମଧ୍ୟରେ ସରକାର କିଛି ପଦକ୍ଷେପ ନ ଉଠାନ୍ତି । ତେବେ ଆସନ୍ତା ଜୁନ ମାସ ୧ ତାରିଖରୁ ସମୁହ ଛୁଟି ନେବାର ନିଷ୍ପତ୍ତି ନେଇଥିବା ଅମଲା ସଂଘର ସଭାପତି ଲକ୍ଷ୍ମୀନାରାୟଣ ସେଠୀ ସୂଚନା ଦେଇଛନ୍ତି ।

ରୁଗ୍‌ଣା ବାପାକୁ ଦେଖିବାକୁ ଯାଇ ପୁଅ ନିଖୋଜ

କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ):ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମା କଣ୍ଡାସାହିର ରୁଗ୍‌ଣା ବାପା କୋଡୁରୁ ଆପାରାଓଙ୍କୁ ଦେଖିବା ପାଇଁ ଯିବା ପୁଅ କୋଡୁରୁ ବିନୋଦ (୨୫) ନିଖୋଜ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି । ରୁଗ୍‌ଣା ବାପା କୋଡୁରୁ ଆପାରାଓ ବହୁ ଦିନ ଧରି କର୍କଟ ରୋଗରେ ପୀଡିତ ହୋଇ ବିଶାଖାପାଟଣାର ଟାଟା ମେମୋରିଆଲ ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି । ଚଳିତ ମାସ ୭ତାରିଖ ଦିନ ତାଙ୍କ ପାଖକୁ ପୁଅ ବିନୋଦ ରାତ୍ର ରାୟଗଡା ରେଳ ଷ୍ଟେସନରୁ ବାହାରି କୌଣସି କାରଣରୁ ବିଜୟନଗର ଷ୍ଟେସନରେ ରାତ୍ର ୧୧ଟା ସମୟରେ ଓହ୍ଲାଇ ଥିଲେ । ସେହି ଠାରୁ ବିନୋଦ ବାପାଙ୍କ ନିକଟକୁ ପହଞ୍ଚି ନଥିବାରୁ କଲ୍ୟାଣସିଂହପୁର ନିଜ ପରିବାରକୁ ଜଣାଇଥିଲେ । ଏହି ଖବର ପରିବାରର ଲୋକମାନେ ଶୁଣି ବିଜୟନଗରର ବିଭିନ୍ନ ଅଞ୍ଚଳ ଖୋଜା ଖୋଜି କରିଥିଲେ । ବିନୋଦର କୌଣସି ଖୋଜ ଖବର ପରିବାର ଲୋକେ ନ ପାଇ ଗତ ଗୁରୁବାର ୧୮ତାରିଖ ଦିନ କଲ୍ୟାଣସିଂହପୁର ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି । ବିନୋଦ ମାନସିକ ବିକୃତ ରହିଥିବା ପରିବାର ଲୋକେ ଥାନାରେ ଅଭିଯୋଗ ଦେଇଥିଲେ । ଏହି ଅଭିଯୋଗକୁ ନେଇ ଥାନା ଅଧିକାରୀଣି ସୁମନ୍ତି ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ମିସିଙ୍ଗ ରିପୋର୍ଟ ଆସିଛି ତାହାର ଅନୁସନ୍ଧାନ ଜରିରହିଥିବା କହିଛନ୍ତି । ଏପଟେ ମା' ସ୍ୱାମୀ କର୍କଟ ରୋଗରେ ପୀଡିତ ହୋଇଥିବା ଚିନ୍ତାରେ ଥିବା ବେଳେ ଏପଟେ ଗୋଟିଏ ବୋଲି ପୁଅର ନିଖୋଜ ହୋଇଥିବା ଖବର ଶୁଣି କାନ୍ଦ ବୋବାଳି ହୋଇ ଆଖିର ଲୁହ ଝରାଇ ପୁଅର ଫେରିବା ବାଟକୁ ଚାହିଁ ରହିଛନ୍ତି ମା' ।

ଦାବି ପୂରଣ ନହେଲେ ସମୂହ ଛୁଟିରେ ଯିବେ-ଅମଲା ମଞ୍ଚ

କୋରାପୁଟ,(ଭାସ୍କର ନ୍ୟୁଜ): ବିଭିନ୍ନ ଦାବି ପୂରଣ ନିମନ୍ତେ ଅମଲାମାନେ ସପ୍ତାହେ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବେ । ଏହାପରେ ବି ଦାବି ପୂରଣ ନହେଲେ ଜୁନ୍ ୧ତାରିଖରୁ ସମସ୍ତେ ଛୁଟିରେ ଯିବେ ବୋଲି କୋରାପୁଟ ଜିଲ୍ଲା ଅମଲା ସଂଘ ଚେତାବନୀ ଦେଇଛି । କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହରେ ସାମ୍ବାଦିକ ସମ୍ମିଳନୀ କରି ସଂଘ ଏହି ସୂଚନା ଦେଇଛି । ଜିଲ୍ଲା ମିଳିତ ଅମଲା ମଞ୍ଚ ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗର କାର୍ଯ୍ୟରତ ସମସ୍ତ ଅମଲା ଯୋଗ ଦେଇଥିଲେ । କନିଷ୍ଠ ସହାୟକ ପ୍ରବେଶିକା ଦରମା ୪୨୦୦ଟଙ୍କା ଗ୍ରେଡ୍ ପେ କରିବାକୁ ବହୁ ବର୍ଷ ହେଲା ଦାବି ହେଉଛି । ତଥାପି ସରକାର କର୍ଣ୍ଣପାତ କରୁନାହାନ୍ତି । ଏଥିପାଇଁ ସମଭାବାପନ୍ନ ସଂଘକୁ ନେଇ ରାଜ୍ୟ ମିଳିତ ଅମଲା ମଞ୍ଚ ଗଠନ କରାଯାଇଥିଲା । ସମସ୍ତ ଜିଲ୍ଲାରେ ମିଳିତ ଅମଲା ମଞ୍ଚ ଗଠନ କରାଯିବା ସହତି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ମାସକ ତଳେ ଜିଲ୍ଲାର ସମସ୍ତ ଅମଲା ଏକଜୁଟ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ । ତେଣୁ ଆଗକୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି । ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ସୁନାକର ରାଉତ, ଉପଦେଷ୍ଟା ମନୋଜ କୁମାର ବାରିକ, ନିତ୍ୟାନନ୍ଦ ଭତ୍ରାଙ୍କ ସମେତ ବରିଷ୍ଠ ସଦସ୍ୟ ଯୋଗଦେଇଥିଲେ ।

ମାଟି ଧସି ଜଣେ ମୃତ,ଜଣେ ଗୁରୁତର

ରାଇଘର (ଭାସ୍କର ନ୍ୟୁଜ୍): ରାଇପୁରରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ଭାରତ ମାଳା ଯୋଜନା ଚାଲିଛି ରାସ୍ତା କାମ । ଏହା ନବରଙ୍ଗପୁର ଜିଲ୍ଲା ଦେଇ ଯାଉଛି । ଜିଲ୍ଲାର ରାଇଘର ବ୍ଲକ ଦେଇ ଯାଉଥିବା ରାସ୍ତାରେ କାମ ଜୋର୍ ସୋର୍‌ରେ ଚାଲିଛି । କିନ୍ତୁ ଏହି ରାସ୍ତା କାମ ଚାଲିଥିବା ସମୟରେ ଆଜି ଘଟିଛି ଏକ ଅଘଟଣ ଏହି ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କାଚରାପାରା ଗ୍ରାମ ନିକଟରେ । ରାସ୍ତା ପାଇଁ କାମ ଚାଲିଥିବା ସମୟରେ ପାହାଡ କାଟି ରାସ୍ତାର ଦୁଇ ଦିଗରେ ଗାର୍ଡ ୱାଲ ତିଆରି ଚାଲିଛି । ଜେସିବି ମେସିନରେ ମାଟି ଖୋଲୁଥିବା ସମୟରେ ହଟାତ ଉପରୁ ମାଟି ଧସି ଗାଡଉଆଲ ଉପରେ ପଡି ଯିବାରୁ ସେଇ ସ୍ଥାନରେ ନିୟୋଜିତ ହୋଇଥିବା ଜଣେ ଶ୍ରମିକଙ୍କ ଉପରେ ପଥର ଓ ମାଟି ପଡିଯିବାରୁ ସେଠାରେ କାମ କରୁଥିବା ଶ୍ରମିକ ନୀତେଶ ଯାଦବଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ ହେଇଛି । ତାଙ୍କ ସ୍ତ୍ରୀ ସୁନୀତା ଯାଦବ ଗୁରୁତର ହୋଇଛନ୍ତି, ସୁନିତାକୁ ପ୍ରଥମେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ସ୍ୱାମୀ ସ୍ତ୍ରୀ ଉଭୟ ନାଗପୁର ଅଞ୍ଚଳର ବୋଲି ସୂଚନା ମିଳିଛି । ଗୁରୁତର ମହିଳାଙ୍କ ହାତ ଏବଂ ଗୋଡ ଭାଙ୍ଗି ଯିବାରୁ ଅଧିକ ଚିକିତ୍ସା ପାଇଁ ନାଗପୁରକୁ ସ୍ଥାନାନ୍ତରିତ କରାଯାଇଛି । ସେମାନେ ରାଇଘରରେ ରହି ଭାରତମାଳା ଯୋଜନାରେ ରାସ୍ତାକାମରେ କାମ କରୁଥିଲେ ଘଟଣା ସ୍ଥଳରେ ଜେସିବି ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ରାଇଘର ପୋଲିସ ମନୋରଞ୍ଜନ ବେହେରା ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

ଦୁର୍ଗମରେ ଶିକ୍ଷାର ବିକଳ ଚିତ୍ର

ବା

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଟ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର

ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ

ମନ୍ତ୍ରିମଣ୍ଡଳ ଅଦଳବଦଳ

ମୁହଁ ପୁରୁଣା, ଦାୟିତ୍ୱ ନୂଆ

ରାଜ୍ୟ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ଶେଷ ହୋଇଛି। ୩ ଜଣ ନୂଆ ମନ୍ତ୍ରୀ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ପଦରୁ ଇସ୍ତଫା ଦେଇଥିବା ଗଞ୍ଜାମର ବରିଷ୍ଠ ନେତା ବିକ୍ରମ କେଶରୀ ଆରୁଖ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡି ଏବଂ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ନୂତନ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ତିନିଜଣ ପୂର୍ବରୁ ମଧ୍ୟ ନବୀନ ପଟ୍ଟନାୟକ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଦୀର୍ଘଦିନ ହେବ ଚର୍ଚ୍ଚା ଲାଗିରହିଥିଲା। ଦିବଂଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଅକାଳ ବିୟୋଗ ପରେ ସେହି ବିଭାଗର ଅତିରିକ୍ତ ଦାୟିତ୍ୱ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ସେହିପରି ମନ୍ତ୍ରିମଣ୍ଡଳରୁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଇସ୍ତଫା ଦେବା ପରେ ଏହି ଦୁଇ ମନ୍ତ୍ରୀଙ୍କ ଦାୟିତ୍ୱ ସମ୍ଭାଳୁଥିଲେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲିକ। ମୋଟାମୋଟି ୩ ଟି ମନ୍ତ୍ରୀ ପଦ ଖାଲି ପଡିବା ତଥା ସେହି ବିଭାଗଗୁଡିକର ଅତିରିକ୍ତ ଦାୟିତ୍ୱ ଅନ୍ୟ ମନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଥିବାରୁ ସରକାରୀ କାର୍ଯ୍ୟରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଏହା ବ୍ୟତୀତ ୨୦୨୪ ସାଧାରଣ ନିର୍ବାଚନ ଆଉ ଅଳ୍ପ କିଛିଦିନ ବାକି ଥିବାବେଳେ ଦଳର ସାଂଗଠନିକ ପୁନର୍ବିନ୍ୟାସ ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଥିବା କୁହାଯାଉଛି। ବିଶେଷକରି ମୁଖ୍ୟମନ୍ତ୍ରୀ ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲା ରାଜନୀତି ଉପରେ ଫୋକସ୍ କରିଥିବାର ଚର୍ଚ୍ଚା ମଧ୍ୟ ଜୋର୍ ଧରିଛି। ବିଭିନ୍ନ ପ୍ରସଂଗ ଓ ଦଳୀୟ ନେତାଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ଦଳ ବ୍ୟାକ୍‌ଫୁଟ୍‌ରେ ରହିଥିବାବେଳେ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରାଯାଇଥିବା କୁହାଯାଉଛି। ମନ୍ତ୍ରୀ ହୋଇଥିବା ସୁଦାମ ମାର୍ଣ୍ଡି ମୟୂରଭଞ୍ଜ ଜିଲ୍ଲାର ଜଣେ ଟାଣୁଆ ଆଦିବାସୀ ନେତା ହୋଇଥିବାବେଳେ ଗଞ୍ଜାମ ଜିଲ୍ଲା ରାଜନୀତିରେ ବିକ୍ରମ କେଶରୀ ଆରୁଖଙ୍କର ବେଶ୍ ଦବଦବା ରହିଛି। ସେହିପରି ପଶ୍ଚିମ ଓଡ଼ିଶା ରାଜନୀତିରେ ସାରଦା ପ୍ରସାଦ ନାୟକଙ୍କର ବେଶ୍ କାଟ୍‌ତି ବି ରହିଛି। ତେଣୁ ଆଦିବାସୀ ଭୋଟକୁ ସୁରକ୍ଷିତ ରଖିବା ସହ ପଶ୍ଚିମ ଓଡ଼ିଶାରେ ବିଜେପିର ଦୁର୍ଗକୁ ଭାଙ୍ଗିବା ଓ ଗଞ୍ଜାମ ଜିଲ୍ଲାରେ ସଂଗଠନକୁ ମଜଭୁତ ରଖିବା ପାଇଁ ଏହି ଅଦଳବଦଳ କରାଯାଇଥିବା ରାଜନୈତିକ ବିଶେଷଜ୍ଞମାନେ ମତ ରଖୁଛନ୍ତି। ୨୦୨୪ ନିର୍ବାଚନରେ ଦଳ କିପରି ପୁଣି ଥରେ ବାଜିମାତ୍ କରିବ ସେ ନେଇ ଏହି ଅଦଳବଦଳ କରାଯାଇ ସଂଗଠନକୁ ମଜଭୁତ ପାଇଁ ପ୍ରୟାସ ଆରମ୍ଭ ହୋଇଥିବା କୁହାଯାଉଛି। ତେବେ, ସେ ଯାହା ହେଉ, ସବୁ କଳ୍ପନା ଜଳ୍ପନା ଓ ପ୍ରତୀକ୍ଷାର ଅନ୍ତ ଘଟିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ୨୦୨୪ ନିର୍ବାଚନରେ ଦଳ ପାଇଁ କେତେ ପରିମାଣର ଲାଭଦାୟକ ହେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

ନ୍ୟାୟ ଅପେକ୍ଷାରେ ଜାତିଗତ ଲଢ଼େଇ

ରବିନାରାୟଣ ପଣ୍ଡା
ମଠ ସାହି, ଭଦ୍ରକ
ମୋ-୯୪୩୭୦୧୭୮୫୭

ମଣିପୁର ହିଂସା ଦେଶର ଜାତିଗତ ଓ ସାମାଜିକ ସମସ୍ୟାକୁ ଉଜାଗର କରିଛି। ମୁଖ୍ୟତଃ କୁକୀ ସମ୍ପ୍ରଦାୟ ଓ ମୈତେଇ ସମ୍ପ୍ରଦାୟ ଲୋକଙ୍କ ଭିତରେ ସଂଘର୍ଷ ବହୁ ବର୍ଷ ପୂର୍ବରୁ ଲଗାଯାଇଥିବା ଏକ ବିଷ ବୃକ୍ଷର ଫଳ। ଭାରତ ସରକାର ନା ଗିଳି ପାରୁଛନ୍ତି ନା କାଢି ପାରୁଛନ୍ତି। ମଣିପୁର ସ୍ଥିତି ସେଇଥିପାଇଁ ମହା ବିଷମ ପରିସ୍ଥିତି ସୃଷ୍ଟି କରିଛି। ମଣିପୁରରେ ମୈତେଇଙ୍କୁ ଛାଡି ୩୩ଟି ଜନଜାତିର ସମୁଦାୟ ବସବାସ କରନ୍ତି। ସେଥିମଧ୍ୟରୁ ଈସାଇ ବହୁଳ କୁକୀ ଓ ନାଗା ମୁଖ୍ୟ ସମ୍ପ୍ରଦାୟ। ୨୦୧୧ ତଥ୍ୟ ଅନୁସାରେ ମଣିପୁରର ମୋଟ ଜନସଂଖ୍ୟାରେ ହିନ୍ଦୁଙ୍କ ସଂଖ୍ୟା ୪୧.୩୯% ଓ ଈସାଇଙ୍କ ସଂଖ୍ୟା ୪୧.୨୯% ଓ ମୁସଲିମଙ୍କ ସଂଖ୍ୟା ୮%। ମୈତେଇ ସମାଜ ଅଧିକାଂଶ ହିନ୍ଦୁ ହୋଇଥିବା ବେଳେ ନାଗା ଓ କୁକିମାନେ ସର୍ବାଧିକ ଖ୍ରୀଷ୍ଟିଆନ ଅଟନ୍ତି।

ଏସବୁ ସତ୍ତ୍ୱେ ଧର୍ମ ଆଧାରରେ ଲଢେଇ କମ୍ ଦେଖିବାକୁ ମିଳେ। ଲଢେଇର ସବୁଠାରୁ ବଡ କାରଣ ଜନଜାତି ମାନ୍ୟତା। ମୈତେଇ ଲୋକଙ୍କୁ ୧୯୪୯ ପର୍ଯ୍ୟନ୍ତ ଜନଜାତି ମାନ୍ୟତା ମିଳୁଥିଲା। ରାଜ୍ୟରେ ସମସ୍ତେ ସ୍ୱାଭାବିକ ଭାବରେ ରହୁଥିଲେ। ୧୯୪୯ ରେ ଭାରତ ସହ ମଣିପୁର ବିଲୟ ହେଲା। ହିନ୍ଦୁ ବହୁଳ ମୈତେଇ ସମ୍ପ୍ରଦାୟ ଷଡଯନ୍ତ୍ରରେ ଶିକାର ହେଲେ। ଭାରତ ସରକାର ଷଡଯନ୍ତ୍ରକୁ ବୁଝିନପାରି ମୈତେଇଙ୍କ ଜନଜାତି ମାନ୍ୟତା ସମାପ୍ତି କରିଦେଲେ। ଖାଲି ସେତିକି ନୁହେଁ ସେମାନଙ୍କୁ ଅଘୋଷିତ ଭାବରେ ଦ୍ୱିତୀୟ ଶ୍ରେଣୀର ନାଗରିକ କରିଦେଲେ। ୧୯୪୯ରେ ଜନଜାତି ମାନ୍ୟତା ସମାପ୍ତି ହେବା ପରେ ସେମାନଙ୍କୁ ପାହାଡ ଠାରୁ ଦୂରେଇ ଦିଆଗଲା। ସରକାରୀ ନିୟମ କରିଦିଆଗଲା ମୈତେଇ ସମ୍ପ୍ରଦାୟ ମଣିପୁରର (୯୦% ଅଞ୍ଚଳ) ପାହାଡିଆ ଅଞ୍ଚଳରେ ଜମି କିଣିପାରିବେନି। ଆର୍ଥିକ, ସାମାଜିକ ଓ ରୋଜଗାର କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ସାମ୍ନା କରିବାକୁ ପଡିଲା। ନିଜର ରାଜ୍ୟ ଭିତରେ ନିଜ ମାଟି ଠାରୁ ଅଲଗା ହେବାର ଷଡଯନ୍ତ୍ର ମୈତେଇ ସମ୍ପ୍ରଦାୟ କେବେବି ଗ୍ରହଣ କରିପାରିଲାନି। ମୈତେଇ ସମ୍ପ୍ରଦାୟ ନିଜର ପୂର୍ବଜ, ପୂର୍ବ ସାଂସ୍କୃତିକ ପରମ୍ପରାକୁ ରକ୍ଷା କରିବା ପାଇଁ ଅନବରତ ସଂଘର୍ଷ କରି ଆସିଛି। ନିଜର ପୂର୍ବ ପରିଚୟ ପାଇବା ପାଇଁ ସାମାଜିକ, ରାଜନୈତିକ ଓ ନ୍ୟାୟିକ ଲଢେଇ ଜାରି ରଖିଛି। ୧୯୪୯ରୁ ଆଜି ପର୍ଯ୍ୟନ୍ତ ଏହି ଅନ୍ୟାୟ ଅପମାନ ବିରୋଧରେ ସେମାନେ ଲଢେଇ କରି ଆସୁଛନ୍ତି।

ସମ୍ବିଧାନର ଧାରା ୩୭୧ ସି ଅନୁସାରେ ପାହାଡିଆ ଜନଜାତି ବିଶେଷ କରି କୁକୀମାନଙ୍କୁ ବିଶେଷ ଅଧିକାର ମିଳିଛି। ସେମାନେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ। ମ୍ୟାନମାର ଦେଇ ସେମାନେ ଭାରତ ବିରୋଧୀ ଗତିବିଧି ଚଳେଇ ଆସୁଛନ୍ତି। ୨୦୦୫ରେ ଭାରତୀୟ ସେନା ସହ ଲଢେଇ କରୁଥିବା ଈସାଇ ଧର୍ମାବଲମ୍ବୀ କୁକୀ ଓ ନାଗାମାନେ ଭାରତ ସହ ସନ୍ଧି କରିବା ପାଇଁ ରାଜି ହେଲେ। ୨୦୦୮ରେ ସମସ୍ତ ବିଦ୍ରୋହୀ ସଂଗଠନ ଭାରତ ସରକାରଙ୍କ ସହ sos ସନ୍ଧି କଲେ। ଅସ୍ତ୍ରବିରତି ପରେ ମଣିପୁରରେ ଶାନ୍ତି ପ୍ରତିଷ୍ଠା ହେଲା। କିନ୍ତୁ ଦୀର୍ଘ ଦିନର ଆତଙ୍କବାଦୀ ଆକ୍ରମଣ ଫଳରେ କାଶ୍ମୀର ପଣ୍ଡିତଙ୍କ ଭଳି ମୈତେଇ ସମୁଦାୟ ମଣିପୁର ପାହାଡିଆ ଅଞ୍ଚଳରୁ ପଳାୟନ କରିସାରିଥିଲା। ତାଙ୍କ ସ୍ଥାନରେ ବଙ୍ଗଳାଦେଶୀ ଓ ମିଆଁମାର ଲୋକ ଆସି ଜନବସତି ତିଆରି କରିନେଇଥିଲେ। ମଣିପୁରର ପାଖାପାଖି ୯୦% ଅଞ୍ଚଳରୁ ମୈତେଇମାନେ ପଳେଇ ଆସି କେବଳ ଇମ୍ଫାଲ ଅଞ୍ଚଳରେ ସୀମିତ ହୋଇଗଲେ। ରାଜ୍ୟରେ ମୋଟ ଜନସଂଖ୍ୟାର ପାଖାପାଖି ୫୩ ପ୍ରତିଶତ ମୈତେଇ ଇମ୍ଫାଲ ଘାଟୀ ଭିତରେ ନିଜକୁ ସୀମିତ କରିନେଇଥିଲେ। ଇମ୍ଫାଲର କ୍ଷେତ୍ରଫଳ ମଣିପୁରର ମାତ୍ର ୧୦%। ଏମାନେ ଆର୍ଥିକ ଓ ଶିକ୍ଷା ଦୃଷ୍ଟିରୁ କୁକୀମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ଅଟନ୍ତି। ମୈତେଇ ସମୁଦାୟ ଲୋକ ଉଚ୍ଚ ନ୍ୟାୟାଳୟରେ ଲମ୍ବା ସମୟ ଲଢେଇ କରିବା ପରେ ୨୦୨୩ ଏପ୍ରିଲ ୧୯ରେ ଐତିହାସିକ ବିଜୟ ପ୍ରାପ୍ତ କଲେ। ମଣିପୁର ଉଚ୍ଚ ନ୍ୟାୟାଳୟ ସେମାନଙ୍କ ଠାରୁ ଛଡେଇ ନିଆଯାଇଥିବା ଜନଜାତି ମାନ୍ୟତା ଫେରେଇ ଦେବା ପାଇଁ ଆଦେଶ ଦେଲେ। ଜନଜାତି ମନ୍ତ୍ରଣାଳୟକୁ ମଧ୍ୟ କେନ୍ଦ୍ରକୁ ସୁପାରିଶ ପାଇଁ ନିର୍ଦ୍ଦେଶ ଦେଲେ।

ଉଚ୍ଚ ନ୍ୟାୟାଳୟର ଆଦେଶ ପରେ କୁକୀମାନେ ମୈତେଇ ସମୁଦାୟ ବିରୋଧରେ ଜନ ଆନ୍ଦୋଳନ ଆରମ୍ଭ କଲେ। ସେମାନଙ୍କ ଭୂମିଗତ ଏକାଧିକାର ସମାପ୍ତ ହେବାର ସମ୍ଭାବନା ତିଆରି ହେଲା। କାରଣ ଜନଜାତି ମାନ୍ୟତା ଫେରି ପାଇଲେ ମୈତେଇମାନେ ପାହଡ ଅଞ୍ଚଳରେ ଜମି କିଣିବା ଆରମ୍ଭ କରିଦେବେ। ସ୍ୱାର୍ଥରେ ଆଘାତ ଆସିବାର କୁକୀ ଓ ନାଗାମାନେ ଅଧିକ ଉଗ୍ରହୋଇ ୨୮ ଏପ୍ରିଲରେ ଚୁରଚାନ୍ଦପୁର ଠାରେ ୮ଘଣ୍ଟା ବନ୍ଦ ପାଳନ କଲେ। ୩ ମେ'ରେ ଆଦିବାସୀ ଏକତା ମୋର୍ଚ୍ଚା ସମ୍ପ୍ରଦାୟ ଏଥର ମାତ ଖାଇଚୁପ ରହିଯିବା ଅବସ୍ଥାରେ ନଥିଲା ସେମାନେ ପ୍ରତି ଆକ୍ରମଣ କରିଦେଲେ। ମୈତେଇ ସମ୍ପ୍ରଦାୟ ଏଥର ମାତ ଖାଇ ରହିଯିବା ଅବସ୍ଥାରେ ନଥିଲା, ସେମାନେ ପ୍ରତି ଆକ୍ରମଣ କରିଦେଲେ। ମଣିପୁରରେ ସାମାଜିକ ସଂଘର୍ଷ ତୀବ୍ର ରୂପ ନେଲା। ୫୦ରୁ ଅଧିକ ଲୋକ ହତ୍ୟାର ଶିକାର ହେଲେ।

ମଣିପୁର ଉଚ୍ଚ ନ୍ୟାୟାଳୟ ରାୟ ସହିତ ବୀରେନ୍ଦ୍ର ସିଂ ସରକାର ଉଚ୍ଛେଦ କାର୍ଯ୍ୟ ନାଗା ଓ କୁକୀମାନଙ୍କୁ ହିଂସ୍ର ହେବା ପାଇଁ ଅଧିକ ଖୋରାକ ଯୋଗାଇଲେ। ପାହାଡ ଅଞ୍ଚଳରେ ଆତଙ୍କବାଦୀ ଗତିବିଧି ପାଇଁ ଗଞ୍ଜେଇ ଚାଷ ଅବାଧ ରୂପରେ ଚାଲି ଆସୁଥିଲା। ସରକାର ଠିକ୍ ସେହି ସମୟରେ ଅବୈଧ କବ୍ଜା ହଟେଇବା ସହ ଗଞ୍ଜେଇ ଚାଷ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଲେ। ମଣିପୁର ବିଧାନସଭାରେ ୬୦ ବିଧାୟକଙ୍କ ଭିତରୁ ପାଖାପାଖି ୪୦ ଜଣ ମୈତେଇ ସମ୍ପ୍ରଦାୟର। ନାଗା ଓ କୁକୀମାନଙ୍କର ବିଶ୍ୱାସ ସରକାର ଉପରେ କମ କରିବାରେ ଏହି ସଂଖ୍ୟା ଗଣତି ସହାୟକ ହେଲା। ହିଂସା ଅଧିକ ତୀବ୍ର ରୂପ ନେଇନେଲା।

ବାସ୍ତବରେ ଏହି ଲଢେଇ ଜନଜାତି ମାନ୍ୟତା ହରେଇଥିବା ଲୋକଙ୍କର ନ୍ୟାୟ ପାଇଁ ଲଢେଇ ବୋଲି କୁହାଯାଇପାରେ। ନିଜର ଅଧିକାର ପାଇଁ ଲଢେଇ ବୋଲି କୁହାଯିବ। ଅନ୍ୟ ଦୃଷ୍ଟିରୁ ଦେଖିଲେ ଏହା ଭାରତ ବିରୋଧୀ ଓ ଭାରତ ସପକ୍ଷବାଦୀଙ୍କ ଭିତରେ ଲଢେଇ ବୋଲି କୁହାଯାଇପାରେ। ପ୍ରଥମଥର ଭାରତକୁ ଭଲ ପାଉଥିବା ଲୋକଙ୍କର ନ୍ୟାୟିକ ବିଜୟ ହୋଇଛି। କିନ୍ତୁ କୁକୀମାନେ ହିଂସା ବଦଳରେ ଆନନ୍ଦ ମନରେ ଏହାକୁ ସ୍ୱୀକାର କରିଥିଲେ, ସମ୍ଭବତଃ ଏପରି ସମସ୍ୟା ଉପୁଜି ନଥାନ୍ତା। ଯେଉଁମାନେ ଜନଜାତି ମାନ୍ୟତା ପାଉଥିଲେ ଯଦି ନ୍ୟାୟାଳୟ ସେମାନଙ୍କୁ ପୂର୍ବ ଅଧିକାର ଫେରାଇ ଦେଲା ସେଥିରେ କୌଣସି ସମସ୍ୟା ହେବାକଥା ନୁହେଁ। ମୈତେଇ ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅନୁସୂଚିତ ଜାତି, ପଛୁଆବର୍ଗ, ଅତି ପଛୁଆ ବର୍ଗରେ ସାମିଲ କରାଯାଇଛି ସତ୍ୟ କିନ୍ତୁ ସେମାନଙ୍କର ମୂଳ ଅଧିକାର ସେମାନଙ୍କୁ ମିଳିବା ଉଚିତ। ନିଜ ରାଜ୍ୟରେ ଭୂମିଗତ ଅଧିକାର ସମସ୍ତଙ୍କର ସମାନ ହେବା ଉଚିତ। ସପ୍ତମ ଶତାବ୍ଦୀରୁ ଚାଲି ଆସୁଥିବା ମୈତେଇମାନଙ୍କ ପରମ୍ପରାକୁ ଉଚ୍ଛେଦ କରିବା କେବେବି ଠିକ ବୋଲି କୁହାଯାଇ ପାରିବନାହିଁ।

ଭାରତ ସରକାର ସଂଯମତାର ସହ ନିଆଁ ଲିଭାଇ ଲଢେଇକୁ କିଛି ଦିନ ପାଇଁ ଟାଳିଦେଇ ପାରିଛନ୍ତି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଉଚିତ। ମୈତେଇଙ୍କୁ ନ୍ୟାୟ ପ୍ରଦାନ କରି ୭୫ ବର୍ଷର ସଂଘର୍ଷକୁ ସମାପ୍ତ କରିବା ଉଚିତ ହେବ। ମଣିପୁର ଭାରତର ସୀମାନ୍ତ ରାଜ୍ୟ। ତେଣୁ ରାଜ୍ୟ ଶାନ୍ତି ଦେଶ ପାଇଁ ଅପରିହାର୍ଯ୍ୟ। ବିଦେଶୀ ଚକ୍ରାନ୍ତରେ ଶିକାର ହୋଇ ଭାରତ ବିରୋଧରେ ଅସ୍ତ୍ର ଉଠାଉ ଥିବା ନାଗା ଓ କୁକିମାନଙ୍କୁ ଅନୁକମ୍ପା ପ୍ରଦାନ କରିବାର କୌଣସି ଆବଶ୍ୟକତା ନାହିଁ। କିନ୍ତୁ କୁକୀମାନଙ୍କୁ ମୈତେଇମାନଙ୍କ ଠାରୁ ବିପଦର ସନ୍ଦେହକୁ ଦୂରୀଭୂତ କରି ବିଶ୍ୱାସର ବାତାବରଣ ନିର୍ମାଣ କରିବା ଉଚିତ। କାହାରି ଅଧିକାର ଛଡେଇ ନେବା ଉଚିତ ନୁହେଁ।

ଦୁଇ ହଜାର ଟଙ୍କିଆ ନୋଟ୍‌ର ବିଦାୟ

ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

ଭାରତୀୟ ରିଜର୍ଭବ୍ୟାଙ୍କ ଗତ ୧୯ ତାରିଖରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତ୍ତି ଅନୁସାରେ ସେପ୍ଟେମ୍ବର ୩୦ ତାରିଖ ପରଠାରୁ ୨୦୦୦ ଟଙ୍କିଆ ନୋଟ୍ ଆଉ ଦେଶରେ ଚଳିବ ନାହିଁ। ୨୦୧୬ ନଭେମ୍ବର ୮ ତାରିଖରେ ଏକ ଐତିହାସିକ ନିଷ୍ପତ୍ତିକ୍ରମେ ବିମୁଦ୍ରିକରଣର ଘୋଷଣା କରାଯାଇଥିଲା। ଏହାର ଠିକ୍ ସାଢେ ଛଅ ବର୍ଷ ପରେ ବିମୁଦ୍ରିକରଣ ପରେ ପ୍ରଚଳିତ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନକୁ ବନ୍ଦ କରିଦିଆଯାଇଛି। ମଇ ମାସ ୨୩ ତାରିଖଠାରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଲୋକେ ତାଙ୍କ ପାଖରେ ଥିବା ଏଭଳି ନୋଟ୍‌କୁ ବ୍ୟାଙ୍କରେ ଜମା କରିପାରିବେ, ଅଥବା ବଦଳାଇ ପାରିବେ। ଅର୍ଥାତ୍ ସେପ୍ଟେମ୍ବର ୩୦ ତାରିଖ ପରେ ଏହି ଟଙ୍କାର ନେଣଦେଣ ବନ୍ଦ। ପ୍ରଶ୍ନ ଉଠିବା ସ୍ୱଭାବିକଯେ ଏହି ଗୋଲାପି ନୋଟର ପ୍ରଚଳନ ରିଜର୍ଭ ବ୍ୟାଙ୍କ ବନ୍ଦ କଲା କାହିଁକି ? ରିଜର୍ଭ ବ୍ୟାଙ୍କର ଏଭଳି ନିଷ୍ପତ୍ତି ପଛରେ କ'ଣ କାରଣ ରହିଛି। ୨୦୧୬ରେ ଯେତେବେଳେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ହେଲା, ସେତେବେଳେ ଏହାର ସମୁଦାୟ କରେନ୍ସି ଭାଲ୍ୟୁ ୫୦ ପ୍ରତିଶତ ଥିଲା। ଏବେ ଯେତେବେଳେ ବନ୍ଦ କରାଯିବା ପାଇଁ ଘୋଷଣା କରାଯାଇଛି, ସେତେବେଳେ ଏହାର କରେନ୍ସି ଭାଲ୍ୟୁ ୧୩.୮ ପ୍ରତିଶତ। ରିଜର୍ଭ ବ୍ୟାଙ୍କ ୨୦୧୮-୧୯ରେ ଏହି ନୋଟ୍ ଛାପିବା ବନ୍ଦ କରିଦେଇଥିଲା। ୨୦୦୦ ଟଙ୍କିଆ ନୋଟ୍‌ର ୮୯ ପ୍ରତିଶତ ନୋଟ୍ ୨୦୧୭ ମାର୍ଚ୍ଚ ପୂର୍ବରୁ ଛପା ହୋଇଯାଇଥିଲା। ରିଜର୍ଭ ବ୍ୟାଙ୍କ ଏହି ନୋଟ୍ ଛାପିବା ବନ୍ଦ କରିଦେବା ଓ ବଜାରରେ ଏହାର ପ୍ରଚଳନ କମିଯିବା କାରଣରୁ ଆଶଙ୍କା କରାଯାଉଥିଲା ଯେ, ଏହି ନୋଟ୍ ବନ୍ଦ ହୋଇଯିବ। ୨୦୧୬-୧୭ରେ ଯେତେବେଳେ ବଜାରରେ ପ୍ରଚଳିତ ମୁଦ୍ରାର ମୂଲ୍ୟ ୧୩.୧୦ ଲକ୍ଷ କୋଟି ଥିଲା, ସେତେବେଳେ ୬.୫୭ ଲକ୍ଷ କୋଟିର ୨୦୦୦ ଟଙ୍କିଆ ମୁଦ୍ରାର ପ୍ରଚଳିତ ହେଉଥିଲା। ୨୦୨୧-୨୨ରେ ଯେତେବେଳେ ବଜାରରେ ୩୧.୦୬ ଲକ୍ଷ କୋଟିର ମୁଦ୍ରା ପ୍ରଚଳନ ହେଉଥିଲା, ସେତେବେଳେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଥିଲା ମାତ୍ର ୪.୨୮ ଲକ୍ଷ କୋଟି। କିନ୍ତୁ ଏହି ସମୟ ମଧ୍ୟରେ ୫୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଅଧିକ ହୋଇଥିଲା। ବିଗତ ବର୍ଷେ, ଦେଢବର୍ଷ ହେବ ସାଧାରଣ ଲୋକେ ୨୦୦୦ ଟଙ୍କିଆ ମୁଦ୍ରାରେ ପ୍ରାୟତଃ ନେଣଦେଣ କରୁନଥିଲେ। ଏଟିଏମ୍ ମାନଙ୍କରୁ ମଧ୍ୟ ଏହି ନୋଟ୍ ମିଳୁନଥିଲା। ଏଣୁ ଲୋକଙ୍କ ମନରେ ପ୍ରଶ୍ନ ଉଠୁଥିଲା ଯେ, ଏହି ନୋଟ୍ ଗଲା କୁଆଡ଼େ ?

୨୦୧୬ର ବିମୁଦ୍ରିକରଣ ପରେ ୧୫.୫୨ ଲକ୍ଷ କୋଟି ଟଙ୍କାର୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ରୁ ଅର୍ଥ ବ୍ୟବସ୍ଥାରୁ ବାହାର କରିଦିଆଯାଇଥିଲା। ଏହା ବଦଳରେ ନୂଆ ୫୦୦ ଟଙ୍କିଆ ନୋଟ୍ ଓ ଗୋଲାପି ରଙ୍ଗର ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ହେଲା। କିନ୍ତୁ ୫୦୦ ଟଙ୍କିଆ ନୋଟ୍‌ର ପ୍ରଭାବ ବଜାରରେ ବଢିଲା ଓ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ କମିବାରେ ଲାଗିଲା। ୨୦୨୧-୨୨ରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରେ କୁହାଯାଇଥିଲା ଯେ, ଲୋକେ ୨୦୦୦ ଟଙ୍କିଆ ନୋଟ୍‌କୁ ପସନ୍ଦ କରୁନାହାନ୍ତି। ଏଣୁ ୨୦୧୮-୧୯ ପରେ ରିଜର୍ଭ ବ୍ୟାଙ୍କ ଏହି ନୋଟ୍ ଛାପିବା ବନ୍ଦ କରିଦେଇଥିଲା। ୨୦୧୬-୧୭ରେ ରିଜର୍ଭ ବ୍ୟାଙ୍କ ୩୫୦ କୋଟି ଖଣ୍ଡ ୨୦୦୦ ଟଙ୍କିଆ ନୋଟ୍ ଛାପିଥିଲା। ୨୦୧୭-୧୮ ଓ ୨୦୧୮-୧୯ରେ କ୍ରମଶଃ୧୫.୧୦ କୋଟି ଏବଂ ୪.୭୦ କୋଟି ନୋଟ୍ ଛାପିଥିଲା। ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ରେ ରିଜର୍ଭ ବ୍ୟାଙ୍କ ଏହି ନୋଟ୍ ଛାପିନଥିଲା। ଅର୍ଥାତ୍ ରିଜର୍ଭ ବ୍ୟାଙ୍କ ସମୁଦାୟ ୩୭୦ କୋଟି ୨୦୦୦ ଟଙ୍କିଆ ନୋଟ୍ ଛାପିଥିଲା। କିନ୍ତୁ ଏହି ସମୟ ମଧ୍ୟରେ ୬୪୭୯ କୋଟି ୫୦୦ ଟଙ୍କିଆ ନୋଟ୍ ଛାପିଥିଲା।

୨୦୧୬ର ବିମୁଦ୍ରିକରଣ ପରେ ଯେତେବେଳେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ କରାଗଲା, ସେତେବେଳେ କୁହାଗଲା ଯେ, ଏହି ନୋଟ୍‌ର ବିଶେଷତଃ କାରଣରୁ ଏହାର ନକଲି ନୋଟ

ବସୁଧା ଯୋଜନା ଫେଲ୍: ଜଳ କଷ୍ଟରେ ଆଉଟୁପାଉଟୁ ଟେଣ୍ଡାପାଲି ଗ୍ରାମବାସୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି। ପଶୁପକ୍ଷୀଙ୍କଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ସମସ୍ତେ ଅସ୍ତବ୍ୟସ୍ତ। ସବୁଠି ଟୋପାଏ ପାଣି ପାଇଁ ହାହାକାର। ନଦୀ ନାଳ ପୋଖରୀ ସବୁ ଶୁଖିଯାଇ ଆଁ କରି ବସିଲାଣି। ଏପରିସ୍ଥଳେ ସାହା ଭରସା ପାଲଟି ଥିବା ସରକାରୀ ବସୁଧା ଯୋଜନା ଠପ ହୋଇ ପଡ଼ିଥିବା ଯୋଗୁଁ ଜଳ କଷ୍ଟ ଲୋକଙ୍କୁ ଦ୍ୱିଗଣିତ କରିଛି। ଫେଲ ମାରିଛି ବସୁଧା ଯୋଜନା- ତାର ନଗ୍ନ ଚିତ୍ର କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ଗ୍ରାମରେ ଦେଖିବାକୁ ମିଳିଛି। ଟୋପାଏ ପାଣି ପାଇଁ ହାହାକାର ଖେଳି ଯାଉଛି ଯାହାର କରୁଣ ଚିତ୍ର ବୟାନ କରେ। କିଏ ସାଇକେଲରେ ନଦୀରୁ ପାଣି ଆଣୁଛନ୍ତି ତ କିଏ ଟ୍ରାକ୍ଟର ଯୋଗେ ଘରକୁ ଆଣିବା ଦେଖିବାକୁ ମିଳିଛି। ଗାଁରେ ନିର୍ମାଣ ହୋଇଥିବା ବସୁଧା ଯୋଜନା ଗତ ମାସେ ହେବ ଅଚଳ ହୋଇ ପଡିଛି। ସେବେଠୁ କେବଳ ଗାଁ ନିକଟ ନଦୀ ପାଣି ବ୍ୟବହାର କରୁଛନ୍ତି ଲୋକେ। ଦୀର୍ଘ ୨କିମି ଦୂର ଯାଇ ନଦୀରେ ବାଲିଚୁଆ କରି ପାଣି ସଂଗ୍ରହ କରୁଥିବା ପ୍ରକାଶ କରନ୍ତି। ସକାଳ ପାହିଲେ ପାଣି ଚିନ୍ତାରେ ଘାରି ହୋଉଥିବା ଅନେକ ମହିଳା କ୍ଷୁବ୍ଧ ଭାବେ କହନ୍ତି। କୁହାଯାଏ ପାହାନ୍ତିଆରୁ ଧାଡି ଲମ୍ବି ଯାଏ ନଦୀକୁ-କିଏ ମାଠିଆ, ବାଲଟି, ଘରା ଇତ୍ୟାଦି ଧରି ପାଣି ସଂଗ୍ରହ କରି ଲେଉଟି ଥାଆନ୍ତି ଘର। ଗାଁରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ମାତ୍ର ୬-୭ଟି ନଳ କୂପ ରହିଛି। ସେଥିମଧ୍ୟରୁ ୨-୩ଟି ନଳକୂପ ପିଇବା ପାଣି ପାଇଁ ଉପଯୋଗୀ ଥିବା ବେଳେ ବାକିତକ ଅନୁପଯୋଗୀ ଥିବା କୁହାଯାଏ। ଏହା ପୁଣି ଦୀର୍ଘ ସମୟ ଧରି ନଳକୂପକୁ ମାରିଲେ ବହୁକଷ୍ଟରେ ପାଣି ବାହାରି ଥାଏ। ଏପରିକି ଗାଁ ମୁହଁ ଏକ ପଡାରେ ବସତିର ୧୦ବର୍ଷ ହୋଇଥିଲେ ମଧ୍ୟ ଗୋଟାଏ ନଳକୂପ ହୋଇପାରି ନ ଥିବା ଅଭିଯୋଗ ହୁଏ। ତେବେ ଗାଁରେ ସବୁବେଳେ ଜଳ ସମସ୍ୟା ରହିଥିବା ବେଳେ ସରକାରଙ୍କ ବସୁଧା ଯୋଜନାରେ ଓଭର ଟ୍ୟାଙ୍କ ଗତ ବର୍ଷେ ତଳେ ନିର୍ମାଣ ହୋଇଥିଲା। ସ୍ୱାଭାବିକ ଭାବେ ଏହି ଯୋଜନା ମାଧ୍ୟମରେ ଗାଁ କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ଘରକୁ ଘର ହେଉଥିଲା। ହେଲେ ଦୀର୍ଘ ମାସେ ହେବ ଯାନ୍ତ୍ରିକ ତ୍ରୁଟି ଓ ନିମ୍ନମାନର ମେସିନ ଲାଗିଥିବା ଯୋଗୁ ତାହା ଅଳ୍ପ ଦିନ ମଧ୍ୟ ଅଚଳ ହୋଇ ପଡିରହିଛି। ଏନେଇ ଧର୍ମଗଡ଼ ଜଳ ଯୋଗାଣ ଅଧିକାରୀଙ୍କ ନିକଟରେ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ କର୍ଣ୍ଣପାତ କରୁ ନ ଥିବା ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଶୁକ୍ରବାର ଦିନ ଉତ୍ତେଜିତ ଶତାଧିକ ମହିଳା ରାସ୍ତା ଅବରୋଧ କରିବା ସହ ସ୍ଥାନୀୟ ସରପଞ୍ଚଙ୍କୁ ଅଟକ ରଖିଥିଲେ। ଦୀର୍ଘ ସମୟ ଧରି ସରପଞ୍ଚ ଅଟକ ଥିବା ବେଳେ ୧୫ଦିନ ମଧ୍ୟରେ ନଳକୂପ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ସରପଞ୍ଚ ଗୌଲଚନ ଗୋପାଳ ବସୁଧା ଯୋଜନା କାର୍ଯ୍ୟକ୍ଷମ କରିବାକୁ ଧର୍ମଗଡ ଜଳ ଯୋଗାଣ ବିଭାଗକୁ ବାରମ୍ବାର ଜଣାଇ ଥିଲେ ମଧ୍ୟ ବିଭାଗ ନିରବ ସାଜିଥିବା ଅଭିଯୋଗ ହୁଏ। ଅନ୍ୟପଟେ ଦିନକୁ ଦିନ ଗାଁରେ ଜଳ ସଙ୍କଟ ଦେଖାଦେଉଥିବା ବେଳେ ଏହାର ପ୍ରତିକାର କରାନ କଲେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ଜଳ ଯୋଗାଣ ବିଭାଗ ଓ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ସନ୍ତୋଷ ନାଏକ, ଲବରାମ ନାଏକ, ସାନ ନାଏକ, ଚନ୍ଦନ ପାତ୍ର, ମନୁ ପୁଖାରି, ତ୍ରିନାଥ ରାଉତ ପ୍ରମୁଖ ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନଥିଲା।

ସଦର ବ୍ଲକ୍ ଓ ସହରାଞ୍ଚଳର ୫୦ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଆରମ୍ଭ ହେଲା ପ୍ରି-ସ୍କୁଲ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ୍ ଓ ସହରାଞ୍ଚଳର ୫୦ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରି-ସ୍କୁଲ୍‌ର ମଡେଲ କାର୍ଯ୍ୟକ୍ରମ ଏଲ୍‌ଏଣ୍ଡଟି ମାଇଣ୍ଡଟ୍ରି ପକ୍ଷରୁ ଆରମ୍ଭ କରାଯାଇଛି। ରାଜ୍ୟପାଳଙ୍କ କଳାହାଣ୍ଡି ଗସ୍ତ ଅବସରରେ ଗତ ଡିସେମ୍ବର ୨୯ ତାରିଖରେ 'ଚାଲ ଦେଖମା ଆମର କଳାହାଣ୍ଡି' କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ ଷ୍ଟୋରି ପଣ୍ଡ, ଟାନଗ୍ରାମ, ଏକ୍ସପ୍ରେସନ ବୋର୍ଡ, ପଜଲ, ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯାଇଛି। ଏହା ସହିତ ଏଲ୍‌ଟିଆଇ ମାଇଣ୍ଡଟ୍ରି ଏବଂ ସିସମ ୱାର୍କସପ ଇଣ୍ଡିଆ ଓ ପକ୍ଷରୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ନିୟମିତ ବ୍ୟବଧାନରେ ଏହି କାର୍ଯ୍ୟକ୍ରମର ପରିଚାଳନା କରାଯାଉଛି। ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଲ୍‌ଆଇ ମାଇଣ୍ଡଟ୍ରି ଇଏସ୍‌ଜି ମୁଖ୍ୟ ପ୍ରତ୍ୟୁଷ ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଏକ୍କ, ସିସମର ଦମୟନ୍ତୀ ବର୍ଦ୍ଧନ ସିଂ, ସହକାରୀ ତାଲିମଦାତା ଗୀତାଞ୍ଜଳି ପଟ୍ଟନାୟକ, ପ୍ରଗତି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ମୁଖ୍ୟ ଇଂ. ଅଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପରେ ସେମାନେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ପରିଦର୍ଶନ କରି ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ଜୀବନ ଜୀବିକା ଦୋଛକିରେ ବାଉଁଶ କାରିଗର

ନାହିଁ ବିକ୍ରି ବ୍ୟବସ୍ଥା, ମିଳୁନି ସରକାରୀ ସହାୟତା

କୋକସରା, (ଭାସ୍କର ନ୍ୟୁଜ୍): ଆମ କୁଳ ବେଉଶୀ ହେଉଛି ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରିବା। ଏହି କାମକୁ ଆମେ ବାପା ଅଜା ଅମଳରୁ କରି ଆସୁଛୁ। ମୂଳ ପେସାକୁ ଛାଡ଼ି ଆମେ କୌଣସି କାମ ମଧ୍ୟ କରି ପାରୁନାହୁଁ। ଏମିତିରେ ସରକାରୀ ପ୍ରୋତ୍ସାହନ ଅଭାବ ସହ ଉପଯୁକ୍ତ ବଜାର ବ୍ୟବସ୍ଥା ଆମର କୌଳିକ ବୃତ୍ତିରେ ପ୍ରଭାବ ପକାଇଛି ବୋଲି କଳାହାଣ୍ଡି ଜିଲ୍ଲା କୋକସର ବ୍ଲକ୍ ବରାଡଙ୍ଗା ପଞ୍ଚାୟତ ଅଧୀନ ଝୁଲେନବର ଗ୍ରାମର ବାଉଁଶ କାରିଗରମାନେ କହିଛନ୍ତି। ଏହି ଗ୍ରାମରେ ୫ଶହରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି। ହେଲେ ଗାଁ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କ କୁଳବେଉଶୀ ବାଉଁଶରେ ଘର କରଣା ସାମଗ୍ରୀ ପ୍ରସ୍ତୁତ କରିବା। ହେଲେ ସରକାରୀ ସହାୟତା ଓ ପ୍ରୋତ୍ସାହନ ଅଭାବ ଯୋଗୁଁ ଲୋପପାଇବାକୁ ବସିଛି ଏମାନଙ୍କ କୌଳିକ ବୃତ୍ତି। ଏମିତି କି ବେଉଶୀ ବଞ୍ଚାଇବା ପାଇଁ ବାଉଁଶର ଅଭାବ ସାଙ୍ଗକୁ ଅର୍ଥ ସଜିଛି ବାଧକ। ପ୍ଲାଷ୍ଟିର ଅତ୍ୟଧିକ ବ୍ୟବହାର ଯୋଗୁଁ ଗ୍ରାହକ ମୁହଁ ଫେରାଉ ଥିବାବେଳେ ଅଳ୍ପଦାମରେ ବିକ୍ରି କରି ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ବୋଲି ବାଉଁଶ କରିଗରମାନେ କହିଛନ୍ତି। ଏପଟେ ଉପଯୁକ୍ତ ବଜାର ବ୍ୟବସ୍ଥା ନଥିବା ଯୋଗୁଁ ବିକ୍ରୀ ବଟା ଠିକ୍ ଭାବରେ ନହେବା ଯୋଗୁଁ ପରିବାର ଚଳିବା ମଧ୍ୟ କଷ୍ଟ ହୋଇପଡିଛି। ଏମାନେ ବାଉଁଶ ପାତିଆରେ କୁଲା, ଟୋପା, ଡାଲା, ଝୁଡି ଏବଂ ଭିନ୍ନଭିନ୍ନ ଘର ସଜା ସାମଗ୍ରୀ ତିଆରି କରିଥାନ୍ତି। ଗୋଟେଏ କୁଲା କିମ୍ବା ଡାଲା ତିଆରି କରିବା ପାଇଁ ୨ରୁ ୩ ଦିନ ସମୟ ଲାଗିଥାଏ। ହେଲେ ତାଙ୍କ ପରିଶ୍ରମ ହିସାବରେ ମଧ୍ୟ ଉପଯୁକ୍ତ ମୂଲ୍ୟ ମିଳୁ ନଥିବା କହିଛନ୍ତି। କାମଧନ୍ଦା ମିଳୁ ନଥିବା ଯୋଗୁଁ ବାପଅଜା ଅମଳରୁ କରିଆସୁଥିବା ଏହି ବାଉଁଶ କାରିଗରୀକୁ ଛାଡି ହେଉ ନଥିବାବେଳେ ଅଳ୍ପ ଟଙ୍କା ରୋଜଗାର ହେଲେବି ନିଜର କୌଳିକ ବୃତ୍ତି ବଞ୍ଚାଇବା ପାଇଁ ବାଧ୍ୟ ହେଉଛୁଁ। ତେଣୁଁ ସରକାର ପ୍ରୋତ୍ସାହନ ରାଶି ସାଙ୍ଗକୁ ଅତ୍ୟାଧୁନିକ ସାମଗ୍ରୀ ଯୋଗଇଦେଲେ ଅଧିକ ପ୍ରସ୍ତୁତ କରିବା ସହ ପରିବାର ପ୍ରତିପୋଷଣ କରିବାରେ ସାହାର୍ଯ୍ୟ ହୋଇ ପାରିବ ବୋଲି ସେମାନେ କହିଛନ୍ତି। ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ବଢୁଥିବାରୁ ଏହାର ପ୍ରଭାବ ବାଉଁଶ କରିଗରଙ୍କ ଉପରେ ପଡୁଛି। ଯଦି ସରକାର ଏ ଦିଗରେ ଉଚିତ ପଦକ୍ଷେପ ନିଅନ୍ତି ତେବେ ଲୁପ୍ତ ହେବାକୁ ବସିଥିବା କୁଳବେଉଶୀ ବଞ୍ଚିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

'ପ୍ରାଇଡ୍ ଅଫ୍ ଓଡ଼ିଶା' ପୁରସ୍କାର ପାଇଲେ ଆଶୁତୋଷ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସହରର ଆଶୁତୋଷ ଚାନ୍ଦଙ୍କୁ ରୋଟାରି ଇଣ୍ଟରନ୍ୟାସନାଲ ପକ୍ଷରୁ ସମ୍ମାନ ଜନକ 'ପ୍ରାଇଡ୍ ଅଫ୍ ଓଡ଼ିଶା' ପୁରସ୍କାର ପ୍ରଦାନ କରାଯାଇଛି। କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁ ସହରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ଚାନ୍ଦ ବେଙ୍ଗାଲୁରୁରେ ରହି ପିଡବ୍ଲୁସି କମ୍ପାନୀରେ ଡିଜିଟାଲ ଏଣ୍ଡ ଏମରଜିଙ୍ଗ୍ ଟେକ୍ନୋଲୋଜି ପାର୍ଟନର ଭାବରେ କାର୍ଯ୍ୟ କରୁଛନ୍ତି। ଶ୍ରୀ ଚାନ୍ଦ ଭବାନୀପାଟଣା ସହର ମହାବୀରପଡାର ଆର୍ତ୍ତଭଞ୍ଜନ ଚାନ୍ଦଙ୍କ ସୁପୁତ୍ର ବୋଲି ଜଣାପଡିଛି।

ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସହରରେ ଥିବା ବେସରକାରୀ ଅନୁଷ୍ଠାନ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସହାୟତାରେ ଚାଲିଥିବା ସହରାଞ୍ଚଳ ପ୍ରାଥମିକକୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଆଶା ଓ ଏଏନ୍‌ଏମ୍‌ଙ୍କ ସହ ସେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହିତ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ସିଡିଏମ୍‌ଓ ଡା. ଗିରୀଶ ରାଉତ, ଡିପିଏଚ୍‌ଓ ଡା. ରାକେଶ ସାହୁ, ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ହସ୍ପିଟାଲ ମ୍ୟାନେଜସ୍ୱାସ୍ଥ୍ୟର ଆଲୋକ ମୁଣ୍ଡ, ବିଏସ୍‌ଏ ସମ୍ପାଦକ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ତୃତୀୟ ଦିନରେ '୫-ଟି' ସଚିବଙ୍କ ବୃନ୍ଦାବାହାଲ ଗସ୍ତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଗତ ତିନିଦିନ ପୂର୍ବରୁ ୫-ଟି ସଚିବ ଭି.କେ ପାଣ୍ଡିଆନ୍ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ୍ ଗସ୍ତ କରିଥିଲେ। ସେହିଭଳି '୫-ଟି' ସଚିବ ଦୁଇଦିନ ଗସ୍ତରେ ରହିଥିବା ବେଳେ ତା' ପରଦିନ ଅର୍ଥାତ ରବିବାର ସକାଳୁ ଗୋଲାମୁଣ୍ଡା ବ୍ଲକ୍‌ର ବୃନ୍ଦାବାହାଲ ଗ୍ରାମର ଖେଳ ପଡିଆଠାରେ ପହଞ୍ଚି ଥିଲେ।

ତେବେ ବୃନ୍ଦାବାହାଲଠାରେ ଆୟୋଜିତ ହୋଇଯାଇଥିବା ଏକ ବିଶାଳ କାର୍ଯ୍ୟକ୍ରମରେ '୫-ଟି' ସଚିବ ଯୋଗଦେଇଥିଲେ। ଆଉ ଏହି କାର୍ଯ୍ୟକ୍ରମରେ '୫-ଟି' ସଚିବ ପୂର୍ବରୁ ଆସିବା ସୂଚନା ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅନେକ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କୁ ବସ୍ ମାଧ୍ୟମରେ କାର୍ଯ୍ୟକ୍ରମକୁ ଅଣାଯାଇଥିଲା।

ତେବେ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପାଣ୍ଡିଆନ ଜୟ ମା' ମାଣୀକେଶ୍ୱରୀ କହି ନିଜ ବକ୍ତବ୍ୟ ଆରମ୍ଭ କରିଥିବା ବେଳେ ଉପସ୍ଥିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାଗୁଡିକ ଉପରେ ଦୋହରାଇଥିଲେ। ପରେ ମିଶନଶକ୍ତିର କାର୍ଯ୍ୟଧାରା ବିଷୟରେ ଅନେକ ମହିଳାମାନଙ୍କୁ ପଚାରି ବୁଝିଥିଲେ।

ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରି ସେମାନଙ୍କର ସୁବିଧା ଅସୁବିଧା ସଂପର୍କରେ ବୁଝି ତାର ସମାଧାନ ନିମନ୍ତେ ଜିଲ୍ଲା ଅଧିକାରୀଣିଙ୍କୁ ପରାମର୍ଶ ଦେଇଥିଲେ। ତେବେ ଏହିଭଳି ଅନେକ ବାର୍ତ୍ତା ଦେଇଥିବା ବେଳେ '୫-ଟି' ମାଧ୍ୟମରେ ଗୋଲାମୁଣ୍ଡା ବ୍ଲକ୍‌ରେ ଥିବା ଯେତେ ହାଇସ୍କୁଲ କାର୍ଯ୍ୟକରି ହୋଇଯାଇଛି ତେବେ ପରବର୍ତ୍ତୀ ସମୟରେ ବାକି ରହିଯାଇଥିବା ହାଇସ୍କୁଲ ସହ କଲେଜଗୁଡିକୁ ମଧ୍ୟ '୫-ଟି' ମାଧ୍ୟମରେ ରୂପାନ୍ତରିତ କରାଯିବ ବୋଲି ଅବଗତ କରିଥିଲେ। ପରେ ବୃନ୍ଦାବାହାଲ୍‌ଠାରେ ନିର୍ମାଣ ହୋଇଯାଇଥିବା ବିଦ୍ୟୁତ ଷ୍ଟକଚର କୁଯାଇ ବୁଲି ଆସିଥିଲେ।

ଏହି କାର୍ଯ୍ୟକ୍ରମ ଗୋଲାମୁଣ୍ଡା ବିଡିଓ ଶ୍ରୀଧର ପଣ୍ଡାଙ୍କ ନେତୃତ୍ୱରେ ହୋଇଯାଇଥିବା ବେଳେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସମସ୍ତ ବ୍ୟବସ୍ଥାର ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାପାଳ, କଳାହାଣ୍ଡି ପୋଲିସ ବାହିନୀ ଗୋଲାମୁଣ୍ଡା ପୋଲିସ, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା ବିଭିନ୍ନ ବିଭାଗ କର୍ମଚାରୀ ସମେତ ଉପସ୍ଥିତ ରହି ଏହି ସଭା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।

'ବସୁଧା ଯୋଜନା' କାର୍ଯ୍ୟକାରୀ ହେବାରେ ବିଳମ୍ବ

ପାଣି ପାଇଁ ଜଳ୍‌କା ଲୋକେ

କେସିଙ୍ଗା, (ଭାସ୍କର ନ୍ୟୁଜ୍): କର୍ଲାମୁଣ୍ଡା ବ୍ଲକ୍‌ରେ ସରକାର ସମସ୍ତଙ୍କୁ ପିଇବା ପାଣି ଯୋଗାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ବସୁଧା ଯୋଜନାରେ ପାଣି ଟାଙ୍କର ନିର୍ମାଣ କାର୍ଯ୍ୟ ଟେଣ୍ଡର ଜରିଆରେ ବ୍ୟବସ୍ଥା କରିଥିଲେ ହେଁ, ଯୋଜନାଗୁଡିକ ଠିକ ସମୟରେ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାର ସାଧାରଣ ଲୋକଙ୍କ ପାଇଁ ବସୁଧା ଭଳି ଯୋଜନା ଅପହଞ୍ଚ ହୋଇ ପଡିରହୁଛି। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ସାପଲହରା ପଞ୍ଚାୟତ କଣ୍ଡେରେଇ ଗ୍ରାମରେ ଚାଲିଥିବା ବସୁଧା ଯୋଜନାରେ ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେଲା ପାଣିରୁ ବଞ୍ଚିତ ହୋଇଛନ୍ତି। ବ୍ଲକ୍ ସଦରଠାରୁ ୧୦ କିମି ଦୂରରେ ଅବସ୍ଥିତ ଏହି ଗାଁରେ ୪୮୦ଟି ପରିବାରର ୧୪୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ତେବେ ପୂର୍ବରୁ ଗାଁ ଲୋକଙ୍କ ପାଇଁ ପାନୀୟ ଜଳର ସମସ୍ୟା ରହିଆସିଥିବାରୁ ସରକାରଙ୍କ ବସୁଧା ଯୋଜନା ଆରମ୍ଭ କରାଯାଇଥିଲେ ହେଁ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବାରେ ଅହେତୁକ ବିଳମ୍ବ ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେଇପାରୁ ନଥିବାର ଦେଖିବାକୁ ମିଳିଛି। ପ୍ରକଳ୍ପଟିକୁ ଶୀଘ୍ର ସାରିବାକୁ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ କେହି ଶୁଣୁ ନ ଥିବା ପୂର୍ବତନ ସମିତିସଭ୍ୟ ନୀଳାମ୍ବର ବେହେରା ଅଭିଯୋଗ କରିଛନ୍ତି। ଏହି ଗାଁର ବିଭିନ୍ନ ପଡ଼ାକୁ ମିଶାଇ ୧୦ଟି ନଳକୂପ ରହିଥିଲେ ମଧ୍ୟ ସବୁ ନଳକୂପରୁ ବାହାରୁଥିବା ପାଣି ପିଇବା ଯୋଗ୍ୟ ହେଉନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ୍ନ ହେଉଛନ୍ତି। ଏନେଇ ବିଭାଗୀୟ ଯନ୍ତୀ ଅନୁସୟା ଭଞ୍ଜଙ୍କୁ ପଚାରିବାରୁ ପ୍ରକଳ୍ପ ପାଇଥିବା ଠିକାଦାରଙ୍କ ଯୋଗୁ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଠିକାଦାରଙ୍କୁ ଦୁଇଥର ଚିଠି କରିଥିବା ସୂଚନା ଦେଇଥିଲେ ଓ ପ୍ରକଳ୍ପର ବେଶୀ କିଛି କାମ ରହିନାହିଁ ତଥାପି କିପରି କାର୍ଯ୍ୟଶୀଘ୍ର ସମ୍ପୂର୍ଣ୍ଣ ହେବ ସେ ଉପରେ ଚେଷ୍ଟା କରାଯିବା ବୋଲି କହିଛନ୍ତି।

ଆଦିସ୍କନ୍ଧ ସମାଜର ୨୬ତମ ବାର୍ଷିକ ସମ୍ମିଳନୀ

ନର୍ଲା, (ଭାସ୍କର ନ୍ୟୁଜ୍): ନର୍ଲା ବ୍ଲକ୍ ଅନ୍ତର୍ଗତ ଐତିହାସିକ ବୀର କମଲ ମଇଦାନ ଅସୁରଗଡଠାରେ ଆଦିସ୍କନ୍ଧ ସମାଜର ୨୬ତମ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସକାଳ ସମୟରେ ନର୍ଲା ବୁଢ଼ାରଜା ପୀଠରେ ବରିଷ୍ଠ ନାଗରିକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପଦଯାତ୍ରା ହୋଇଥିଲା। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରିଥିବା ପୁରୁଷମାନେ ବାଦ୍ୟର ତାଳେ ତାଳେ ନାଚିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା କନ୍ଧ ସମ୍ପ୍ରଦାୟର ଲୋକେ ଅସୁରଗଡ ପୀଠଠାରେ ଏକତ୍ରିତ ହେବା ପରେ ପତାକା ଉତ୍ତୋଳନ ସହ ସଭାକାର୍ଯ୍ୟ ହୋଇଥିଲା। ଏଥିରେ ଆଦିସ୍କନ୍ଧ ସମାଜର ବୀର କମଲ ମାଝୀଙ୍କ ସ୍ମୃତି ଚାରଣ କରାଯାଇଥିଲା। କନ୍ଧ ସମାଜ ବୀର କମଲ ମଇଦାନ ଅସୁରଗଡ଼ ପରିଚାଳନା କମିଟିର ସଭାପତି ଅମର ସିଂ ମାଝୀ, ବଲାଙ୍ଗୀର କେନ୍ଦ୍ରୀୟ ସଭାପତି ଚିନ୍ତାମଣି ଭୋଇ, କଳାହାଣ୍ଡି ଜିଲ୍ଲା ଆଦିସ୍କନ୍ଧ ସଭାପତି ରାଜ

ଜୟପୁର, (ଭାସ୍କର ନ୍ୟୁଜ୍): ବାମସେଫର ଜିଲ୍ଲାସ୍ତରୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଆଜି ଜୟପୁର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଆନୁଷ୍ଠାନିକ ଭାବେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାଷ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡାକ୍ତର ଦୁବରାଜ ମୁର୍ମୁ ଯୋଗ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ମାଧବ ଚୌଧୁରୀ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ଭାବେ ବାମସେଫର ରାଜ୍ୟ ସାଧାରଣ ସମ୍ପାଦକ ପ୍ରେମ ଚନ୍ଦ୍ର ତାଣ୍ଡି ଯୋଗ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ମାଧବ ଚୌଧୁରୀ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ଭାବେ ବାମସେଫର ରାଜ୍ୟ ସାଧାରଣ ସମ୍ପାଦକ ପ୍ରେମ ଚନ୍ଦ୍ର ତାଣ୍ଡି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଚନ୍ଦନ ସିଂ, ଚନ୍ଦ୍ରକାନ୍ତ ସୁତାର, ଚନ୍ଦ୍ରମଣି ବାରିକ, ପ୍ରବୀର ପାତ୍ର, ହୀରାମଣି ହାଲବା, ଗଣପତି ମାଝୀ, ରଜତ ବିଶ୍ୱାସୀ, ରାଜୀବ ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର କଳାବ୍ୟାଜ ପରିଧାନ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି କ୍ରମେ ଜିଲ୍ଲାସ୍ତରୀୟ କନିଷ୍ଠ ସହାୟକଙ୍କ ବେତନ ଲେବୁଲ ୪ରୁ ଲେବୁଲ ୯କୁ ବୃଦ୍ଧି ଦାବିକରି ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ସୋମବାର ଠାରୁ ଆସନ୍ତା ମେ ୩୧ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି କାର୍ଯ୍ୟ ଜାରି ରଖିବେ । ଏହା ମଧ୍ୟରେ ସରକାରଙ୍କ କୌଣସି ପଦକ୍ଷେପ ଗ୍ରହଣ ନକଲେ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି କ୍ରମେ ସମସ୍ତ ଅମଲା ଜୁନ ୧ ତାରିଖରୁ ସାମୁହିକ ଭାବେ ଛୁଟିରେ ଯିବେ ।ମିଳିତ ଅମଲା ମଞ୍ଚରେ ଓଡିଶା ରାଜସ୍ୱ ଅମଲା ସଙ୍ଘ, ଓଡିଶା ଅମଲା ସଂଘ, ଟ୍ରେଜେରୀ ଅମଲା ସଂଘ ଓ ଉପନିବନ୍ଧକ ଅମଲା ସଂଘ ସାମିଲ ଅଛନ୍ତି । ଏହି ପରିପ୍ରେକ୍ଷୀରେ ଆଇସିଡିଏସ୍ ବଡବାବୁ ପ୍ରଣୟ କୁମାର ସ୍ୱାଇଁ, ବ୍ଲକ ବଡବାବୁ ବିଜୟ ମଲ୍ଲିକ, ଭବେଶ ଚନ୍ଦ୍ର ବେହେରା ଓ ଦୁଷ୍ମନ୍ତ ସାହୁ, ତହସିଲ କାର୍ଯ୍ୟାଳୟ ବଡବାବୁ ଜିତେନ୍ଦ୍ର କୁମାର ନାୟକ ଓ ଗୋବର୍ଦ୍ଧନ ବିଶ୍ୱାଳଙ୍କ ସହ ୪ ଜଣ କର୍ମଚାରୀ, ସବରେଜିଷ୍ଟର କାର୍ଯ୍ୟାଳୟର ଲକ୍ଷ୍ମୀପ୍ରସାଦ ମହାପାତ୍ର ଓ ଦୁଇ କର୍ମଚାରୀ, ବିଇଓ ଅଫିସର ସୌମ୍ୟ ରଞ୍ଜନ ସାମଲ ଓ ଦିବ୍ୟଜ୍ୟୋତି ଦେବୀପ୍ରସାଦ ସେନାପତି, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ପ୍ରଣବ ବେହେରାଙ୍କ ସହ ବିଭନ୍ନ ସରକାରୀ ସ୍କୁଲ ଓ କଲେଜର କିରାଣୀମାନେ କଳାବ୍ୟାଜ ପିନ୍ଧି କାମ କରୁଥିବାର ଦେଖାଯାଇଛି । ଗତ ଏପ୍ରିଲ ୨୧ରେ ଜିଲ୍ଲାସ୍ତରୀୟ ଅମଲାଙ୍କ ବେତନରେ ଥିବା ଅସଙ୍ଗତିକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମିଳିତ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନପାଇବାରୁ ପୁନର୍ବାର ଗତ ମେ ୧ତାରିଖରେ ମିଳିତ ମଞ୍ଚର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଦ୍ୱାରା ଅବଗତ କାରାଯାଇଥିଲା । ସମସ୍ତ ଜନସାଧାରଣ ଏଥିରେ ସହଯୋଗ କରିବା ପାଇଁ ଆଇସିଡିଏସ୍ ବଡବାବୁ ସ୍ୱାଇଁ ଅନୁରୋଧ କରିଛନ୍ତି । ଏହାଛଡା ନିଷ୍ପତ୍ତି ଅନୁଯାଇ ଆନ୍ଦୋଳନ ଅବ୍ୟାହତ ରହିବ ଓ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ ଅମଲାମାନେ ପ୍ରକାଶ କରିଛନ୍ତି ।

ଅଙ୍ଗନୱାଡିରେ ଛୁଆମାନଙ୍କ ଥାଳିରୁ ଖାଦ୍ୟ ଗାଏବ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନ ହେଇଛି କିନ୍ତୁ ସବୁ କାଗଜ କଲମରେ ସିମିତ । ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ଏତେ ଚିନ୍ତା ଯେ, ବାଲିପାଟଣାରେ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଛୁଆଙ୍କ ଥାଳିରୁ ଛତୁଆ, ସୁଜି ଏବଂ ଅଣ୍ଡା ଗାୟବ । ମାସେ ପୁରିବାକୁ ବସିଲାଣି ଏଯାଏଁ ମିଳିପାରିଲା ନାହିଁ ଛୁଆମାନଙ୍କୁ ପୋଷଣ ଖାଦ୍ୟ । ସରକାରଙ୍କୁ ଦୋଷ ଲଦି କି ବସିପଡିଛନ୍ତି ବିଭାଗୀୟ ଅଧିକାରି । ସୂଚନା ଅନୁଯାୟୀ ପ୍ରତି ମାସରେ ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟର ଉନ୍ନତୀ ପାଇଁ ସରକାରଙ୍କ ତରଫରୁ ଛତୁଆ, ସୁଜି, ବାଦାମ ଲଡୁ ଏବଂ ଅଣ୍ଡା ପ୍ରଭୃତି ଭିଟାମିନ୍ ଯୁକ୍ତ ଖାଦ୍ୟ ଦିଆଯାଇଥାଏ । କିନ୍ତୁ ପରିତାପର ବିଷୟ ଚଳିତ ମାସ ପୁରଣ ହେବାକୁ ଆଉ ମାତ୍ର କିଛିଟା ଦିନ ରହିଲାଣି ଏଯାଏଁ ମିଳିପାରିନି ଉକ୍ତ ଖାଦ୍ୟ । ଏହାର କାରଣ ପଚାରିବାରୁ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୂଚନା ଦେଇଥିଲେ କି ଓଡିଶା ସରକାରଙ୍କ କିଛି ଭୁଲ୍ ନିଷ୍ପତ୍ତି ଯୋଗୁ ଏ ଭଳି ସମସ୍ୟା ଉପୁଜିଛି । ପ୍ରଥମ କାରଣ ଦର୍ଶାଇଥିଲେ କି ଗହମର ଅଭାବ ଯୋଗୁ ଛତୁଆ ତିଆରିରେ ବିଳମ୍ବ ଘଟୁଛି, ଦ୍ୱିତୀୟ ତ ଏହି ସମସ୍ୟା ଓଡ଼ିଶାର ପ୍ରତ୍ୟେକ ସ୍ଥାନରେ ଚାଲିଛି, ତୃତୀୟରେ ଯେଉଁ ଠାରେ ଛତୁଆ ତିଆରି ହେଉଛି ସେଠାରେ ପେଷା ହେବାକୁ ଲାଗିଥିବା ମେସିନ୍ ଛୋଟ ଥିବାରୁ ଏକ କାଳୀନ ବହୁସଂଖ୍ୟାରେ ପେଷା ହେଇ ପାରୁନି, ଚତୁର୍ଥରେ ସରକାର ନିୟମ କରିଛନ୍ତି ଆଧାର କାର୍ଡ଼ ନଥିଲେ ଏହି ପୋଷଣ ଖାଦ୍ୟ ଦିଆଯିବ ନାହିଁ କିନ୍ତୁ ଦେଖିବାକୁ ମିଳୁଛି ବହୁ ଅଙ୍ଗନୱାଡି କେନ୍ଦ୍ରରେ ନାମ ପଞ୍ଜିକୃତ କରାଇଥିବା ଗର୍ଭବତୀ ମହିଳାଙ୍କ ଆଧାର କାର୍ଡ଼ ନାହିଁ ତେଣୁ ଆଧାର ଥିବା ଲିଷ୍ଟରୁ ଅଧିକ ଉପଭୋକ୍ତା ହେଇଯାଉଥିବାରୁ ସଠିକ୍ ଆବଶ୍ୟକତା ପୁରଣ ହେଇ ପାରୁନାହିଁ ଏବଂ ଛତୁଆକୁ ଛାଡିଦେଲେ ଅନ୍ୟ ସବୁ ଖାଦ୍ୟ ଥିଲେ ମଧ୍ୟ ପରିବହନ ଖର୍ଚ୍ଚ ଦୁଇଗୁଣା ହେଇଯିବ ତେଣୁ ଏକା ବେଳେ ସବୁ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଝରଣା ଶତପଥି । କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଶିଶୁ ବିକାଶ ପାଇଁ ଏତେ ଯୋଜନା କରି ମଧ୍ୟ ସଠିକ ଭାବରେ ପରିଚାଳନା ନକରିପାରିବାରେ ଦୋଷ କାହାକୁ ଦେବା ?

ଅଗ୍ନିକାଣ୍ଡରେ ଜଳିଗଲା ଘର

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ କେରୁଆପାଳ ପଞ୍ଚାୟତର ଅନନ୍ତକେଶରୀ ମୌଜାର ମୃତ ପଞ୍ଚାନନ ବେରାଙ୍କ ଚାଳଛପର ଘର ନିଆଁ ଲାଗି ପୋଡିଯାଇଥିବା ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଅନନ୍ତକେଶରୀ ଗାଁର ମୃତ ପଞ୍ଚାନନଙ୍କ ସ୍ତ୍ରୀ ଭାରତୀ ବେରା ଏହି ଚାଳ ଛପର ଘରେ ଘରେ କୌଣସି କାର୍ଯ୍ୟ କରୁଥିବା ବେଳେ ଆଜି ଦିନ ୧୧ଟା ସମୟରେ ଅକସ୍ମାତ ଏହି ଘରୁ ନିଆଁ ଲାଗି ଜଳୁଥିବା ଓ ଧୂଆଁ ହେବାରୁ ଗାଁ ଲୋକ ଦେଖି ଭାରତୀଙ୍କୁ ଡାକପକାଇ ଥିଲେ । ଭାରତୀ ସଙ୍ଗେସଙ୍ଗେ ବାହାରକୁ ପଳାଇଆସି ଗ୍ରାମବାସୀଙ୍କୁ ଡାକି ନିଆଁ ଲିଭାଇବାକୁ ଚେଷ୍ଟା କରି ଆୟତ କରିପାରିନଥିଲେ । ଶେଷରେ ଲୋକମାନେ ନିରୁ ଦ୍ରଷ୍ଟା ହୋଇ ଦେଖିବାଛଡା ଉପାୟ କିଛି ନଥିଲା । ଅଗ୍ନିଶମ ବିଭାଗକୁ ଖବର ଦେବାପରେ ନିଆଁ ଲିଭାଇବାକୁ ଗାଡି ଆସିଥିଲେ ମଧ୍ୟ କିଛି ଦୂର ବାଟରେ ରହିଯାଇଥିଲା । କାରଣ ଗାଡି ଯିବାକୁ ପଞ୍ଚାୟତ ଆକ୍ରୋଷମୂଳକ ଭାବେ କେନାଲ ଉପରେ ପୋଲ କରାଯାଇ ନାହିଁ । ତେଣୁ ପାଣିର ଅସୁବିଧା ପାଇଁ ଘର ପୋଡି ପାଉଁଶ ହେବା ସହ ବହୁ ଆସବାବ ପତ୍ର ନଷ୍ଟ ହୋଇଯାଇଛି । ଅପରପକ୍ଷରେ ବାରମ୍ବାର ଦାବି ସତ୍ତ୍ୱେ ତାଳଚୁଆ ଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ଜରୁରୀ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କରାଯାଉ ନାହିଁ । ୫୦/୬୦କିମି ଦୂର ରାଜନଗରରୁ ଦମକଳ ଗାଡି ଆସୁ ଆସୁ ଘରପୋଡି ପାଉଁଶ ହୋଇଯିବାକୁ ଅସ୍ୱୀକାର କରିବା ଉଚିତ୍ ହେବ ନାହିଁ ।

ଅସ୍ତିତ୍ୱ ହରାଇଲାଣି ଡେଲିଙ୍ଗି ବନ୍ଧ ଓ କ୍ରାନ୍ତିପୀଠ

ମୟୂରଭଞ୍ଜ, (ଭାସ୍କର ନ୍ୟୁଜ୍): ଗୋପବନ୍ଧୁନଗର ବ୍ଲକ୍ ଶୀଳଘାଟି ପଞ୍ଚାୟତରେ ସର୍ବପୁରାତନ ଓ ସର୍ବବୃହତ ଡେଲିଙ୍ଗି ଜଳାଶୟ ରହିଛି । ଯାହାର ଗଭୀରତା ୧୦ରୁ ୧୫ ଫୁଟ୍ ହେବ । ଉକ୍ତ ଅଞ୍ଚଳରେ କୃଷକ ଓ କୃଷିର ଉନ୍ନତି ପାଇଁ ସ୍ୱପ୍ନ ଦେଖୁଥିଲେ ସ୍ୱାଧୀନତା ସଂଗ୍ରାମୀ ଗିରୀଶ ଚନ୍ଦ୍ର ରାୟ, ମାସଙ୍ଗ ମାଝୀ, ଭୋଳାନାଥ ବେହେରା, ଚିନ୍ତାମଣି ମହାକୁଡ, ସୁକୁଲ ମାଝୀ, ମାଣିକ ମାଝୀ, ପୂର୍ଣ୍ଣ ପରିଛା, ରନ୍‌ମଣି ପରିଛା, ପୂର୍ଣ୍ଣଚନ୍ଦ୍ର ଦେହୁରୀ ପ୍ରମୁଖ । ଅଞ୍ଚଳବାସୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ୧୯୪୨ ମସିହା ମାର୍ଚ୍ଚ ୨୪ ତାରିଖରେ ଉପରୋକ୍ତ ବ୍ୟକ୍ତିମାନେ ବିନା ପାରିଶ୍ରମିକରେ ନିଜ କାନ୍ଧରେ ମାଟି ଉଠାଇ ନିର୍ମାଣ କରିଥିଲେ ଏହି ବନ୍ଧ । ପରେ ଅଞ୍ଚଳବାସୀ କାନ୍ଧରେ କାନ୍ଧ ମିଶାଇ ବନ୍ଧ ନିର୍ମାଣକୁ ସଂପୂର୍ଣ୍ଣ କରିଥିଲେ । ଯାହାର ନାମକରଣ ହୋଇଥିଲା ଡେଲିଙ୍ଗି ବନ୍ଧ । ତେବେ ବନ୍ଧ ନିର୍ମାଣର କିଛି ବର୍ଷ ପରେ ଉକ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେହାନ୍ତ ହୋଇ ଯାଇଥିଲା । ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାରେ ଏକ କ୍ରାନ୍ତିପୀଠ ନିର୍ମାଣ ହୋଇଥିବା ବେଳେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ କ୍ରାନ୍ତି ଦିବସ ରୂପେ ପାଳନ କରାଯାଉଛି । ତେବେ ପ୍ରଶାସନିକ ଅବହେଳା ଓ ପଞ୍ଚାୟତର ଆନ୍ତରିକତା ଅଭାବରୁ ସ୍ୱତନ୍ତ୍ର ପରିଚୟ ହରାଇବାକୁ ବସିଲାଣି ଏହି ବିଶାଳ ବନ୍ଧ । ପ୍ରାୟ ପଚାଶ ବର୍ଷ ହେଲା ଏହି ବନ୍ଧର ପୁନରୁଦ୍ଧାର ନହୋଇ ପାରିବା ଯୋଗୁଁ କାଳକ୍ରମେ ଏହା ପୋତି ହୋଇଯିବା ସହ ବନ୍ଧର ସୌନ୍ଦର୍ଯ୍ୟ ନଷ୍ଟ ହୋଇଗଲାଣି । ବିଶେଷ କରି ଶୀଳଘାଟି ଓ କେନ୍ଦୁଆମୁଣ୍ଡି ଗ୍ରାମବାସୀ ଏହି ବନ୍ଧରେ ଗାଧୋଇବା ସହ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ପୂଜାପାଠ କରି ଜଳକୁ ନେଇଥାନ୍ତି । ପଞ୍ଚାୟତର ବିଭିନ୍ନ ପୋଖରୀ ଓ ବନ୍ଧର ଉନ୍ନତୀକରଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହି ବନ୍ଧର ଉନ୍ନତୀକରଣ ନହେବା ପରିତାପର ବିଷୟ । ଜଳାଶୟରେ ଏବେ ମାତ୍ର ୫ରୁ ୬ ଫୁଟ୍ ପାଣି ଥିବା ବେଳେ ପାଣି ଅପରିଷ୍କାର ହୋଇଗଲାଣି । ଏଥିରେ ଗାଧୋଇବା ଯୋଗୁଁ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି ଗ୍ରାମବାସୀ । ବନ୍ଧ ତଳମୁଣ୍ଡରେ ୩ଟି ଗାଁର ୫ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ରହିଛି । ଖରିଫ ଓ ରବି ଋତୁରେ ଚାଷ ପାଇଁ ବନ୍ଧପାଣି ବେଶ ସହାୟକ ହୋଇଥାଏ । ହେଲେ ପୋତା ପଡ଼ିଯାଇଥିବାରୁ ବନ୍ଧର ଜଳଧାରଣ କ୍ଷମତା ଆଗ ଅପେକ୍ଷା ଢେର କମିଯାଇଛି । ଫଳରେ ମରୁଡ଼ି ସମୟରେ ଚାଷୀଙ୍କ କାମରେ ଲାଗିପାରୁନି ଏହି ବନ୍ଧ । ଅନୁରୂପ ଭାବେ ମାଛଚାଷରେ ମଧ୍ୟ ସେପରି କିଛି ଆଶାନୁରୂପକ ଲାଭ ମିଳୁନାହିଁ । ପାଣି ରହୁନଥିବାରୁ ଲୋକେ ହଇରାଣ ବି ହେଉଛନ୍ତି । ତେବେ ବନ୍ଧର ଉନ୍ନତୀକରଣ ସହ ପୁନରୁଦ୍ଧାର ହେଲେ କୃଷକ ଓ ମାଛଚାଷୀ ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି ।

ମାନବାଧିକାର ସୁରକ୍ଷା ସଂଘ ପକ୍ଷରୁ ଉତ୍କର୍ଷ ପାଳିତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମାନବାଧିକାର ସୁରକ୍ଷା ସଂଘ ମୟୁରଭଞ୍ଜ ପକ୍ଷରୁ ସ୍ଥାନୀୟ ରାମ ଭାଟିକା ପରିସରରେ ରାଜ୍ୟ ସଭାପତି ପ୍ରିୟ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍କର୍ଷ-୨୦୨୩ ପାଳିତ ହୋଇଯାଇଛି । ଏହି ସମ୍ମିଳନୀକୁ ଉଦ୍‌ଘାଟନ ଭାବେ ଲାଲ ଶୁଭେନ୍ଦୁ ଯୋଗ ଦେଇ ଉତ୍କର୍ଷ ୨୦୨୩କୁ ଉଦ୍‌ଘାଟନ କରିଥିଲେ । ସେହିପରି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ହାରିତ ହରିଶ୍ଚନ୍ଦ୍ର ଯୋଗଦେଇ ମାନବାଧିକାର ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥିଭାବେ ହନିଫ ଜି, ସମ୍ମାନିତ ବକ୍ତାଭାବେ ରାଷ୍ଟ୍ରୀୟ ମହାମନ୍ତ୍ରୀ ମହେଶ ସିଂ ଭଙ୍ଗୀ, ଯୋଗଦେଇ ମାନବାଧିକାର ସମ୍ପର୍କରେ ଅଭିଭାଷଣ ଦେଇଥିଲେ । କାର୍ଯ୍ୟକ୍ରମକୁ ଅରବିନ୍ଦ ସାହୁ, ଜିଲ୍ଲା ଅଧ୍ୟକ୍ଷ ଶୃତିମୟ ମହାନ୍ତ, ଜିଲ୍ଲା ସମ୍ପାଦକ ପ୍ରିୟନାଥ ମହାନ୍ତ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସେବାର ଉତ୍କର୍ଷତାକୁ ନେଇ ଉତ୍କର୍ଷ ସେବା ସମ୍ମାନ ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରିୟପ୍ରସାଦ ମିଶ୍ର ଓ ରାଜ୍ୟ ସମ୍ପଦକ ଅରବିନ୍ଦ ସାହୁଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା, ଧର୍ମ, ସଂସ୍କୃତି ଆଦିବାସୀ କିପରି ସୁରକ୍ଷା ହେବ ଏବଂ ନିଜର ଅଧିକାର କିପରି ସାବସ୍ତ୍ୟ କରାଯାଇପାରିବ ସେ ସମ୍ପର୍କରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ । ପ୍ରଥମେ ଜିଲ୍ଲା ସଭାପତି ଶୃତିମୟ ମହାନ୍ତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲା ସମ୍ପାଦକ ପ୍ରିୟନାଥ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ମିତ୍ରଭାନୁ ପାଟଯୋଶୀଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଆଜି ବ୍ରଜରାଜନଗର ଜଗନ୍ନାଥ ମନ୍ଦିର ପରିସରରେ ବ୍ରଜରାଜନଗର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ସାମ୍ବାଦିକ ଜଗତର ଗୁରୁ ଦ୍ରୋଣ ମିତ୍ରଭାନୁ ପାଟଯୋଶୀଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଶ୍ରାଦ୍ଧବାର୍ଷିକୀ ସମାରୋହରେ ବ୍ରଜରାଜନଗର ପ୍ରେସ କ୍ଲବର ସଦସ୍ୟ ସନ୍ତୋଷ ମିଶ୍ର, ତ୍ରିଲୋଚନ ଦାଶ, ବିଜୟ ବରାଡ଼, ଉପନ ସାହୁ, ସଞ୍ଜୀବ ପାଟଯୋଶୀ, ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ବିରଞ୍ଚି ସ୍ୱାଇଁ, ସଂଗ୍ରାମ ସାଏ, ଶେଖର ବିଶି, ବ୍ୟାସଦେବ ପଣ୍ଡା, ସଞ୍ଜୟ ବାହୁବଳେନ୍ଦ୍ର, ଅନିଲ କୁମାର ଅଗରୱାଲ, ରାଜିବ ସିଂହ, ଅଜନି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସ୍ୱର୍ଗୀୟ ମିତ୍ରଭାନୁ ପାଟଯୋଶୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଓ ଧୂପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗୀୟ ମିତ୍ରଭାନୁ ପାଟଯୋଶୀଙ୍କ କାର୍ଯ୍ୟକଳାପ ଜୀବନୀ ଉପରେ ଆଲୋଚନା କରିଥିଲେ ।

ଇଟା କାରଖାନାକୁ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ ମାମଲା

ଓକିଲଙ୍କ ମାଧ୍ୟମରେ ପକ୍ଷ ରଖିଲେ ବ୍ଲକ୍ ଅଧ୍ୟକ୍ଷ

ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ଇଟା କାରଖାନାକୁ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ ହୋଇଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ଏଲଓାଇ-୮୬/୨୦୨୩ରେ ଏକ ମାମଲା ରୁଜୁ କରିବା ସହିତ ଯାଜପୁର ଜିଲ୍ଲାପାଳ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ବଳବନ୍ତରାୟ, ଧର୍ମଶାଳା ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା, ଜିପିଟିଏ ରତ୍ନାକର ସାହୁ ଓ ଧର୍ମଶାଳା ତହସିଲଦାରଙ୍କୁ ୪ ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଲୋକାୟୁକ୍ତଙ୍କ ସମନକ୍ରମେ ଅଧ୍ୟକ୍ଷ ବଳବନ୍ତରାୟ ନିଜ ଓକିଲ ମାଧ୍ୟମରେ ନିଜ ପକ୍ଷ ରଖିଛନ୍ତି । ସେହିପରି ଅଭିଯୋଗକାରୀ ବେହୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା ଓ ଜିପିଟିଏ ରତ୍ନାକର ସାହୁ ହାଜର ହୋଇ ନିଜ ନିଜର ପକ୍ଷ ରଖିଥିବା ବେଳେ ଯାଜପୁର ଜିଲ୍ଲାପାଳ, ଧର୍ମଶାଳା ତହସିଲଦାର ଓ ବିଡିଓ ପତ୍ର ମାଧ୍ୟମରେ ମତ ରଖିଥିଲେ । ତେବେ ସନ୍ତୋଷଜନକ ଉତ୍ତର ନପାଇବାରୁ ଲୋକାୟୁକ୍ତ ଡାଇରେକ୍ଟର ଅଫ୍ ଇନକ୍ୱାରୀ ଏହାର ତଦନ୍ତ କରିବା ସହିତ ୪୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖ ଯୋଗ୍ୟ, ଧର୍ମଶାଳା ତହସିଲ ଅନ୍ତର୍ଗତ ସୁନ୍ଦୁରିଆ ପଞ୍ଚାୟତ ବଡ଼ରୁଖା ମୌଜାରେ ଥିବା ସରକାରୀ ଜମିକୁ ୨୦୦୫ରୁ ଲିଜ୍ ସୂତ୍ରରେ ନିଆଯାଇ ଏକ ଇଟା କାରଖାନା ହୋଇଛି । ଶ୍ରୀ ବଳବନ୍ତରାୟ ନିଜ କ୍ଷମତା ଅପବ୍ୟବହାର କରି ଜନବସତି ନଥିବା ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କରୁ ଇଟା କାରଖାନା ପର୍ଯ୍ୟନ୍ତ ପିଚ

ବେଗୁନିଆ, (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ରାଜୀବଗାନ୍ଧି ସେବାକେନ୍ଦ୍ର ପରିସରରେ ସୋମବାର ଦିନ ପୂର୍ବାହ୍ନରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀ,ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ,ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ଉପସ୍ଥିତ ରହି ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ବ୍ଲକ ପ୍ରଶାସନ କେବଳ ପୂର୍ବ ପଞ୍ଚାୟତ ସମିତି ସାଧାରଣ ସଭାରେ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇ ନିଜର କାମ ସାରି ବସିଯାଇଥିଲା । ପୂର୍ବାହ୍ନ ୮ ଘଟିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭ ହେବା ପାଇଁ ସ୍ଥିର ହୋଇଥିବାବେଳେ ଅଧିକାରୀ ମାନେ ଦୁଇ ଘଣ୍ଟା ବିଳମ୍ବରେ ପହଁଚିଥିଲେ ।ଏଥିରେ ମୋଟ ୧୦୦ ଗୋଟି ଅଭିଯୋଗ ମଧ୍ୟରୁ ୮୬ ଟି ବ୍ୟକ୍ତିଗତ , ୧୦ଟି ସାମୁହିକ ଓ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଦିଆଯାଇଥିଲା ।ଏତଦ ବ୍ୟତୀତ ୩ ଗୋଟି ସାଧାରଣ କେଶର ଘଟଣାସ୍ଥଳରେ ସମାଧାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ପ୍ରାୟତଃ ବ୍ଲକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଅନୁପସ୍ଥିତ ରହିଥିବାର ଦେଖିବାକୁ ମିଳିଥିଲା । ବାଘମାରି ପଞ୍ଚାୟତର ବାମଡିହ ଗ୍ରାମର ଦିବ୍ୟାଙ୍ଗ ଡମ୍ବରୁଧର ରାଉତ ଅସହ୍ୟ ଗ୍ରୀଷ୍ମପ୍ରବାହ ସହ ଖରାରେ ଚାଲି ନପାରି ହାତ ଓ ପାଦରେ ଘୋଷାଡି ହୋଇ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ତ ଦୂରର କଥା ସହଯୋଗ କରିବାକୁ କେହି କର୍ମଚାରୀ ଆସି ନଥିବାରୁ ଦିବ୍ୟାଙ୍ଗ ଜଣଙ୍କ କ୍ଷୋଭ ପ୍ରକାଶ କରି ଆମ ପ୍ରତିନିଧିଙ୍କୁ କହିଥିଲେ ।

ମନ୍ତ୍ରୀଙ୍କ ନାମ	ବିଭାଗ
ବିକ୍ରମ କେଶରୀ ଆରୁଖ	ଅର୍ଥ
ସୁଦାମ ମାର୍ଣ୍ଡି	ବିଦ୍ୟାଳୟ ଓ ଗଣଶିକ୍ଷା
ସାରଦା ନାୟକ	ଶ୍ରମ ଓ ନିୟୋଜନ
ଜଗନ୍ନାଥ ସାରକା	ଏସଟି,ଏସସି ଉନ୍ନୟନ, ଆଇନ
ନିରଞ୍ଜନ ପୂଜାରୀ	ସାସ୍ଥ୍ୟ, ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର
ରଣେନ୍ଦ୍ର ପ୍ରତାପ ସ୍ୱାଇଁ	କୃଷି
ପ୍ରମିଳା ମଲ୍ଲିକ	ରାଜସ୍ୱ
ପ୍ରତାପ ଦେବ	ଶକ୍ତି
ଅତନୁ ସବ୍ୟସାଚୀ ନାୟକ	ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ
ପ୍ରଦୀପ ଅମାତ	ଜଙ୍ଗଲ, ପରିବେଶ, ସୂଚନା ଓ ଲୋକସମ୍ପର୍କ
ଟୁକୁନି ସାହୁ	ଜଳସମ୍ପଦ, ପରିବହନ
ରାଜେନ୍ଦ୍ର ଢୋଲକିଆ	ଯୋଜନା ଓ ସମନ୍ୱୟ
ଉଷା ଦେବୀ	ନଗର ଉନ୍ନୟନ
ପ୍ରଫୁଲ୍ଲ ମଲ୍ଲିକ	ଖଣି ଓ ଇସ୍ପାତ
ରୀତା ସାହୁ	ହସ୍ତତନ୍ତ ଓ ବୟନଶିଳ୍ପ
ରୋହିତ ପୂଜାରୀ	ଉଚ୍ଚଶିକ୍ଷା
ଅଶ୍ୱିନୀ ପାତ୍ର	ପର୍ଯ୍ୟଟନ, ଅବକାରୀ
ପ୍ରୀତିରଞ୍ଜନ ଘଡ଼େଇ	ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ
ତୁଷାରକାନ୍ତି ବେହେରା	କ୍ରୀଡ଼ା, ଯୁବବ୍ୟାପାର
ବାସନ୍ତୀ ହେମ୍ବ୍ରମ	ମହିଳା, ଶିଶୁକଲ୍ୟାଣ, ମିଶନଶକ୍ତି
ଅଶୋକ ଚନ୍ଦ୍ର ପଣ୍ଡା	ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

ପଥରେ ଛେଚି ଯୁବକଙ୍କୁ ହତ୍ୟା

ସଇଁନ୍ତଲା, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲା ସଇଁନ୍ତଲା ଥାନା ଅନ୍ତର୍ଗତ ଟିକ୍ରାପଡ଼ା ଫାଣ୍ଡି ଅଧିନସ୍ଥ ଦେଓଗାଁ ଗୋଷ୍ଠି କେନ୍ଦ୍ର ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଟିକ୍ରାପଡ଼ା ପୁଲିସ । ସୂଚନା ଅନୁଯାୟୀ, ଦେଓଗାଁର ବୁଦ୍ଧଦେବ ନାଗ (୨୯) ଗତ ବିଳମ୍ବିତ ରାତ୍ରିରେ ଘରୁ କିଛି ଯୁବକଙ୍କ ସହିତ ଆସି ଘରକୁ ଫେରି ନଥିଲେ । ଆଜି ସକାଳୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ଗାଁ ଶେଷ ମୁଣ୍ଡରେ ଥିବା ଗୋଷ୍ଠିକେନ୍ଦ୍ର ନିକଟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖିବାକୁ ପାଇଥିଲେ । ମୁଣ୍ଡରେ ଗଭୀର ଆଘାତ ମଧ୍ୟ ଲାଗିଛି । ନିକଟରେ ରକ୍ତ ଛିଟା ପଥରରେ ଥିବା ଯୋଗୁ ପଥର ଛେଚି ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି । ଯୁବକଙ୍କ ନିକଟରେ ଏକ ହଳ ଜୋତା ପଡ଼ି ରହିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା କରାଯାଇଛି ନା ପ୍ରେମ ସମ୍ପର୍କରୁ ଏଭଳି ନିର୍ମମ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ରହିଛି । ଘଟଣା ସ୍ଥଳକୁ ଟିଟିଲାଗଡ ଏସଡିପିଓ ଅର୍ଜିତା କୁମାର ଓ ସଇଁନ୍ତଲା ପୋଲିସ, ବଲାଙ୍ଗିର ସାଇନଣ୍ଟିକଫିକ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରୁଛନ୍ତି ।

ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୬୫ ଅଭିଯୋଗ ଆଗତ ହୋଇଥିଲା । ସେଥିମଧ୍ୟରୁ ୨ ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଜିଲ୍ଲା ପୁଲିସ ଅଧିକ୍ଷକ ବରୁଣ ଗୁଣ୍ଡୁପାଲି ଅଭିଯୋଗଗୁଡିକର ଶୁଣାଣୀ କରିଥିଲେ । ଅଭିଯୋଗଗୁଡିକ ମଧ୍ୟରେ ରାସ୍ତା ନିର୍ମାଣରେ ଅନୀୟମିତତା, ବାରମ୍ବାର ଆବେଦନ ହୋଇ ମଧ୍ୟ ବିଶୋଲ ଗ୍ରାମର ଭିନ୍ନକ୍ଷମ ଶିଶୁ ଶୁଭମ୍ ସେନାପତିଙ୍କ ରାସନକାର୍ଡରେ ମା'ର ନାମ ଦରଜ ହେଉନଥିବା ଅଭିଯୋଗ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ, ଅଭିଯୁକ୍ତ ଗିରଫରେ ପୁଲିସ ଉଦାସୀନତା ଆଦି ଅଭିଯୋଗ ଆସିଥିଲା । ଛତାବର-ନିଲୋକ ପୂର୍ତ୍ତ ରାସ୍ତା ନିର୍ମାଣରେ ବ୍ୟାପକ ଅନୀୟମିତତା ଓ ସହକାରୀ ଯନ୍ତ୍ରୀ ଅମିକା ସ୍ୱାଇଁଙ୍କ ଅନୀୟମିତାକୁ ସହଯୋଗ ଅଭିଯୋଗ ଧ୍ରୁବଚରଣ ବାରିକ ଅଭିଯୋଗ କରିଥିଲେ । ଅଭିଯୋଗ ମଧ୍ୟରୁ ୬୦ଟି ବ୍ୟକ୍ତିଗତ ଓ ୫ ଟି ସାମୁହିକ ସମସ୍ୟା ଜନିତ ଥିଲା । ସାମାଜିକ ସୁରକ୍ଷା ଯୋଜନାରେ ମାଳଦାର ଦୃଷ୍ଟିବାଧିତ ଶିଶୁ କଳ୍ପନା ଦାସଙ୍କୁ ସ୍ୱାଟବାଡି ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର, ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ ଅଭିଯୋଗ ଶୁଣାଣୀରେ ସହଯୋଗ କରିଥିଲେ । ବ୍ଲକସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ ।

ଅମଲାମାନଙ୍କ କଳା ବ୍ୟାଜ୍ ପରିଧାନ

ଗଞ୍ଜାମ, (ଭାସ୍କର ନ୍ୟୁଜ୍): ଜିଲ୍ଲାର ଛତ୍ରପୁର ସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଶତାଧିକ ଅମଲାମାନେ ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଞ୍ଚ ଡାକରାରେ ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପରିଧାନ କରିଛନ୍ତି । ପ୍ରକାଶ ଥାଉକି, ଦୀର୍ଘ ବର୍ଷ ହେଲା ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ବେତନରେ ଥିବା ଅସଙ୍ଗତି କୁ ଦୂର କରିବାରେ ରାଜ୍ୟ ସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବ ଉପରେ ଘୋର ଅସନ୍ତୋଷ ଲାଗିରହିଥିଲା । ଏଠାରେ ପ୍ରକାଶ କରା ଯାଇ ପାରେ ଯେ, ରାଜ୍ୟ ସରକାର ୨୦୧୭ ମସିହା ଠାରୁ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରି ନାହାଁନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ସମଭାବାପନ୍ନ ଅମଲା ସଂଘ ମାନଙ୍କ ପକ୍ଷରୁ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ହୋଇ ସାରିଛି କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ଫଳ ଶୂନ୍ୟ ହୋଇଅଛି । ଏହାର ପ୍ରତିବାଦରେ ଆଜିର ବୈଠକରେ ଆଉ ଆଲୋଚନା ନୁହେଁ, ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦାବି ହାସଲ କରିବାକୁ ହେବ ବୋଲି ମତ ପ୍ରକାଶ କରିଥିଲେ । ଯେହେତୁ ମଇ ମାସ ୨୧ ତାରିଖ ସୁଦ୍ଧା ରାଜ୍ୟ ସରକାର ଜିଲ୍ଲା ସ୍ତରୀୟ ଅମଲାମାନଙ୍କର ଦାବି ପୂରଣ କରି ନାହାନ୍ତି ତେଣୁ ଆଜିଠାରୁ ରାଜ୍ୟର ସମସ୍ତ ଜିଲ୍ଲା ସ୍ତରୀୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଥାପି ରାଜ୍ୟ ସରକାର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି । ଜୁନ ମାସ ଏକ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଅରିଷଣ୍ଟ ପଞ୍ଚାୟତରେ ବଢୁଛି ନିଶା କାରବାର, ଅବକାରୀ ବିଭାଗ ନିରବ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ବ୍ଲକ ଅଞ୍ଚଳ ଗ୍ରମଗହଳିରେ ଦେଶୀ ବିଦେଶୀ ଚୋରା ମଦ ବିକ୍ରି ଚାଲିଥିବା ବେଳେ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ନଦେବା ଏକ ପରିତାପର ବିଷୟ ବୋଲି ଜନମତ ପ୍ରକାଶ ପାଇଛି । ପ୍ରତ୍ୟେକ ଦିନ ନାଳବନ୍ଧ ରାସ୍ତାରେ ବ୍ୟାପକ ପରିମାଣରେ ମଦ ବିକ୍ରି ହେଉଥିବା ବେଳେ ମଦ୍ୟପମାନେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ରାସ୍ତାରେ ଆତଙ୍କ ସୃଷ୍ଟି କରୁଛନ୍ତି । ଏହି ଘଟଣାକୁ ନେଇ ଲୋକମାନେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବୀ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ବାମଦେଇପୁର ଗଡା ଠାରେ ଏକ ଛକ ରହିଅଛି । ସେଠାରେ ଖିଲପାନ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କ୍ୟାବନି ରହିଅଛି । ଏହି କ୍ୟାବନି ମାନଙ୍କରେ ପ୍ରଚୁର ପରିମାଣରେ ଆସ୍କାଫଟି ମଦ ଓ ବିଦେଶୀ ମଦ ବିକ୍ରି କରାଯାଉଛି ତା ସାଙ୍ଗକୁ ଧଳା ଜହର ମଧ୍ୟ ବିକ୍ରି କରାଯାଉଥିବା ବେଳେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଅନ୍ୟ ଆଡୁ ଯୁବକମାନେ ଆସି ସେଠାରେ ଧଣ୍ଡି ଖେଳୁଛନ୍ତି । ଗଞ୍ଜେଇ କାରବାର ମଧ୍ୟ ଏଠାରେ ବୃଦ୍ଧି ପାଇଛି । ନିମାପଡା ପୌରଅଞ୍ଚଳରୁ କେତେଜଣ ନିଶାଖୋର ସେଠାରେ ପହଞ୍ଚି ନିଶା ସେବନ କରିବା ସହ ବ୍ୟବସାୟ କରୁଛନ୍ତି । ମଦ୍ୟପଙ୍କ ରତିରେ ଗ୍ରାମ ଲୋକମାନଙ୍କର ଶାନ୍ତି ଭଙ୍ଗ ହେଉଅଛି । କଣ ପାଇଁ ଅବକାରୀ ବିଭାଗ ଏମାନଙ୍କୁ ନଧରି ଛାଡିଦେଇଛି ତାହା ଜନସାଧାରଣଙ୍କ ପାଇଁ ଚିନ୍ତା ପ୍ରକଟ କରିଛି । ବାମଦେଇପୁର ଗଡା ଠାରେ ଥିବା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରାଚୀର ନଥିବାରୁ ମଦ୍ୟପ ପଛପଟେ ବୁଲି ସ୍କୁଲ ବାରଣ୍ଡାରେ ମଦ୍ୟପାନ କରିବା ସହିତ ଭୋଜିଭାତ କରୁଛନ୍ତି । ନିଶାଖୋରମାନଙ୍କୁ ସ୍କୁଲ ବନ୍ଦ ଏକ ମୌକା ଯୋଗାଇଦେଇଛି । କେତେଜଣ ଯୁବକ ଏହାକୁ ବିରୋଧ କରୁଥିବା ବେଳେ ନିଶାଖୋରମାନେ ବିଭିନ୍ନ ଧମକ ଦେବା ଘଟଣାକୁ ନେଇ ବିବାଦ ଦେଖାଦେଇଛି ।

ମହିଳା ସଶକ୍ତିକରଣ ନାମରେ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଓ ଜୀବିକା ମିଶନ ଜରିଆରେ ଚାଲିଥିବା ନାରୀ ସଶକ୍ତିକରଣର ବାସ୍ତବତାକୁ ନେଇ ଏବେ ଉଠିଛି ପ୍ରଶ୍ନବାଚୀ । ପଞ୍ଜୀକୃତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉଦ୍ୟୋଗୀ ଭାବେ ଅବସ୍ଥାପିତ କରିବା ଓ ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ଦେଉଥିବା ଶହ ଶହ କୋଟି ଟଙ୍କା ସହାୟତା ରାଶିର ସିଂହ ଭାଗ ବିଭାଗୀୟ ଅଧିକାରୀଙ୍କ ପକେଟକୁ ଯାଉଥିବା ନେଇ ଆରୋପ ଉଠାଇଛନ୍ତି ବସ୍ତା ବ୍ଲକର ଏସଏଚଜି ମହିଳାମାନେ । ବାଲେଶ୍ୱରର କିଛି ସମାଜସେବୀ, ଶ୍ରମିକନେତା ଓ ଆଇନଜୀବୀଙ୍କ ସହଯୋଗରେ ଏସଏଚଜି କର୍ମକର୍ତ୍ତାମାନେ ସେମାବାର ଜିଲାପାଳଙ୍କୁ ସାକ୍ଷାତ ସହ ମହିଳା ସଶକ୍ତିକରଣ ପ୍ରକଳ୍ପ କାର୍ଯ୍ୟକାରିତାରେ ସରକାରୀ ବାବୁମାନେ କରୁଥିବା ଶୋଷଣ ସମ୍ପର୍କରେ ଅବଗତ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ବସ୍ତା ବ୍ଲକର ୩୧ ଗୋଟି ପଂଚାୟତରେ ପଞ୍ଜୀକୃତ ୩୨୨୮ ଗୋଟି ଗ୍ରୁପ ଏବେ ସକ୍ରିୟ ଥିବା ବେଳେ ବିଭିନ୍ନ ସାମଗ୍ରୀ ଉତ୍ପାଦନ ଓ ମାର୍କେଟିଂ ଜାରି ରଖିଛନ୍ତି । ମାତ୍ର ପଞ୍ଚାୟତଠାରୁ ବ୍ଲକ ସ୍ତର ପର୍ଯ୍ୟନ୍ତ ଏହି ବ୍ୟବସ୍ଥାକୁ ପରିଚାଳନା କରୁଥିବା ସରକାରୀ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ ନାମରେ ଅର୍ଥ ଲୁଟି ଚାଲିଛନ୍ତି । ବିଭିନ୍ନ ଯୋଜନାରେ ଆସୁଥିବା ସହାୟତାରୁ ୫୦ ପ୍ରତିଶତ ଅର୍ଥ ସେମାନେ ଦାବି କରୁଛନ୍ତି । ଯେଉଁ ଗୋଷ୍ଠୀର କର୍ମକର୍ତ୍ତାମାନେ ଧାର୍ଯ୍ୟ ଅର୍ଥ ଦେବାକୁ ଅମଙ୍ଗ ହେଉଛନ୍ତି ସେହି ଏସଏଚଜିକୁ ନିଷ୍କ୍ରିୟ କରି ଦିଆଯାଉଛି କିମ୍ବା ଅଭିଯୋଗକାରୀ ସଦସ୍ୟାଙ୍କୁ ଗୋଷ୍ଠୀରୁ ବିଦା କରି ଦିଆଯାଉଛି । ପ୍ରତିଟି ପ୍ରକଳ୍ପ କାର୍ଯ୍ୟରୁ ଅଧିକାରୀ ଅର୍ଥ ନେଇ ଚାଲିଛନ୍ତି ।ଏମିତିକି ଗତ ସାଧାରଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଇଁ ଏସଏଚଜିମାନେ ତିଆରି କରିଥିବା ଜାତୀୟ ପତାକା ବାବଦୀୟ ଅର୍ଥରୁ ବି ଅଧାଭାଗ ଅଧିକାରୀମାନେ ନେଇଛନ୍ତି ବୋଲି ମହିଳାମାନେ ଆରୋପ କରିଛନ୍ତି । ଏ ବାବଦରେ ମିଶନ ଶକ୍ତି ଓ ଜୀବିକା ମିଶନ ପ୍ରକଳ୍ପ ସଂଯୋଜକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।ଶେଷରେ ବିଭିନ୍ନ ଗଣ ସଂଗଠନ କର୍ମକର୍ତ୍ତାଙ୍କ ସହଯୋଗରେ ଜିଲାପାଳଙ୍କୁ ଆପତ୍ତି ଜଣାଇବାକୁ ଆସିଛନ୍ତି ବୋଲି ସେମାନେ ସୂଚନା ଦେଇଛନ୍ତି । ଏ ବାବଦରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ବାର ଆସୋସିଏସନ ସଭାପତି ମନୋଜ ନାୟକ, ସମାଜସେବୀ ଅନ୍ତର୍ଯ୍ୟାମୀ ପ୍ରଧାନ, ରଘୁନାଥ ଲେଙ୍କା ପ୍ରମୁଖଙ୍କ ସମେତ ଏସଏଚଜି ମହିଳାମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଜିଲାପାଳଙ୍କ ପରାମର୍ଶ କ୍ରମେ ଏ ବାବଦରେ ଅତିରିକ୍ତ ଜିଲାପାଳଙ୍କ ସହ ଦୀର୍ଘ ସମୟ ଆଲୋଚନା କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଖାଉଟି ସୁରକ୍ଷା ସଚେତନତା କର୍ମଶାଳା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଖାଉଟି ସଚେତନତା କାର୍ଯ୍ୟକ୍ରମ ତଥା କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ, ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡା. ରୁଦ୍ର ନାରାୟଣ ଦାଶ, ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଖାଉଟି କଲ୍‌ଯାଣ ସଂଗଠନର ସମସ୍ତ ସଦସ୍ୟ, ସ୍କୁଲ ଓ କଲେଜର ଛାତ୍ର, ଛାତ୍ରୀ, ଏନଏସଏସ ସ୍ୱେଚ୍ଛାସେବୀ ବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଏବଂ ଜନସାଧାରଣ ମାନେ ଉପସ୍ଥିତ ରହି ଖାଉଟି ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଖାଉଟି ସଚେତନତା ସମ୍ପର୍କରେ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଆୟୋଜିତ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ମଶାଳାରେ ଯୁଗ୍ମ ନିୟନ୍ତ୍ରକ, ଓଜନ ଓ ମାପ ବିଭାଗ ପରୀକ୍ଷାମୂଳକ ପ୍ରଦର୍ଶନ ଏବଂ ବାର୍ତ୍ତାଳାପ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଇଥିଲେ । ଜିଲ୍ଲା ଖାଉଟି ବିବାଦ ସମାଧାନର ଆୟୋଗ ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଖାଉଟି ସୁରକ୍ଷା ଆଇନ-୨୦୧୯ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ଖାଉଟି ମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟ

ଚମ୍ପୁଆ, (ଭାସ୍କର ନ୍ୟୁଜ୍): ଚମ୍ପୁଆ ବ୍ଲକ କାର୍ଯ୍ୟଳୟଠାରେ ଆଜି କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କ ଦ୍ୱାରା ଏକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚମ୍ପୁଆସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ୩୦୪ଟି ଅଭିଯୋଗ ଉପରେ ଜିଲ୍ଲାପାଳ ଶୁଣାଣି କରିଥିଲେ। ଅଧିକାଂଶ ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ଆବାସ ଯୋଜନା, ଭତ୍ତା ଆଦି ପ୍ରସଙ୍ଗ ଉପରେ ହେଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ମଧ୍ୟରେ ଚମ୍ପୁଆ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ବ୍ଲକରୁ ବଦଳି ସହିତ ଜିଆରଏସ ମାନଙ୍କ ବଦଳି ଉପରେ ୨୨ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ରିମୁଳି ଅଞ୍ଚଳରେ ଚୋରାମଦ ଓ ଗଞ୍ଜେଇ କାରବାର ଉପରେ ଅବକାରୀ ବିଭାଗର ନିରବତା, ରାଉତରାପୁର ପ୍ରାଥମିକ ବିଦ୍ୟାଳୟରୁ ଜବରଦଖଲ ଉଚ୍ଛେଦ ପାଇଁ ବାରମ୍ବାର ତହସିଲର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ତହସିଲ କର୍ତ୍ତୃପକ୍ଷଙ୍କ ନିରବତା, ଭିନ୍ନକ୍ଷମଙ୍କୁ ସହାୟତା ଯୋଗାଇବାରେ ବ୍ଲକ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି, ଟାଙ୍ଗରନାଳି ଗ୍ରାମରେ ଗ୍ରାମ ରାସ୍ତାକୁ ଜବରଦଖଲ, ମହତାବ ହାଇସ୍କୁଲରେ ବାଳିକା ଛାତ୍ରାବାସ କାର୍ଯ୍ୟକ୍ଷମ ନ ହେବା ଆଦି ପ୍ରସଙ୍ଗ ଉପରେ ଅଭିଯୋଗ ହୋଇଥିଲା। ୪୩ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚଳିତ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ଉପ ଜିଲ୍ଲାପାଳ ସୁକାନ୍ତ ମାଝୀ, ତହସିଲଦାର ସାଇ ସସ୍ମିତା ହୋତା, ବିଡିଓ ଜ୍ୟୋତ୍ସ୍ନା ନାଏକ, ଅତିରିକ୍ତ ଏସପି ବିରଞ୍ଚି ପ୍ରସାଦ ଦେହୁରୀ, ଡିଏଫଓ ଡି. ଧନରାଜ, ପିଡି ଡିଆରଡିଏ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଘୋଟାଲା

ରାସ୍ତାର ସ୍ଥାୟିତ୍ୱ ନେଇ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

କୋରେଇ, (ଭାସ୍କର ନ୍ୟୁଜ୍): ଏନ୍‌ଏଚ ୨୧୫ ଠାରୁ ଅମୃତୀୟା ଭାୟା ଆଲିଆ, ବେଗନା, ମହୁଲିୟା ପ୍ୟାକେଜ୍ ନମ୍ବର ଓଆରବି-୪୦୫ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାର୍ଯ୍ୟ ବହୁ ନିମ୍ନମାନର ଓ ଅନିୟମିତତା ସମ୍ପର୍କରେ ଆଲିଆ ଓ ବେଗନା ଗ୍ରାମର ଚାଷୀମାନେ ମିଳିତ ହୋଇ ରାସ୍ତାର ମାନ ନିରୀକ୍ଷଣ କରିବାକୁ ଆସିଥିବା ଆରଡିର ଷ୍ଟେଟ କ୍ୱାଲିଟି ମନିଟରିଂ ଅଫିସର ପ୍ରଦୀପ କୁମାର ସାହୁ, ଏସ୍.ଡି.ଓ ବାସନ୍ତୀ ହାଁସଦା ଓ ଜେ.ଇ ରସାନନ୍ଦ ବାରିକ୍‌ଙ୍କୁ ଅଭିଯୋଗ କରିଥିଲେ। ଏହି ରାସ୍ତା ପାଇଁ ଆମ୍ଭେ ବାରମ୍ବାର ଆପଣଙ୍କୁ ଲିଖିତ ଜଣାଇ ଥିଲେ ହେଁ ଆପଣ କେବେ ରାସ୍ତାର କାର୍ଯ୍ୟ ତଦାରଖ କରିବାକୁ ଆସୁନାହାନ୍ତି। ଆଜି କଣ୍ଟ୍ରାକ୍ଟର ଙ୍କର ବିଲ୍ କରିବା ନିମନ୍ତେ ମାପ ଚୁପ କରିବା ପାଇଁ ଆସିଗଲେ ବୋଲି ପ୍ରଶ୍ନ କରିଥିଲେ। କଣ୍ଟ୍ରାକ୍ଟର୍‌ଙ୍କର କହିବା ଅନୁଯାୟୀ ନିର୍ଦ୍ଦିଷ୍ଟ ପଏଣ୍ଟରେ ଆପଣ ଚେକ୍ କରୁଛନ୍ତି। କେଉଁଠାରେ ନିମ୍ନମାନର କାମ ହୋଇଛି, ଆମ୍ଭେ ରାତି ପାହିଲେ ଦେଖୁଛୁ, ତେଣୁ ଆମ୍ଭ କହିବା ଅନୁଯାୟୀ ଆପଣ ସେହିସ୍ଥାନମାନଙ୍କୁ ନିରୀକ୍ଷଣ କରନ୍ତୁ। ଏହି ରାସ୍ତାରେ ତ୍ରୁଟି ଦେଖି ପାରିବେ। ରାସ୍ତାର ସ୍ଥାଇତ୍ୱ ନେଇ ଚାଷୀମାନେ କହିଲେକି ୧ମ ଲେୟାରରେ ଜି.ଏସ୍,ବି ଓ ୨ୟ ଲେୟାରରେ

ଦବୁ.ଏମ.ଏମ ବ୍ୟବହାର କରିବା କଥା କିନ୍ତୁ ଠିକାଦାର ଅଧିକ ଲାଭଖୋର ମନବୃତି ରଖି ସମ୍ପୂର୍ଣ୍ଣ ଜିଏସବି କାମ କରିଛନ୍ତି। ଏକଥା କର୍ମଚାରୀମାନେ ଗାଳି କରିବା ସହିତ ସ୍ଥାନୀୟ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ କହିଲେ କି ଯେଉଁଠି ଯାହା ତ୍ରୁଟି ଅଛି ଆସନ୍ତା ଗୁରୁବାରଦିନ ଆମ୍ଭେ ଆସିବୁ ସମସ୍ତ ଅଭିଯୋଗର ତଦାରଖ କରିବୁ ଆପଣମାନଙ୍କୁ ଡାକିବୁ। ଠିକାଦାର ଯେଉଁଠି ଯାହା ତ୍ରୁଟି କରିଛି ସବୁ ଠିକ୍ କରିବ, ଚାଷୀ ମାନଙ୍କ ମଧ୍ୟରେ ସର୍ବ ବିଜୟ କୁମାର ବୋଇତାଇ, ଅର୍ଜୁନ କୁମାର ସାହୁ, ଅରୁଣ କୁମାର ସାହୁ, ଚନ୍ଦ୍ରମଣି ବେହେରା, ହିମାଂଶୁ ଭୁଷଣ ବୋଇତାଇ, ପ୍ରଦୀପ ସ୍ୱାଇଁ, ସୌମ୍ୟରଞ୍ଜନ ସାହୁ, ଦୀପକ କୁମାର ସାହୁ,ଆନନ୍ଦ ରାଉତ, ବିଜୟ କୁମାର ସାହୁ, ବୀରେନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା, ଶବରଖି ରାସ୍ତାରୋକ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅନ୍ତର୍ଗତ କସର୍ଦା ଫାଣ୍ଡି ଅଧିନ ସିଠାଳୋ ଗ୍ରାମର ମନୋଜ ବସ୍ତିଆ (୩୦)ଙ୍କ କ୍ଷତବିକ୍ଷତ ମୃତଦେହକୁ ସିଠାଳୋ ପୋଲ ଉପରେ ରଖି ସ୍ଥାନୀୟ ଜନସାଧାରଣ ରାସ୍ତାରୋକ କରିଥିଲେ। ଫଳରେ ବହୁସଂଖ୍ୟକ ଗାଡି ପୋଲର ଦୁଇ ପାଶ୍ୱରେ ଅଟକି ରହିଥିଲା। ଘଟଣାରୁ ପ୍ରକାଶ ଯେ ଗତ କାଲି ରାତିରେ ଉକ୍ତ ଥାନା ସିଂଳୋ ଗ୍ରାମର କେଶବ ବସ୍ତିଆଙ୍କ ପୁଅ ମନୋଜ ଘରକୁ ଫେରି ନଥିଲେ ଅନୁଗୁଳରେ ରହୁଥିବା ମନୋଜଙ୍କ ଭଉଣୀ ମମତା ବସ୍ତିଆଙ୍କ ନିକଟକୁ କଟକ ବଡ ଡାକ୍ତର ଖାନାରୁ ଡାକ୍ତର ଫୋନ୍ କରି ମନୋଜ ମରିଯାଇଥିବା ଓ ତାର ଶବ କଟକ ବଡ ଡାକ୍ତରଖାନାରେ ଥିବା କଥା କହିଥିଲେ। ମନୋଜଙ୍କୁ ହଂସପାଳ ନିକଟସ୍ଥ ୨୨ ତାଲା ସମ୍ମୁଖରୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡଡାକ୍ତରଖାନାକୁ ପଠାଇଥିବା ଡାକ୍ତର କହିଥିଲେ। ଏହି ଖବରକୁ ଭଉଣୀ ବାପାଙ୍କୁ ଜଣାଇବା ପରେ ସେ ଯାଇ ପୁଅର ମୃତ ଦେହ ଦେଖିବାକୁ ପାଇଥିଲେ। ଆଜି ଶବ ବ୍ୟବଚ୍ଛେଦ କରି ସିଠାଳୋରେ ଶବ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ଓ ସ୍ଥାନୀୟ ଜନସାଧାରଣ ଶବକୁ ପୋଲ ଉପରେ ରଖି ମୃତ୍ୟୁ ରହସ୍ୟ ଉନ୍ମୋଚନ ଓ ଦ୍ୱୀପାଞ୍ଚଳର ବିଭିନ୍ନ ସେତୁ ଉପରେ କଡା ପୋଲିସ ପ୍ରହରା, ନିଶାର୍ଦ୍ଧରେ ଖୁଲମ ଖୁଲା ବୁଲୁଥିବା ସନ୍ଦିଗ୍ଧ ମାନଙ୍କୁ ଚିହ୍ନଟ ଓ ସିଠାଳୋରେ ଫାଣ୍ଡି ପ୍ରତିଷ୍ଠା ଆଦି ୮ ଦଫା ଦାବି ନେଇ ଟାୟାର ଜାଳି ରାସ୍ତାରୋକ କରିଥିଲେ।

ଘଟଣାସ୍ଥଳରେ ନିଆଳୀ ଥାନା ସବଇନ୍ସପେକ୍ଟର ଦିଲ୍ଲିପ କୁମାର ବେହେରା, ଶୋଭରାଜ ପ୍ରସାଦ ମହାନ୍ତି, କସରଦା ଫାଣ୍ଡି ଅଧିକାରୀ ଆନ୍ଦୋଳନକାରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ଆଇନ୍ ଅନୁଯାୟୀ ସେମାନଙ୍କର ଦାବି ପୁରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ

ବେଗୁନିଆ, (ଭାସ୍କର ନ୍ୟୁଜ୍): ବେଗୁନିଆ ଥାନା ଅନ୍ତର୍ଗତ କୁଶପଲ୍ଲୀରୁ ଗୋଟିଏ ବୋଲେରୋ ପିକଅପ ଗାଡ଼ିରେ ୧୬ଟି ଗୋରୁ ବୋଝେଇ କରି କଡବ ଜାମୁସାହିକୁ ଚାଲାଣ ହେଉଥିବାବେଳେ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ବେଗୁନିଆ ପୋଲିସ କଲେଜ ରୋଡ ରେ ଗୋରୁ ବୋଝେଇ ଗାଡିଟିକୁ ଜବତ କରିବା ସହିତ ଗାଡି ଚାଳକ ଏବଂ ହେଲ୍ପରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଜି ଦିନ ୧୧ଟା ସମୟରେ ଥାନା ଅଧିକାରୀ ଗୋରୁ ବୋଝେଇ ଗାଡିଟି ଯାଉଥିବାର ଖବର ପାଇ ସଙ୍ଗେ ସଙ୍ଗେ ଥାନା କର୍ମଚାରୀମାନଙ୍କୁ ଗାଡିଟିକୁ ଜବତ କରିବା ପାଇଁ ପଠାଇଥିଲେ। ଏଏସଆଇ ଭୁବନ ବେହେରା, ପ୍ରଶାନ୍ତ ବେହେରା, ଶ୍ରୀନିବାସ ବାରିକ ଏବଂ ପ୍ରକାଶ ମୁଦୁଲି ଗାଡିଟିର ପିଛା କରି କଲେଜ ରୋଡରେ ଜବତ କରି ଥାନାକୁ ଆଣିଥିଲେ। ଜବତ ୧୬ଟି ଗୋରୁଙ୍କୁ ଭୁବନେଶ୍ୱର ସିଜୁଆସ୍ଥିତ ଗୋଶାଳାରେ ଛଡ଼ାଯାଇଥିବାବେଳେ ଗାଡି ଚାଳକକଡବ ଜାମୁସାହିର ନାସିର ଖାଁ(୨୫)ଏବଂ କଡବ ଗ୍ରାମର ହେଲ୍ପର କୁନା ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଗୁନିଆ ପୋଲିସ ଏକ ମୋକଦମା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଲୁଗା ଦୋକାନରୁ ଚୋରି

ଗୋପ, (ଭାସ୍କର ନ୍ୟୁଜ୍): ଗତ ଶନିବାର ବିଳମ୍ବିତ ରାତ୍ରିରେ ଗୋପ ଥାନା ଅଧିନ ବେଗୁନିଆ ବଜାରରେ ଥିବା ଏକ ଲୁଗା ଦୋକାନର ଆଜବେଷ୍ଟସ ଭାଙ୍ଗି କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ଲୁଗା, ଡ୍ରେସ, ଆଦି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଯାଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ଗୋପ ଥାନା ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ତଦନ୍ତ କରି ଫେରିଛି । ଅଭିଯୋଗ ମୁତାବକ ବେଗୁନିଆ ଛକରେ ଥିବା ରାଜକିଶୋର ମିଶ୍ରଙ୍କ ଲୁଗା ଦୋକାନକୁ ସେ ପ୍ରତ୍ୟେକ ଦିନ ପରି ଶନିବାର ରାତ୍ରି ପ୍ରାୟ ୧୧ ଟା ସମୟରେ ବନ୍ଦ କରି ଘରକୁ ଯାଇଥିଲେ। କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ବିଳମ୍ବିତ ରାତ୍ରିରେ ଦୋକାନ ଘରର ଆଜବେଷ୍ଟସ ଭାଙ୍ଗି ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ବିଭିନ୍ନ ନାମୀଦାମୀ ଶାଢୀ, ଫ୍ୟାନସୀ ଡ୍ରେସ, ସମେତ ବିଭିନ୍ନ ଆସବାବ ପତ୍ର ଲୁଟି ନେଇ ପଳାଇଥିଲେ । ସକାଳୁ ଦୋକାନ ଖୋଲିବାକୁ ଆସି ରାଜ କିଶୋର ଦୋକାନରୁ ଚୋରି ହୋଇଥିବା ଜାଣି ଥାନାରେ ଏକଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି । ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ତଦନ୍ତ କରିବା ସହ ନିକଟରେ ଲାଗିଥିବା ସିସି କ୍ୟାମେରାକୁ ଯାଂଚ କରି ଫେରିଛନ୍ତି । ଖୁବ୍‌ଶିଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ବୋଲି ଥାନା ଅଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି ।

ସର୍ଟସର୍କିଟ୍‌ରୁ ଜଳିଗଲା ପାଳଗଦା

କାଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲା କାଣିହାଁ ବ୍ଲକ ଘଣ୍ଟିଆ ନାଳୀ ଗ୍ରାମର ଉପେନ୍ଦ୍ର ପ୍ରଧାନଙ୍କ ପାଳଗଦା ସମ୍ପୂର୍ଣ୍ଣ ଜଳି ଯାଇଛି। ଆଜି ସନ୍ଧ୍ୟା ୭ଟା ସମୟରେ ପ୍ରବଳ ମାତ୍ରାରେ ପାଉଁଶ ଝଡ ପବନ ହୋବାରୁ ଉପେନ୍ଦ୍ର ପ୍ରଧାନଙ୍କ ପାଳଗଦା ଉପର ଦେଇ ଟାଟା ଟିପିସିଓଡିଏଲ କମ୍ପାନୀର ଏଲଟି ତାର ତଳକୁ ଝୁଲି ପଡିଥିବାରୁ ପାଳଗଦା ସଂସ୍ପର୍ଶସରେ ଆସି ପାଳଗଦା ସମ୍ପୂର୍ଣ୍ଣ ପୁଡ଼ି ଯାଇଛି। ପ୍ରଥମେ ଗ୍ରାମବାସୀ ମିସି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲା ବେଳେ ତୁରନ୍ତ ଖବର ପାଇ ଜେଟିପିଏଲର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟିପିସିଡିଓଏଲ କମ୍ପାନୀର ମନମଖୀ କାର୍ଯ୍ୟ ପାଇଁ ବାରମ୍ବାର ଏଭଳି ଦୃଘଟଣା ଘଟୁଥିବା ଜଣାଯାଇଛି। ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ବିଦ୍ୟୁତ ଖୁମ୍ବରେ ଫାଟି ଯାଇଥିବା ଶଙ୍ଖ ଓ ତଳକୁ ଝୁଲି ପଡ଼ିଥିବା ତାର ପାଇଁ ଏଭଳି ଦୁର୍ଘଟଣ ବାରମ୍ବାର ଘଟୁଛି।

ଆଗ୍ରାହାଟ ଶିଶୁମନ୍ଦିରରେ ବିଜୟ ସମ୍ବର୍ଦ୍ଧନା ଉତ୍ସବ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ପଂଚାୟତ ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ବିଦ୍ୟାମନ୍ଦିର ତରଫରୁ ବିଜୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଥିବା ଜଣାପଡ଼ିଛି। ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ପରିଚାଳନା ସମିତିର ସଭାପତି ପ୍ରତାପ କିଶୋର ମହାପାତ୍ର, ଉପସଭାପତି ବିଜୟ କୁମାର ଜେନା, ସଂପାଦକ ଶତ୍ରୁଘ୍ନ ବେହେରା, କୋଷାଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ବରାଳ ପ୍ରମୁଖ ଯୋଗ ଦେଇ ଚଳିତ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହାସହ ସମସ୍ତ ଛାତ୍ରଛାତ୍ରୀମାନେ କିପରି ନିଜର କଠିନ ପରିଶ୍ରମ ଓ ଅଧ୍ୟବ୍ୟସାୟ ଫଳରେ ଏହି ସଫଳତା ଅର୍ଜନ କରିଛନ୍ତି ତାହାକୁ ନେଇ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟା ଅସୀମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସୁଚିତ୍ରା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାଁନ୍ତି ଡାକ୍ତର, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ଡାକ୍ତର ଅଭାବକୁ ନେଇ ସ୍ୱାସ୍ଥ୍ୟସେବା ପ୍ରହସନରେ ପରିଣତ ହୋଇଛି। ଡାକ୍ତର ଅଭାବରୁ ରୋଗୀମାନେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଟାଫ ବ୍ୟବସ୍ଥା ପାଇଁ ବିବେଚିତ ହୋଇଥିବା ବେଳେ ସମସ୍ତ ସୁବିଧା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଉଥିବା ବେଳେ ଡାକ୍ତର ସମସ୍ୟା ଚିନ୍ତା ପ୍ରକଟ କରିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲକ୍ଷ ଲକ୍ଷ ଲୋକ ନିର୍ଭର କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ଟାଫ ସ୍ୱାସ୍ଥ୍ୟକେନ୍ଦ୍ର ପାଇଥିବା ବେଳେ ଏଠାରେ ମେଡିସନ ବିଭାଗ, ସର୍ଜରୀ ବିଭାଗ, ସ୍ତ୍ରୀ ରୋଗ ବିଭାଗ, ଚକ୍ଷୁ ବିଭାଗର ଡାକ୍ତର ନଥିବାରୁ ରୋଗୀମାନେ ଚିକିତ୍ସା ନପାଇ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ବାଧ୍ୟ ହୋଇ ଲୋକମାନେ ଟଙ୍କା ଖର୍ଚ୍ଚ କରି ଚିକିତ୍ସା ହେଉଥିବା ବେଳେ ଅନେକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ କାର୍ଡ କାର୍ଯ୍ୟକାରୀ ହୋଇପାରୁନାହିଁ। ବାରମ୍ବାର ଲୋକମାନେ ପୁରୀ ଦୌଡି ନିରାଶ ହେଉଛନ୍ତି । ନିମାପଡା ପୁରୀ ଜିଲ୍ଲାର ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ଡାକ୍ତର ସମସ୍ୟା ଲାଗି ରହିଛି । ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଥିଲେ, ତୁରନ୍ତ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଯୋଗାଇ ଦିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଡାକ୍ତର ନଆସିବାରୁ ରୋଗୀମାନେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭୁବନେଶ୍ୱର କଟକ ପୁରୀ ଚିକିତ୍ସା ପାଇଁ ଯାଇ ହଇରାଣ ହେଉଛନ୍ତି । ତୁରନ୍ତ ଏହି ଘଟଣା ଉପରେ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

ସନ୍ଦେହଘେରରେ ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଅଟକ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ଅଧୀନ ଗୋହିରିବାଡି ଗ୍ରାମରେ ଜଣେ ବିବାହିତ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ପ୍ରଦିପ ଗୌଡଙ୍କ ପତ୍ନୀ ଅଞ୍ଜନା ଗୌଡ(୨୫)। ଗତକାଲି କୌଣସି କାରଣକୁ ନେଇ ସେ ଗୁରୁତର ହୋଇପଡିବାରୁ ପରିବାର ଲୋକ ଡାକ୍ତରଖାନା ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ଏହାପରେ ଅଞ୍ଜନାଙ୍କ ବାପା ଧନୁ ଗୌଡ ତାଙ୍କ ଝିଅକୁ ଜ୍ୱାଇଁ ହତ୍ୟା କରିଥିବା ନେଇ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଞ୍ଜନାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ ପୁଲିସ୍ କେସ୍ ନମ୍ବର ୪୦୮ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଦିପ ଏବଂ ଅଞ୍ଜନା ୮ ବର୍ଷ ତଳେ ବିବାହ କରିଥିବା ବେଳେ ସେମାନଙ୍କ ଗୋଟିଏ ଝିଅ ଏବଂ ପୁଅ ରହିଛନ୍ତି। ପ୍ରଦିପ ସୁରାଟରେ ରହି କାର୍ଯ୍ୟ କରୁଥିବା ବେଳେ ସେ ଗତ ଦୁଇମାସ ତଳେ ଘରକୁ ଫେରିଥିଲେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନଥିବା ବେଳେ ତାଙ୍କ ଝିଅକୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ବିଷ ପିଆଇ ହତ୍ୟା କରାଯାଇଥିବା ତାଙ୍କ ବାପା ଅଭିଯୋଗ ଆଣିଛନ୍ତି। ବାପାର ଅଭିଯୋଗ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଶ୍ରୀ ଦାସ କହିଛନ୍ତି। ଏହି ଘଟଣାକୁ ନେଇ ଜ୍ୱାଇଁ ପ୍ରଦିପକୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ସୁକୁଣ୍ଡା ହତ୍ୟା ଘଟଣାରେ ୨ ଗିରଫ

କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା-ଲାଠି ରାସ୍ତାରେ ମେ ୧୧ ତାରିଖ ରାତିରେ ଗଙ୍ଗା ଦାସ ନାମକ ଜଣେ ଯୁବକକୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସଦର ଥାନା ପୋଲିସ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡ ବଜାର ଥାନା ଅନ୍ତର୍ଗତ ବାଉରୀ ସୁକୁଣ୍ଡା ଗ୍ରାମର କାଳୁ ଦାସଙ୍କ ପୁଅ ରିଙ୍କୁ ଦାସ(୩୪),କାଳୁ ଦାସଙ୍କ ପୁଅ ଚନ୍ଦନ ଦାସ(୨

ଜାତୀୟ ଓ ଅନ୍ତର୍ଜାତୀୟ

ନୂଆଦିଲ୍ଲୀ: ଗ୍ରୀଷ୍ମ ଉତ୍ତାପରେ ଜଳୁଛି ସାରା ଭାରତ। ସୋମବାର ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ନଜଫଗଡ ସବୁଠାରୁ ଉତ୍ତପ୍ତ ଅଞ୍ଚଳ ଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଦିଲ୍ଲୀର ନଜଫଗଡରେ ସୋମବାର ସର୍ବାଧିକ ସର୍ବାଧିକ ତାପମାତ୍ରା ୪୬.୨ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବାବେଳେ ନରେଲା ପରି ଅନ୍ୟାନ୍ୟ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୫.୩ ଡିଗ୍ରୀ ସେଲସିୟସ ଏବଂ ପିଟାମ୍ପୁରା ୪୫.୮ ଡିଗ୍ରୀ ସେଲସିୟସ ରେକର୍ଡ କରିଛି। ଏଥିସହିତ ଆୟାନଗରରେ ୪୪.୪ ଡିଗ୍ରୀ ସେଲସିୟସ ଏବଂ ପାଲାମରେ ୪୪.୨ ଡିଗ୍ରୀ ସେଲସିୟସରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥିଲା। ସୋମବାର ପ୍ରକାଶିତ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ମେ ୨୪ ରେ ଦିଲ୍ଲୀ, ପଞ୍ଜାବ, ହରିୟାଣା-ଚଣ୍ଡିଗଡ଼ର କେତେକ ସ୍ଥାନରେ ୫୦-୬୦ କିଲୋମିଟର ବେଗରେ ଘଡଘଡି ସହ ପ୍ରବଳ ପବନ ହୋଇପାରେ। ୨୪ ଏବଂ ୨୫ ମଇରେ ଉତ୍ତରପ୍ରଦେଶରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳେପାରେ।

ପୁଣି ମଣିପୁର ଅଶାନ୍ତ

ବିଭିନ୍ନ ସ୍ଥାନରେ ସଂଘର୍ଷ, ରାଜଧାନୀରେ କର୍ଫ୍ୟୁ

ଇମ୍ଫାଲ: ପୁଣିଥରେ ମଣିପୁରରେ ହିଂସା ଉଗ୍ରରୂପ ଧାରଣ କରିବା ପରେ ଅଶାନ୍ତ ହୋଇପଡ଼ିଛି। ରାଜଧାନୀ ଇମ୍ଫାଲର କିଛି ସ୍ଥାନରେ ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ପୁଣି ସଂଘର୍ଷ ଦେଖିବାକୁ ମିଳିଛି। ଏହାକୁ ନେଇ ଇମ୍ଫାଲର କିଛି ସ୍ଥାନରେ ପୋଡ଼ାଜଳା ଓ ଭଙ୍ଗାରୁଜା ହୋଇଛି। ଏଥିପାଇଁ ଆର୍ମି ଯବାନଙ୍କୁ ମୁତୟନ କରାଯାଇଛି। ଏଥିସହ କିଛି ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ମୈତେଇ ଓ କୁକି ସଂପ୍ରଦାୟର ଲୋକଙ୍କ ମଧ୍ୟରେ ଆଜି ନ୍ୟୁ ଚେକୋନରେ ପ୍ରବଳ ମାରପିଟ ହୋଇଛି। ସ୍ଥାନୀୟ ମାର୍କେଟରେ ସ୍ଥାନ ସଂରକ୍ଷଣକୁ ନେଇ ଏପରି ସଂଘର୍ଷ ଘଟିଛି। ସଂଘର୍ଷ ପରେ ଦୁଇ ସଂପ୍ରଦାୟର ଲୋକମାନେ ପରସ୍ପର ଦୋକାନରେ ନିଆଁ ଲଗାଇ ଦେଇଥିଲେ। ସ୍ଥିତି ବିଗଡ଼ିବାରୁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଅଧିକ ସଂଖ୍ୟକ ଫୋର୍ସ ମୁତୟନ କରାଯିବା ସହ ଦିନ ୧ଟାରୁ କର୍ଫ୍ୟୁ ପୁଣି ଲାଗୁ କରାଯାଇଛି। ଇମ୍ଫାଲରେ ଦିନ ୪ଟା ଯାଏ କର୍ଫ୍ୟୁକୁ କୋହଳ କରାଯାଇଥିଲେ। ତେବେ ବିଭିନ୍ନ ସ୍ଥାନରେ ସଂଘର୍ଷ ଘଟିବାରୁ କର୍ଫ୍ୟୁ ଅବଧିକୁ ହ୍ରାସ କରି ଦିଆଯାଇଛି। କର୍ଫ୍ୟୁ ଲାଗୁ ହେବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। ଲୋକଙ୍କୁ ପୂର୍ବଭଳି ଘରେ ରହିବାକୁ କୁହାଯାଇଛି। ଚଳିତ ମାସ ଆରମ୍ଭରୁ ହିଁ ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀ ଲୋକଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଛି। ମୈତେଇ ସଂପ୍ରଦାୟର ଲୋକମାନେ ନିଜକୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିବାକୁ ଦାବି କରୁଛନ୍ତି। ହେଲେ ଏହାକୁ ଆଦିବାସୀ ଛାତ୍ର ସଙ୍ଗଠନ 'ଆଦିବାସୀ ଏକତା ମୋର୍ଚ୍ଚା' ବିରୋଧ କରୁଛି।

'କୃଷକମାନଙ୍କୁ ନିରନ୍ତର ସମର୍ଥନ କରି ରାଜୀବ ଗାନ୍ଧୀଙ୍କ ପନ୍ଥାକୁ ଅନୁସରଣ କରିଛି ଛତିଶଗଡ଼'

ରାୟପୁର: ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ଗ୍ରାମ ପଞ୍ଚାୟତ ସଙ୍କ୍ରାରେ ଅବସ୍ଥିତ ମହାତ୍ମା ଗାନ୍ଧୀ ଉଦ୍ୟାନ ଓ ବନ ବିଭାଗ ପାଇଁ ଭୁମିପୂଜନ କରିଥିଲେ। ଶ୍ରୀ ବାଘେଲ ମଧ୍ୟ ବିଭିନ୍ନ ନ୍ୟାୟ ଯୋଜନାର ହିତାଧିକାରୀଙ୍କୁ ୨ ହଜାର ୨୮ କୋଟି ୯୨ ଲକ୍ଷ ଟଙ୍କା ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ବାଘେଲ କହିଛନ୍ତି ଯେ ପଞ୍ଚାୟତରାଜକୁ ମଜବୁତ କରିବା ତଥା ଦେଶକୁ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ବିପ୍ଳବର ସାମ୍ନାକୁ ଆଣିବାରେ ଶ୍ରୀ ରାଜୀବ ଗାନ୍ଧୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ନ୍ୟାୟ ଯୋଜନା ଅଧୀନରେ ଦିଆଯାଇଥିବା ଆର୍ଥିକ ସହାୟତା ଯୋଗାଇ ରାଜ୍ୟ କୃଷକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ୪୪୩ କୋଟି ଏଥିରେ ୬୮ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ୧୭ଟି କାର୍ଯ୍ୟର ଉଦ୍ଘାଟନ ଏବଂ ଭୁମି ପୂଜନ ମଧ୍ୟ ୩୭୪ କୋଟି ୮୭ ଲକ୍ଷ ଟଙ୍କା ମୂଲ୍ୟର ୭୧ ଟି କାର୍ଯ୍ୟ ପାଇଁ କରାଯାଇଥିଲା। ଶ୍ରୀ ବାଗେଲ କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ କୃଷକମାନଙ୍କୁ ଆର୍ଥିକ ସଶକ୍ତ ନକଲେ ଦେଶର ଅର୍ଥନୀତି ମଜବୁତ ହୋଇପାରିବ ନାହିଁ। ନ୍ୟାୟ ଯୋଜନା ସହିତ ରାଜ୍ୟ କୃଷକମାନଙ୍କୁ ନିରନ୍ତର ସମର୍ଥନ କରି ଅନ୍ତର୍ଭୁକ୍ତ ବିକାଶର ଦୂରଦୃଷ୍ଟି ହାସଲ କରିବାକୁ ରାଜ୍ୟ ସରକାର ମଧ୍ୟ ଏହି ପଥ ଅନୁସରଣ କରୁଛନ୍ତି। କଠିନ କରୋନା ପର୍ଯ୍ୟାୟରେ ମଧ୍ୟ ଆର୍ଥିକ ସହାୟତା ସିଧାସଳଖ କୃଷକଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଥିଲା । ସେ ଆହୁରି ମଧ୍ୟ କହିଛନ୍ତି ଯେ ଛତିଶଗଡର ଚାଷୀଙ୍କ ଅବସ୍ଥା କୌଣସି ରାଜ୍ୟର ଚାଷୀଙ୍କ ଅପେକ୍ଷା ଭଲ। ବିଭିନ୍ନ ନ୍ୟାୟ ଯୋଜନା ଅଧୀନରେ ୦୨ ହଜାର ୨୮ କୋଟି କୃଷକ ଏବଂ ଶ୍ରମିକଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି । ଶ୍ରୀ ବାଘେଲ ଆହୁରି କହିଛନ୍ତି ଯେ ରାଜ୍ୟ ସରକାର ଏକର ପିଛା ୨୦ କ୍ୱିଣ୍ଟାଲ ଧାନ କିଣିବାକୁ ନିଷ୍ପତ୍ତି ନେଇଛନ୍ତି ଏବଂ କ୍ରୟ ପରିମାଣ ହିତାଧିକାରୀଙ୍କୁ ସିଧାସଳଖ ହସ୍ତାନ୍ତର କରାଯାଉଛି। ଜଙ୍ଗଲ ଉତ୍ପାଦନ ସଂଗ୍ରହକାରୀମାନେ ମଧ୍ୟ ସେମାନଙ୍କ ଉତ୍ପାଦ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି ।

ସତ୍ୟେନ୍ଦ୍ର ଜୈନ ହସ୍ପିଟାଲରେ ଭର୍ତ୍ତି

ଜେଲରେ ଥିବା ଆପ୍ ନେତା ସତ୍ୟେନ୍ଦ୍ର ଜୈନ ଅସୁସ୍ଥ ହୋଇ ପଡ଼ିଛନ୍ତି। ଏଥିପାଇଁ ତାଙ୍କୁ ତୁରନ୍ତ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେଲେ ପ୍ରକୃତରେ ଜୈନଙ୍କର କ'ଣ ହୋଇଛି, ସେକଥା ଜଣାପଡ଼ିନି। ଏବେ ବି ସେ ହସ୍ପିଟାଲରେ ରହିଛନ୍ତି। ମନିଲଣ୍ଡିଂ ମାମଲାରେ ଗିରଫ ହୋଇ ଜେଲରେ ଥିବା ସତ୍ୟେନ୍ଦ୍ର ଜୈନ ଗତ ଗୁରୁବାର ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ। ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭୀ କୋର୍ଟରେ ଜୈନଙ୍କ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ। ସେ ଜଷ୍ଟିସ ଏଏସ୍ ବୋପାନ୍ନା ଓ ଜଷ୍ଟିସ ହିମା କୋହଲିଙ୍କ ଖଣ୍ଡପୀଠଙ୍କୁ କହିଥିଲେ ଜୈନ ବର୍ତ୍ତମାନ ଅତ୍ୟନ୍ତ ସାଂଘାତିକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଛନ୍ତି। ତାଙ୍କ ଓଜନ ୩୫ କେଜି କମି ସାରିଲାଣି। ଏହା ଶୁଣିବା ପରେ ସୁପ୍ରିମକୋର୍ଟ ନୋଟିସ କରିବା ସହ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ବିରୋଧରେ ଜୈନଙ୍କୁ ସର୍ବୋଚ୍ଚ ଅଦାଲତଙ୍କ ଅବକାଶକାଳୀନ ବେଞ୍ଚଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଥିଲେ। ଜୈନ ଜାମିନ ପାଇଁ ସେଠାରେ ଆବେଦନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଇଡି ଦ୍ୱାରା ରୁଜୁ ମନି ଲଣ୍ଡ୍ରିଂ ମାମଲାରେ ଜୈନ ଗତବର୍ଷ ମେ' ୩୦ରେ ଗିରଫ ହୋଇଥିଲେ। ସେବେଠାରୁ ସେ ଜେଲରେ ରହିଛନ୍ତି।

ସ୍କୁଲ ହଷ୍ଟେଲରେ ଭୟଙ୍କର ଅଗ୍ନିକାଣ୍ଡ, ୨୦ ଛାତ୍ରଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୨/୦୫: ଦକ୍ଷିଣ ଆମେରିକୀୟ ଦେଶ ଗୁଏନାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଏକ ସ୍କୁଲ ହଷ୍ଟେଲରେ ଅଗ୍ନିକାଣ୍ଡ କାରଣରୁ ୨୦ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେହିଭଳି ଏକାଧିକ ଆହତ ହୋଇଛନ୍ତି। ଆହତ ହୋଇଥିବା ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଘଟଣା ପରଠାରୁ ଅନେକ ପିଲା ନିଖୋଜ ଥିବା ମଧ୍ୟ କୁହାଯାଉଛି। ତେବେ କେତେ ଆହତ ହୋଇଛନ୍ତି ସେନେଇ ମଧ୍ୟ ସ୍ପଷ୍ଟ ଭାବରେ ଜଣାପଡ଼ିନାହିଁ। ସୂଚନା ଅନୁଯାୟୀ, ଗୁଏନାର ମହଦିୟା ସହରରେ ଥିବା ଏକ ସ୍କୁଲ ହଷ୍ଟେଲରେ ଏହି ଅଗ୍ନିକାଣ୍ଡ ଘଟିଛି। ତେବେ ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

ବିରୋଧୀ ମେଣ୍ଟ ପାଇଁ ନୀତିଶଙ୍କ ପ୍ରୟାସ ଜାରି

ନୂଆଦିଲ୍ଲୀ: ୨୦୨୪ ସାଧାରଣ ନିର୍ବାଚନକୁ ମାତ୍ର ଆଉ ମାସ କେଇଟା ବାକି ରହିଛି। ତେବେ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରର ମୋଦୀ ସରକାରଙ୍କୁ ଚେକ୍ ଦେବା ପାଇଁ ବିରୋଧୀମାନେ ଏକଜୁଟ୍ ହେବା ଆରମ୍ଭ କଲେଣି। ଆଉ ଏହାର ମଙ୍ଗ ଏବେ ନୀତିଶଙ୍କ ହାତରେ। ବିରୋଧୀ ମେଣ୍ଟ ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ୍ କୁମାର ପ୍ରୟାସ ଜାରି ରଖିଛନ୍ତି। ଏହିକ୍ରମରେ ସେ ଅନେକ ନେତାଙ୍କୁ ଭେଟି ସାରିଲେଣି। ରବିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଭେଟିବା ପରେ ସୋମବାର କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ଗତ ଦେଢ ମାସ ଭିତରେ ନେତାଙ୍କ ମଧ୍ୟରେ ଏହା ଦ୍ୱିତୀୟ ବୈଠକ। ଏହି ସମୟରେ ବିରୋଧୀ ମେଣ୍ଟ ବିଷୟରେ ନେତାଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା କରାଯାଇଛି। ଖଡ଼ଗେଙ୍କ ନୂଆଦିଲ୍ଲୀ ସ୍ଥିତ ରାଜାଜୀ ମାର୍ଗ ବାସଭବନରେ ଅନୁଷ୍ଠିତ ବୈଠକରେ କଂଗ୍ରେସର ସାଧାରଣ ସଂପାଦକ କେସି ଭେଣୁଗୋପାଳ ଏବଂ ଜେଡିୟୁ ରାଜ୍ୟ ସଭାପତି ଲଲନ ସିଂ ମଧ୍ୟ ଉପସ୍ଥିତ ଥିଲେ। ଭେଣୁଗୋପାଳ କହିଛନ୍ତି, ଖୁବ୍ ଶୀଘ୍ର ଅଣବିଜେପି ପାର୍ଟିମାନଙ୍କ ବଡ଼ ବୈଠକ ହେବାକୁ ଯାଉଛି। ଆଗାମୀ ଦିନେ ଦୁଇଦିନ ଭିତରେ ବୈଠକର ତାରିଖ ଏବଂ ସ୍ଥାନ ବିଷୟରେ ଘୋଷଣା କରାଯିବ। ବୈଠକରେ ବିଜେପି ବିରୋଧୀ ଅନେକ ଦଳ ଯୋଗ ହେବେ ବୋଲି କଂଗ୍ରେସ ସାଧାରଣ ସଂପାଦକ କହିଛନ୍ତି। ବର୍ତ୍ତମାନ ଦେଶ ଏକଜୁଟ୍ ଅଛି। 'ଗଣତନ୍ତ୍ର ହିଁ ଶକ୍ତି' ଏହା ହେଉଛି ଆମର ସନ୍ଦେଶ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ମୁଁ ଏବଂ ରାହୁଲ ଗାନ୍ଧୀ ସଂପ୍ରତି ଦେଶର ରାଜନୈତିକ ସ୍ଥିତି ବିଷୟରେ ଆଲୋଚନା କଲୁ। ଦେଶକୁ ଏକ ନୂତନ ଦିଗ ଦେବା ପ୍ରକ୍ରିୟାକୁ ଆଗକୁ ବଢାଇବା ଉପରେ ଆଲୋଚନା କରିଛୁ ବୋଲି ଖଡ଼ଗେ ଟୁଇଟ୍ କରି କହିଛନ୍ତି। ଏହା ପୂର୍ବରୁ ରବିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସହ ନୀତୀଶ କୁମାର ସାକ୍ଷାତ କରି ବିରୋଧୀ ମେଣ୍ଟ ଏବଂ ଭବିଷ୍ୟତ ରାଜନୀତିର ରୋଡ୍ ମ୍ୟାପ୍ ଉପରେ ଆଲୋଚନା କରିଥିଲେ।

ୱାଙ୍ଖଡ଼େଙ୍କୁ ସର୍ତ୍ତମୂଳକ ଜାମିନ୍, ୮ ଯାଏଁ ଗିରଫ ହେବେନି

ନୂଆଦିଲ୍ଲୀ: ମୁମ୍ବାଇ ଏନ୍‌ସିବିର ପୂର୍ବତନ ମୁଖ୍ୟ ସମୀର ୱାଙ୍ଖଡ଼େଙ୍କୁ ବମ୍ବେ ହାଇକୋର୍ଟରୁ ଆଶ୍ୱସ୍ତି। ଜୁନ ୮ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ସୁରକ୍ଷା ବଢ଼ାଇଲେ କୋର୍ଟ। ଏହି ସମୟ ଭିତରେ ସମୀରଙ୍କୁ କେହି ବଳ ପ୍ରୟୋଗ କରି ଗିରଫ କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ତେବେ ସୁରକ୍ଷା ବଢ଼ାଇବା ପୂର୍ବରୁ ୱାଙ୍ଖଡ଼େଙ୍କ ପାଖରେ କିଛିଟା ସର୍ତ୍ତ ରଖିଛନ୍ତି କୋର୍ଟ। ଏହି ସମୟରେ ଭିତରେ କୌଣସି ହ୍ୱାଟ୍‌ସଆପ୍ ଚାଟ୍ ଶେୟାର ନ କରିବା, ଗଣମାଧ୍ୟମରେ କୌଣସି ବିବୃତ୍ତି ନ ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କର୍ଡେଲିଆ କ୍ରୁସ୍ ଶିପ୍ ଡ୍ରଗ୍ସ ମାମଲାରେ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଗିରଫ କରିଥିଲେ ସମୀର ୱାଙ୍ଖଡ଼େ। ପୁଅକୁ ନ ଫସାଇବାକୁ ସେ ଶାହରୁଖଙ୍କ ପରିବାରକୁ ୨୫ କୋଟି ବଟି ମାଗୁଥିବା ସମୀରଙ୍କ ବିରୋଧରେ ଅଭିଯୋଗ ରହିଛି। ସିବିଆଇ ଏହି ମାମଲାରେ ତଦନ୍ତ ଜାରି ରଖିଛି। କିଛିଦିନ ତଳେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ କୋର୍ଟରେ ଶାହରୁଖ କାନଙ୍କ ହ୍ୱାଟ୍‌ସଆପ୍ ଚାଟ୍‌ର ଖୁଲାସା କରିଥିଲେ ୱାଙ୍ଖଡ଼େ। ଯେଉଥିରେ ଶାହରୁଖ ତାଙ୍କ ପୁଅଙ୍କୁ ଜେଲ୍ ଭିତରେ ନ ରଖିବାକୁ ସମୀରଙ୍କୁ ନେହୁରା ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନା ଥାଉକି ୨୦୨୧ ଅକ୍ଟୋବରରେ ଆର୍ଯ୍ୟନୁଙ୍କୁ ଗିରଫ କରାଯାଇଥିଲା। ହେଲେ ପ୍ରମାଣ ଅଭାବରେ ଏହାର ୨୫ ଦିନ ପରେ ସେ ବେଲ୍ ପାଇ ଜେଲ୍‌ରୁ ମୁକୁଳିଥିଲେ। ଏହି ଘଟଣାରେ ଷଡଯନ୍ତ୍ର କରିଥିବା ଅବିଯୋଗରେ ସିବିଆଇ ମେ ୧୧ ତାରିଖରେ ସମୀରଙ୍କ ସମେତ ଅନ୍ୟ ୪ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ବାଣିଜ୍ୟ

ରାଉରକେଲା (ଭାସ୍କର ନ୍ୟୁଜ୍): ଡିଜିଟାଲ୍ ରୂପାନ୍ତରଣ ପଦକ୍ଷେପ ଅନ୍ତର୍ଗତ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ନିମନ୍ତେ ଆରଏସପିର ନିରବଚ୍ଛିନ୍ନ ପ୍ରୟାସର ଅଂଶସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ଏଚଆରଡ଼ି ସେଣ୍ଟର ଠାରେ ମଇ ୨୨ ତାରିଖରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ଦ୍ୱାରା ଏକ ଆର୍କ ଆର୍ ଭିଆର୍ ଆଧାରିତ ଓ୍ୱେଲଡିଂ ସିମୁଲେଟର ଲ୍ୟାବ୍ ଉଦଘାଟିତ ହୋଇଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ଅଟୋମେସନ୍ (ଇ ଆଣ୍ଡ ଏ) ବିଭାଗ ଦ୍ୱାରା ସ୍ଥାପିତ ଏହି ଅତ୍ୟାଧୁନିକ ପ୍ରୟୋଗଶାଳାର ଉଦଘାଟନ ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ସାହୁ, ଖଣି ବିଭାଗର ସିଜିଏମ ଇନ ଚାର୍ଜ ପି କେ ରଥ, ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନଚାର୍ଜ ଏ କେ ବେହୁରିଆ, ଏବଂ ଆରଏସପିର ବହୁ ଅନ୍ୟ ସିଜିଏମ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

୨୪ରୁ ୟୁରାସିଆନ୍ ଅର୍ଥନୈତିକ ଫୋରମ୍ ୨୦୨୩ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ: ମସ୍କୋରେ ଚଳିତ ମାସ ୨୪ ଓ ୨୫ ତାରିଖ ଦୁଇଦିନ ଧରି ଦ୍ୱିତୀୟ ୟୁରେସିଆନ୍ ଅର୍ଥନୈତିକ ଫୋରମ୍ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ବିଷୟଭିତ୍ତିକ ଅଧିବେଶନରେ ଯୋଗଦେଉଥିବା ପ୍ରତିନିଧିମାନେ ମାନବ ସମ୍ବଳ ବିକାଶ, ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗ, ସମନ୍ୱିତ ସହଯୋଗ ଢାଞ୍ଚାର ଭବିଷ୍ୟତ ଏବଂ ଡିଜିଟାଲ ରୂପାଂ'ରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବେ। ୟୁରେସିଆନ୍ ଅର୍ଥନୈତିକ ୟୁନିଅନ୍‌ର ସଦସ୍ୟ ଏବଂ ପର୍ଯ୍ୟବେକ୍ଷକ ରାଷ୍ଟ୍ରସମୂହର ମୁଖ୍ୟମାନେ ସୁପ୍ରିମ ୟୁନେସିଆନ୍ ଅର୍ଥନୈତିକ ପରିଷଦ ବୈଠକରେ ଯୋଗଦେବା ସମୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ରୋସ୍‌କଂଗ୍ରେସ ଫାଉଣ୍ଡେସନ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏ ସମ୍ପର୍କରେ ପ୍ରକାଶ କରି ୟୁରେସିଆନ୍ ଅର୍ଥନୈତିକ କମିଶନର ଅଧ୍ୟକ୍ଷ ମିଖାଇଲ ମ୍ୟାସ୍‌ନିକୋଭିଚ୍ କହିଛନ୍ତି, ୟୁରେସିଆନ୍ ଅର୍ଥନୈତିକ ଫୋରମ୍ ଇଏଇୟୁ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଉପରେ ଆଲୋଚନା କରିବା ଲକ୍ଷ୍ୟ ରଖିଛି। ଫୋରମ୍ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବୈଜ୍ଞାନିକ ଓ ପ୍ରଯୁକ୍ତିଗତ ସହଯୋଗ, ଶିଳ୍ପ, ପରିବେଶ ସୁରକ୍ଷା ଏବଂ ଶକ୍ତି କ୍ଷେତ୍ରରେ ମିଳିତ ଆଭିମୁଖ୍ୟର ବିକାଶ ଏବଂ ତତ୍‌ସହିତ ବୈଷୟିକ ଓ ବହିଃଶୁଳ୍କ ନିୟମାବଳୀ କ୍ଷେତ୍ରରେ ରହିଥିବା ସମସ୍ୟା ତଥା ଆଭ୍ୟନ୍ତରୀଣ ବଜାରକୁ ସଂଗଠିତ କରିବା ଆଦି ବିଷୟ ପ୍ରତି ଦୃଷ୍ଟିଦେବ। ଫୋରମ୍‌ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି ବ୍ୟବସାୟିକ ଓ ସରକାରୀ ସଂସ୍ଥାଗୁଡିକ ମଧ୍ୟରେ ସଂଯୋଗ ସ୍ଥାପନ ନିମନ୍ତେ ଏକ ମଞ୍ଚ ସୃଷ୍ଟି କରିବା। ଫୋରମ୍ ଏ ଦିଗରେ ସଫଳ ହେବ ନେଇ ସେ ଆଶାବାଦୀ ଥିବା ମିଖାଇଲ ମ୍ୟାସ୍‌ନିକୋଭିଚ୍ କହିଛନ୍ତି।

ଜୈବ ବିବିଧତା ପରିଚାଳନା ପାଇଁ ଇଆରଏମ ଇଣ୍ଡିଆକୁ ନିୟୋଜିତ କରିଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର(ଭାସ୍କର ନ

ଖେଳ ଖବର

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ କେ. ଡି. ପିଲାଇ ରାଜ୍ୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍ ସ୍ଥାନୀୟ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲର ଆଦିତ୍ୟ ବିକ୍ରମ ମିଶ୍ର (୪.୫ ପଏଣ୍ଟ) ଚାମ୍ପିୟନ ହୋଇଥିବା ବେଳେ ବିଜେଇଏମ୍ ସ୍କୁଲ-୧ର ଭିନିତ ନାୟକ (୪.୫) ରନର ଅପ୍ ହୋଇଛନ୍ତି । ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ମଧ୍ୟରେ ରହିଥିବା ଅନ୍ୟ ଖେଳାଳିମାନେ ହେଲେ ଲଳିତ ରଞ୍ଜନ ସାହୁ (ଓଲ୍ଡ ଷ୍ଟିଓ୍ୱାର୍ଟ ସ୍କୁଲ, କଟକ), ଅଂଶୁମାନ ପତି (ମଦର୍ସ ପବ୍ଲିକ ସ୍କୁଲ), ଆରିହାନ ମିଶ୍ର (ଡିପିଏସ୍ କଳିଙ୍ଗ), ଅର୍ଣ୍ଣବ ମହାନ୍ତି (ବିଜେଇଏମ୍ ସ୍କୁଲ-୧), ତ୍ରିଦେବ ତୀର୍ଥଙ୍କର (କେଭି-୧ ଭୁବନେଶ୍ୱର), ପ୍ରିୟଦର୍ଶନ ରୟ (ଦିଲ୍ଲୀ ପବ୍ଲିକ ସ୍କୁଲ ସିଡିଏ), ପିନାକୀ ରୟ (ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପୋଖରୀପୁଟ) । ଏହି ଚାମ୍ପିୟନଶିପ୍‌ରେ ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୩ ବର୍ଷରୁ କମ୍ ଓ ବାଳିକା ବିଭାଗରେ ମଧ୍ୟ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ପୁରୀ ସନ୍ତୋଷୀ ଇଂଲିଶ ମିଡିୟମ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ସୁଭାସିନୀ ବଳିୟାରସିଂ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭାବନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଆଇପିଏଲ୍‌ର ଶେଷ ପର୍ଯ୍ୟାୟ ଲଢ଼େଇ

୪ ଶକ୍ତିଶାଳୀ ଦଳର ଭାଗ୍ୟ ପରୀକ୍ଷା

ନୂଆଦିଲ୍ଲୀ : ଚଳିତ ଆଇପିଏଲର ଶେଷ ପର୍ଯ୍ୟାୟ ଲଢ଼େଇରେ ସାମିଲ ହୋଇଛନ୍ତି ୪ ଶକ୍ତିଶାଳୀ ଦଳ । ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପ୍ଲେ ଅଫ୍ ମ୍ୟାଚ୍‌ରେ ଗତବର୍ଷର ଚାମ୍ପିଅନ୍ ଗୁଜରାଟ ଟାଇଟନ୍ସ ଓ ୪ଥର ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ହେବ ଜୋରଦାର ଲଢ଼େଇ । ଏହି ମ୍ୟାଚର ବିଜେତା ସିଧାସଳଖ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିବ । ସେହିପରି ୨୪ ତାରିଖ ଦିନ ଲକ୍ଷ୍ନୌ ସୁପର ଜିଆଣ୍ଟସ ଓ ୫ଥର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ହେବ ଏଲିମିନେଟର ମ୍ୟାଚ୍ । ପ୍ରଥମ ପ୍ଲେ ଅଫ୍ ମ୍ୟାଚ୍‌ର ପରାଜିତ ଦଳ ଓ ଏଲିମିନେଟର ମ୍ୟାଚ୍‌ର ବିଜେତାଙ୍କ ମଧ୍ୟରେ ପୁଣି ହେବ ଆଉ ଏକ ମହା ମୁକାବିଲା । ଏହି ମ୍ୟାଚର ବିଜୟୀ ଦଳ ଟାଇଟଲ ଲଢ଼େଇରେ ସାମିଲ ହେବ । ତେବେ ଆଇପିଏଲ୍ ଇତିହାସର ଦୁଇ ଶକ୍ତିଶାଳୀ ଦଳ ମୁମ୍ବାଇ ଓ ଚେନ୍ନାଇ ସହିତ ଗତବର୍ଷର ଟାଇଟଲ ବିଜେତା ଗୁଜରାଟ ମଧ୍ୟରୁ କେଉଁ ଦୁଇ ଦଳ ଫାଇନାଲ ଖେଳିବେ ଓ କିଏ ଜିତିବ ଟାଇଟଲ ତାହା ଅପେକ୍ଷାର ବିଷୟ । ସେହିପରି ସୌଭାଗ୍ୟ ସୁଯୋଗ କ୍ରମେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ଲକ୍ଷ୍ନୌକୁ ଭାଗ୍ୟ କେତେ ଦୂର ସହାୟ ହେବ ତାହା ମଧ୍ୟ ଚର୍ଚ୍ଚାର ବିଷୟ । ତେବେ ସମସ୍ତଙ୍କ ନଜର ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ରହିଛି । କାରଣ ସେ ଚଳିତ ବର୍ଷ ପରେ ଆଉ ଆଇପିଏଲ୍ ଖେଳିବେ ନାହିଁ ବୋଲି ସୂଚନା ଦେଇଛନ୍ତି । ତେଣୁ ଆଇପିଏଲ୍ ଜୀବନର ଶେଷ ମୁହୂର୍ତ୍ତରେ ଚେନ୍ନାଇକୁ ଧୋନୀ ବିଜୟୀ କରାଇ ପାରିବେ କି ନାହିଁ ତାହା ଆଗାମୀ ସମୟ କହିବ । ତେବେ ନିଜର ଘରୋଇ ଗ୍ରାଉଣ୍ଡରେ ଚେନ୍ନାଇ ପ୍ଲେ ଅଫ୍ ମ୍ୟାଚ୍ ଖେଳିବାକୁ ଥିବା ଦୃଷ୍ଟିରୁ ଅଗଣିତ ପ୍ରଶଂସକ ଓ ସମର୍ଥକଙ୍କ ପ୍ରୋତ୍ସାହନ ଚେନ୍ନାଇକୁ ଟାଇଟଲ ଲଢ଼େଇରେ ସାମିଲ କରିପାରିବ ବୋଲି ବିଶ୍ୱାସ କରାଯାଏ । ତେବେ ଶକ୍ତିଶାଳୀ ଗୁଜରାଟ ମଧ୍ୟ କୌଣସି ସୁଯୋଗ ହାତଛଡା କରିବାକୁ ଆଦୌ ପ୍ରସ୍ତୁତ ନାହିଁ । ଦଳରେ ଏକାଧିକ ମ୍ୟାଚ୍ ବିଜୟୀ ବ୍ୟାଟର ଓ ବୋଲର ଥିବାରୁ ଚେନ୍ନାଇକୁ ପ୍ଲେ ଅଫ୍ ମ୍ୟାଚ୍‌ରେ ହରାଇ ପାରିବ ବୋଲି ବିଶ୍ୱାସ ରଖିଛି । ମାତ୍ର ଧୋନୀଙ୍କ ବିପୁଳ ଅଭିଜ୍ଞତା ଓ ସ୍ୱତନ୍ତ୍ର ଗେମ୍ ପ୍ଲାନକୁ ଗୁଜରାଟ କିପରି ଚାଲେଞ୍ଜ କରିବ ତାହା ଦେଖିବାକୁ ବାକି ରହିଲା । ସେହିପରି ମୁମ୍ବାଇ ମଧ୍ୟ ଅଧିକ ଶକ୍ତିଶାଳୀ ପ୍ରମାଣିତ କରିଥିବା ବେଳେ ଏଲିମିନେଟର ମ୍ୟାଚ୍‌ରେ ଲକ୍ଷ୍ନୌକୁ କିପରି ମୁକାବିଲା କରିବ ତାହା ମଧ୍ୟ ଚର୍ଚ୍ଚାର ବିଷୟ । ଏହି ପର୍ଯ୍ୟାୟରେ ପ୍ରବେଶ କରିଥିବା ୪ଥର ଲିଗ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ଆସୁଛନ୍ତି । ତେଣୁ ତାହା ପ୍ଲେ ଅଫ୍ ପର୍ଯ୍ୟାୟରେ ପ୍ରତିଫଳନ ହେବ ବୋଲି ଅନୁମାନ । ଅନ୍ୟପକ୍ଷରେ କ୍ରିକେଟପ୍ରେମୀମାନେ ମଧ୍ୟ ଶେଷ ପର୍ଯ୍ୟାୟର ରୋମାଞ୍ଚକର ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଅନାଇ ବସିଛନ୍ତି । ମେ' ୨୬ରେ ପ୍ରଥମ କ୍ୱାଲିଫାୟରରେ ହରିଥିବା ଦଳ ଏବଂ ଏଲିମିନେଟର ମ୍ୟାଚ ଜିତିଥିବା ଦଳ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦ୍ୱିତୀୟ କ୍ୱାଲିଫାୟର ଖେଳିବ । ଅନ୍ୟପକ୍ଷରେ, ମେ' ୨୮ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ପ୍ରଥମ କ୍ୱାଲିଫାୟର ଦଳର ବିଜେତା ଦଳ ଏବଂ ଦ୍ୱିତୀୟ କ୍ୱାଲିଫାୟର ଦଳର ବିଜେତା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ । ତେବେ ଲିଗ୍ ପର୍ଯ୍ୟାୟରେ ଏହି ୪ଦଳ ଅନ୍ୟ ସମସ୍ତ ଦଳ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି । ତେଣୁ ଶେଷ ପର୍ଯ୍ୟାୟ ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ନେଇ ମୈଦାନକୁ ଓହ୍ଲାଇବେ । କେବଳ ଲକ୍ଷ୍ନୌ ଅନ୍ୟ ୩ଦଳ ତୁଳନାରେ ସାମାନ୍ୟ ଦୁର୍ବଳ ମନେ ହେଉଥିଲେ ହେଁ ଟି-୨୦ ଫର୍ମାଟରେ କୌଣସି ଦଳକୁ ହେୟଜ୍ଞାନ କରାଯାଇ ନପାରେ । କାରଣ ସୁଯୋଗ ସୃଷ୍ଟି କରି ଯେକୌଣସି ଦଳ ଜିତାପଟ୍ ମାରିବା ପରମ୍ପରା ରହିଛି । ଅନ୍ୟତମ ଉଲ୍ଲେଖନୀୟ ବିଷୟ ହେଲା ଯେ ବାଙ୍ଗାଲୋର, ରାଜସ୍ଥାନ ଶେଷ ପର୍ଯ୍ୟାୟରେ ପ୍ରବେଶ କରିବା ପାଇଁ ଲଢ଼େଇ ଜାରି ରଖିଥିଲେ ହେଁ ଭାଗ୍ୟ ସାଥ୍ ଦେଲାନାହିଁ । ସେହିପରି ଦିଲ୍ଲୀ କ୍ୟାପିଟାଲ୍‌ସ, ସନ୍‌ରାଇଜର୍ସ ହାଇଦ୍ରାବାଦ, ପଞ୍ଜାବ କିଙ୍ଗ୍‌ସ ଓ କୋଲକାତା ନାଇଟ ରାଇଡର୍ସ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି । ତେବେ ଆସନ୍ତା ବର୍ଷ ପ୍ରତି ଦଳରେ ବ୍ୟାପକ ଅଦଳବଦଳ ଓ ପରିବର୍ତ୍ତନ ଦେଖିବାକୁ ମିଳିବ । ତେବେ ଏହିସବୁ ଚର୍ଚ୍ଚା ଭିତରେ ଚଳିତ ବର୍ଷ କିଏ ଟାଇଟଲ ଜିତିବ ତାହା ଅପେକ୍ଷାର ବିଷୟ ।

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ମୁକାବିଲା

ଇଂଲଣ୍ଡ ଗସ୍ତରେ ଯିବେ ଟିମ୍ ଇଣ୍ଡିଆର ପ୍ରଥମ ବ୍ୟାଚ୍

ନୂଆଦିଲ୍ଲୀ : ଆସନ୍ତା ଜୁନ୍ ୭ରୁ ୧୧ତାରିଖ ପର୍ଯ୍ୟନ୍ତ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ ଭାରତ-ଅଷ୍ଟ୍ରେଲିଆ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ମ୍ୟାଚ୍ । ତେଣୁ ଆଇପିଏଲ୍‌ର ପ୍ଲେ ଅଫ୍‌ରୁ ବାଦ ପଡିଥିବା ଫ୍ରାଞ୍ଚାଇଜ୍ ସହିତ ସାମିଲ ଥିବା ଭାରତୀୟ ଟେଷ୍ଟ ଦଳର ଅଧିକାଂଶ ଖେଳାଳି ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ସହିତ ଅନ୍ୟାନ୍ୟ ସପୋର୍ଟ ଷ୍ଟାଫ୍ ମଙ୍ଗଳବାର ଦିନ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବେ । ବିରାଟ କୋହଲି, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନୀ, ଅକ୍ଷର ପଟେଲ, ସାର୍ଦ୍ଦୁଳ ଠାକୁର, ଉମେଶ ଯାଦବ ଓ ଜୟଦେବ ଉନାଦକତ ପ୍ରମୁଖ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଯିବେ । ଆଇପିଏଲ୍ ସମାପ୍ତ ପରେ ଅଧିନାୟକ ରୋହିତ ଶର୍ମା, ରବିନ୍ଦ୍ର ଜାଡେଜା, ଇଷାନ କିଶାନ, ଶୁଭମନ ଗିଲ୍, ମହମ୍ମଦ ସାମି, ଏଏସ୍ ଭରତ ଓ ଆଜିଙ୍କ୍ୟ ରାହେଣ ପ୍ରମୁଖ ଦ୍ୱିତୀୟ ମ୍ୟାଚ୍‌ରେ ଲଣ୍ଡନ ଯାତ୍ରା କରିବେ । ଦଳର ପୁରୁଖା ବ୍ୟାଟର ଚେତେଶ୍ୱର ପୂଜାରା ଇଂଲଣ୍ଡରେ ସମ୍ପ୍ରତି କାଉଣ୍ଟି କ୍ରିକେଟ ଚାମ୍ପିଅନ୍‌ସିପ୍ ଖେଳୁଛନ୍ତି । ସୂଚନାଯୋଗ୍ୟ ଯେ, ୨ବର୍ଷ ତଳେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍‌ର ପ୍ରଥମ ଫାଇନାଲରେ ନ୍ୟୁଜିଲାଣ୍ଡ ଠାରୁ ଭାରତ ପରାଜିତ ହୋଇଥିବା ବେଳେ ଚଳିତ ବର୍ଷର ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ମ୍ୟାଚ ଆଉ ଏକ ବଡ ଚାଲେଞ୍ଜ ।

ବିସିସିଆଇର ବଡ଼ ଘୋଷଣା, ବଦଳିବ ଜର୍ସି

ଆଡିଦାସ ଟିମ୍ ଇଣ୍ଡିଆର ନୂଆ କିଟ୍ ସ୍ପନସର୍

ମୁମ୍ବାଇ : ଆଡିଡାସ୍ ହେଲା ଟିମ୍ ଇଣ୍ଡିଆର ନୂଆ କିଟ୍ ସ୍ପନସର । ଆଗାମୀ ୫ ବର୍ଷ ପାଇଁ ଏହି ଚୁକ୍ତି ହୋଇଥିବା ଜଣାପଡିଛି । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ସଚିବ ଜୟ ଶାହା ଏନେଇ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି । ବର୍ତ୍ତମାନ ଭାରତୀୟ ଖେଳାଳି ଆଇପିଏଲ୍ ଖେଳୁଥିବା ବେଳେ ବିଭିନ୍ନ ଫ୍ରାଞ୍ଚାଇଜ୍‌ର ଜର୍ସି ପିନ୍ଧୁଛନ୍ତି । ଏହାପରେ ଅନୁଷ୍ଠିତ ହେବାକୁ ଥିବା ୨୦୨୩ ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ୍ ଫାଇନାଲରେ ଭାରତୀୟ ଟିମ୍ ନୂଆ ଜର୍ସି ପରିଧାନ କରିବେ ବୋଲି ଅନୁମାନ । ଜୁନ୍ ୭ରେ ଇଂଲଣ୍ଡରେ ଅଷ୍ଟ୍ରେଲିଆ ବିରୋଧରେ ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ୍‌ର ଫାଇନାଲ ମୁକାବିଲା ଖେଳିବ ଟିମ୍ ଇଣ୍ଡିଆ । ବିସିସିଆଇ ସଚିବ ଜୟ ଶାହା ଟ୍ୱିଟ୍‌ରେ ଲେଖିଛନ୍ତି ଯେ, ଭାରତୀୟ କ୍ରିକେଟ୍ ଟିମ୍‌ର କିଟ୍ ସ୍ପନସର ଭାରେ ଆଡିଡାସ ସହିତ ଚୁକ୍ତି କରିଛି । ଆମେ ଏହାକୁ ଘୋଷଣା କରି ବହୁତ ଖୁସି ଅନୁଭବ କରୁଛି । ଆମେ କ୍ରିକେଟ୍ ଖେଳକୁ ଆଗକୁ ନେବାକୁ ପ୍ରତିବଦ୍ଧତା । ତେଣୁ ଦୁନିଆର ସବୁଠୁ ବଡ଼ ସ୍ପୋର୍ଟସ କମ୍ପାନୀ ସହିତ ଆମେ ଚୁକ୍ତି କରିଛୁ । ବିସିସିଆଇ ଆଡିଡାସ ସହିତ ୫ ବର୍ଷ ଲାଗି ଚୁକ୍ତି କରିଛି । ଆସନ୍ତା ଜୁନ୍ ମାସରୁ ଏହି ଚୁକ୍ତିର ସମୟସୀମା ଆରମ୍ଭ ହେଉଛି । ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ହେଲା ବିସିସିଆଇ ଲଗାତର ଭାବେ କିଟ୍ ସ୍ପନସର ବଦଳାଉଛି । ୨୦୨୦ରେ ନାଇକି ସହିତ ଚୁକ୍ତି ଶେଷ କରି ବିଓ୍ୱାଇଜେୟୁଏସ୍ ସହ କରିଥିଲେ । ଏହାପରେ ଏମ୍‌ପିଏଲ୍ ସହ କିଟ୍ ସ୍ପନସର ନେଇ ଚୁକ୍ତି କରିଥିଲେ । ବିସିସିଆଇର ଚୁକ୍ତି ଏମ୍‌ପିଏଲ୍ ସହିତ ୨୦୨୩ ଶେଷ ପର୍ଯ୍ୟନ୍ତ ଥିଲା । କିନ୍ତୁ ଏବେ ଅଧାରୁ ଏହି ଚୁକ୍ତିକୁ ବାତିଲ କରାଯାଇଛି । ଯାହାପରେ କିଲର ଭାରତୀୟ ଟିମ୍ ନୂଆ ସ୍ପନସର ହୋଇଥିଲା । ଏମ୍‌ପିଏଲ୍ ଭାରତୀୟ କ୍ରିକେଟ୍ ବୋର୍ଡ ପ୍ରତି ମ୍ୟାଚ୍ ପିଛା ୬୫ ଲକ୍ଷ ହିସାବରେ ତିନି ବର୍ଷରେ ୯ କୋଟି ନେଇ ଚୁକ୍ତି ହୋଇଥିଲା । ମାତ୍ର ପାଞ୍ଚ ମାସରେ ଏହି ଚୁକ୍ତି ଭାଙ୍ଗିଥିଲା । ଆଉ ଏବେ ଆଡିଡାସ ସହିତ ନୂତନ ଚୁକ୍ତି କରିଛି ବିସିସିଆଇ ।।

ବାଙ୍ଗାଲୋର ପ୍ଲେଅଫ୍ ଖେଳିବା ପାଇଁ ଯୋଗ୍ୟ ନୁହେଁ: ଡୁ ପ୍ଲେସିସ୍

ନୂଆଦିଲ୍ଲୀ: ଆଇପିଏଲରୁ ବିଦା ହୋଇଥିବା ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଦଳର ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ କହିଛନ୍ତି ଯେ ରବିବାର ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ଦଳର ନିମ୍ନମାନ ପ୍ରଦର୍ଶନ ଓ ଶୋଚନୀୟ ପରାଜୟ ନେଇ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ମାତ୍ର ପ୍ଲେଅଫ୍ ଖେଳିବା ପାଇଁ ବାଙ୍ଗାଲୋରର ଯୋଗ୍ୟତା ନାହିଁ । ଏହି ପ୍ରକାର ପ୍ରଦର୍ଶନ କରିବା ଦଳକୁ କଦାପି ଏକ ଶ୍ରେଷ୍ଠ ଦଳ କୁହା ଯାଇ ନ ପାରେ । ସୂଚନା ଯୋଗ୍ୟ ଯେ ଅଧିନାୟକ ଫାଫ୍ ଡୁ ପ୍ଲେସିସ ଏକମାତ୍ର ସଫଳ ବ୍ୟାଟର ଭାବେ ନିଜର ବ୍ୟାଟିଂ ଦକ୍ଷତା ପ୍ରତିପାଦନ କରିଥିଲେ ହେଁ ଦଳର ମୋଟାମୋଟି ପ୍ରଦର୍ଶନରେ ଏହା ପ୍ରତିଫଳନ ହୋଇ ପାରି ନ ଥିଲା । ତେଣୁ ଆଗାମୀ ସିଜିନରେ ବ୍ୟାପକ ସୁଧାର ଆଣିବା ଜରୁରି । ଯେଉଁ କ୍ଷେତ୍ରରେ ଦୂର୍ବଳତା ରହିଛି,ସେହି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡିବ । ଚଳିତ ସିଜିନରେ ଦଳର ପ୍ରଦର୍ଶନ କେତେକ ମ୍ୟାଚରେ ଆଶାନୁରୂପ ଥିଲା । ମାତ୍ର ଓଭର ଅଲ ପ୍ରଦର୍ଶନ ନୈରାଶ୍ୟ ଜନକ ହେବା ଯୋଗୁଁ ଶେଷ ଚାରି ଦଳ ମଧ୍ୟରେ ସ୍ଥାନ ପାଇବା ସମ୍ଭବ ହୋଇ ପାରି ନ ଥିଲା । ବିରାଟ କୋହଲିଙ୍କ ସହିତ ଓପନିଂ ପାର୍ଟନରଶିପ କରି ଅତି ଆନନ୍ଦ ଅନୁଭବ କରୁଛି । ସେହିପରି ମହମ୍ମଦ ସିରାଜଙ୍କ ପ୍ରଦର୍ଶନ ସନ୍ତୋଷ ଜନକ ଥିଲା । ତେବେ କେତେକ ଗୁରୁତ୍ୱ ମ୍ୟାଚରେ ଗ୍ଲେନ ମ୍ୟାକ୍ସୱେଲଙ୍କ ବିଫଳତା ଦଳ ଉପରେ ନକରାତ୍ମକ ପ୍ରଭାବ ପକାଇଲା । ସେହିପରି ଦଳର ମୁଖ୍ୟକୋଚ ସଞ୍ଜୟ ବାଙ୍ଗର କହିଛନ୍ତି ଯେ ଡୁ ପ୍ଲେସିସ,କୋହଲି ଓ ସିରାଜଙ୍କ ଭଲ ପ୍ରଦର୍ଶନ ସତ୍ତ୍ୱେ ବାଙ୍ଗାଲୋର ଆଇପିଏଲରୁ ସଅଳ ବିଦା ହେବା ଅତି ଦୁଃଖର ବିଷୟ ।

ଆଇପିଏଲ୍‌ରେ ଦିନେଶ କାର୍ତ୍ତିକଙ୍କ ଅଲୋଡା ରେକର୍ଡ

ସର୍ବାଧିକବାର ୧୭ଥର '୦'ରେ ଆଉଟ



ନୂଆଦିଲ୍ଲୀ: ଚଳିତ ବର୍ଷର ଆଇପିଏଲରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରର ଅଭିଯାନ ଶେଷ ହୋଇଛି । ରବିବାର ଅନୁଷ୍ଠିତ ଶେଷ ଲିଗ ମ୍ୟାଚରେ ଗୁଜରାଟ ଟାଇଟନ୍ସ ଠାରୁ ପରାଜୟ ସ୍ୱିକାର ପ୍ଲେଅଫ୍ ପର୍ଯ୍ୟାୟ ଖେଳିବାରୁ ବଞ୍ଚିତ ହୋଇଥିଲା । ଏହା ସହିତ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରର ଆଇପିଏଲ ଟାଇଟଲ ଜିତିବା ସ୍ୱପ୍ନ ମଧ୍ୟ ଚୂରମାର ହୋଇ ଯାଇଛି । ବିରାଟ କୋହଲି ବହୁ ଦିନ ଧରି ଦଳର ଅଧିନାୟକ ଥିବା ବେଳେ ବାଙ୍ଗାଲୋର କେବେ ଟାଇଟଲ ଜିତିବା ସମ୍ଭବ ହୋଇ ନ ଥିବା ବେଳେ ଗତ ଦୁଇ ବର୍ଷଧରି ଫାଫ୍ ଡୁ ପ୍ଲେସିସ ଦଳର ନେତୃତ୍ୱ ନେଇ ଆସୁଥିଲେ ହେଁ ବାଙ୍ଗାଲୋରକୁ ଚାମ୍ପିଅନ କରାଇ ପାରି ନାହାନ୍ତି । ତେବେ ଆଇପିଏଲ ଇତିହାସରେ ସର୍ବାଧିକବାର '୦'ରେ ଆଉଟ ହୋଇ ବାଙ୍ଗାଲୋର ଦଳର ୱିକେଟ କିପର ବ୍ୟାଟର ଦିନେଶ କାର୍ତ୍ତିକ ଏକ ଅଲୋଡା ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଗତକାଲି ଗୁଜରାଟ ଟାଇଟନ୍ସ ବିପକ୍ଷ ଶେଷ ଲିଗ ମ୍ୟାଚରେ କାର୍ତ୍ତିକ କେବଳ ଗୋଟିଏ ବଲ ଖେଳି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ । ଦିନେଶ କାର୍ତ୍ତିକଙ୍କ ପରେ ମୁମ୍ବାଇ ଇଣ୍ଡିଆନ୍ସକୁ ସର୍ବାଧିକ ପାଞ୍ଚଥର ଚାମ୍ପିଅନ କରାଇଥିବା ଅଧିନାୟକ ରୋହିତ ଶର୍ମା ୧୬ଥର ଓ ଭାରତର ଅନ୍ୟତମ ଖେଳାଳି ମନଦୀପ ସିଂ ଏବଂ ୱେଷ୍ଟଇଣ୍ଡିଜର ସୁନିଲ ନାରୀନେ ଆଇପିଏଲ ଇତିହାସରେ ୧୫ ଥର ଲେଖାଏଁ ଆଉଟ ହୋଇଛନ୍ତି ।

ଲକ୍ଷ୍ମୀଚନ୍ଦ୍ର ମହାକୁଡ଼ ଭାରତୀୟ ସନ୍ତରଣ ମହାସଂଘର ଯୁଗ୍ମସଂପାଦକ

ସମ୍ବଲପୁର (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଲକ୍ଷ୍ମୀଚନ୍ଦ୍ର ମହାକୁଡ଼ ଭାରତୀୟ ସନ୍ତରଣ ମହାସଂଘ (ଏସ୍‌ଏଫ୍‌ଆଇ)ର ଯୁଗ୍ମସଂପାଦକ ନିର୍ବାଚିତ ହୋଇଛନ୍ତି । ଚେନ୍ନାଇରେ ଅନୁଷ୍ଠିତ ଏସ୍‌ଏଫ୍‌ଆଇର ବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ମହାସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଶ୍ରୀ ମହାକୁଡ଼ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସର୍ବସମ୍ମତିକ୍ରମେ ଜାତୀୟ କାର୍ଯ୍ୟକାରିଣୀକୁ ଯୁଗ୍ମସଂପାଦକ ନିର୍ବାଚିତ ହୋଇଥିଲେ । ସମ୍ବଲପୁର ବାସିନ୍ଦା ମହାକୁଡ଼ ବର୍ତ୍ତମାନ ଓଡ଼ିଶା ସନ୍ତରଣ ସଂଘର ଯୁଗ୍ମସଂପାଦକ ଅଛନ୍ତି । ସେ ପୂର୍ବତଟ ରେଳବାଇର ସନ୍ତରଣ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ସେ ଜଣେ ଜାତୀୟସ୍ତରର ସନ୍ତରଣବିତ୍ ହୋଇଥିବା ବେଳେ ଅନେକବାର ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି ।

ବନଦୁର୍ଗା କ୍ରିକେଟ୍ ଲିଗ୍: ମହାକାଲ୍ ୱାରିୟର୍ସ ଚାମ୍ପିୟନ

ବାରଙ୍ଗ (ଭାସ୍କର ନ୍ୟୁଜ୍) : ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜ ସ୍ଥିତ ଖେଳ ପଡିଆରେ ଚାଲିଥିବା ଦିବାରାତ୍ର ବନଦୁର୍ଗା କ୍ରିକେଟ୍ ଲିଗ୍ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ମହାକାଲ୍ ୱାରିୟର୍ସ ଓ ଗୁଞ୍ଜନ ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମହାକାଲ୍ ୱାରିୟର୍ସ ପ୍ରଥମେ ବ୍ୟାଟିଙ୍ଗ କରିବା ନିଷ୍ପତ୍ତି ନେଇ ୧୦ ଓଭର ଖେଳି ୨ ୱିକେଟ ବିନିମୟରେ ୧୪୨ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଗୁଞ୍ଜନ ଟାଇଗର ୧୦ ଓଭର ଖେଳି ୪

ବିବିଧବର୍ଣ୍ଣା

ଆପଣଙ୍କ ଆଖି ତଳେ କଳା ଦାଗ ପଡୁଛି କି , ତେବେ ଆପଣ ଜମା ବ୍ୟସ୍ତ ହୁଅନ୍ତୁନି । କରନ୍ତୁ ଏହି ଘରୋଇ ଉପାୟ ମିଳିବ ବଡ଼ ଫାଇଦା । ଚିନ୍ତା, ବୟସ ଜନିତ ପ୍ରଭାବ, କୁଞ୍ଚନ, ଅନିଦ୍ରା ପାଇଁ ତ୍ୱଚା ସହ ଆଖିତଳ କଳାପଡିଥାଏ । ଏହି ସମସ୍ୟାକୁ ଦୂର ପାଇଁ ବାଦାମ ତେଲ ଖୁବ ଉପକାରୀ ।

ରାତିରେ ଶୋଇବା ପୂର୍ବରୁ ତ୍ୱଚାକୁ ଭଲ ଭାବେ ସଫା କରି ୨ ରୁ ୩ ବୁନ୍ଦା ବାଦାଲ ତେଲ ନେଇ ଏହାକୁ ଆଖି ତଳେ ହାଲକା ଭାବେ ମାଲିସ କରନ୍ତୁ । ସକାଳେ ଉଠିବା ପରେ ମୁହଁ ଭଲ ଭାବେ ଧୋଇ ଦିଅନ୍ତୁ । ସପ୍ତାହକୁ ୩ ରୁ ୪ ଥର ଏପରି ନିଶ୍ଚୟ କରନ୍ତୁ ।

ବାଦାମ ତେଲ ଓ ମହୁ - ଏକ ବୁନ୍ଦା ମହୁ ଓ ୪ ବୁନ୍ଦା ବାଦାମ ତେଲ ମିଶାନ୍ତୁ । ଏହାକୁ ଆଖିତଳେ ରାତିରେ ଲଗାଇ ସକାଳେ ମୁହଁ ଧୋଇ ଦିଅନ୍ତୁ । ଏହା ଖୁବ ଉପକାରୀ ।

କ୍ଷୀରରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଛି । ଏହା ତ୍ୱଚାର ଚମକ ବୃଦ୍ଧି କରିବା ସହ ତ୍ୱଚାର ଅନେକ ସମସ୍ୟା ଦୂର କରିଥାଏ । କ୍ଷୀର ଓ ବାଦାମ ତେଲର ମିଶ୍ରଣକୁ ଆଖି ତଳେ ଲଗାନ୍ତୁ । ଆଖିତଳ କଳାଦାଗ ସମ୍ପୂର୍ଣ୍ଣ ଭାବେ ଦୂର ହୋଇଯିବ ।

ଗୋଲାପ ଜଳ ତ୍ୱଚା ପାଇଁ ବେଶ ଉପକାରୀ । ଏହା ତ୍ୱଚାକୁ କୋମଳ କରିଥାଏ । ଗୋଲାପ ଜଳରେ ବାଦାମ ତେଲ ମିଶାଇ ଏହାକୁ ଆଖି ତଳେ ଲଗାନ୍ତୁ । ରାତିରେ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ । ସକାଳେ ମୁହଁ ଧୋଇ ଦିଅନ୍ତୁ ।

ସମୁଦ୍ର ଭୂତ

କୁହାଯାଏ ଯେ ପୃଥିବୀରେ ଯେପରି ଏକ ସଂସାର ଅଛି, ସମୁଦ୍ର ଭିତରେ ମଧ୍ୟ ସମାନ ଜଗତ ବିଦ୍ୟମାନ ଅଛି । ଯାହା ଆଜି ପର୍ଯ୍ୟନ୍ତ କେହି ସମ୍ପୂର୍ଣ୍ଣ ଭାବେ ଜାଣିପାରିନାହାନ୍ତି । ଧିରେ ଧିରେ ବୈଜ୍ଞାନିକମାନେ ଏହାର ରହସ୍ୟ ଉନ୍ମୋଚନ କରୁଥିବାରୁ ଆମେ ଅଧିକରୁ ଅଧିକ ଅଜବ ଜୀବ ଦେଖୁଛୁ । ଏହି ପର୍ଯ୍ୟାୟରେ, ଅଷ୍ଟ୍ରେଲିଆ ଉପକୂଳର ଗଭୀର ଜଳରୁ ଏକ ଅଦ୍ଭୁତ ମାଛ ଦେଖିବାକୁ ମିଳିଛି । ଯାହାକୁ ଲୋକମାନେ ସମୁଦ୍ରର ଭୂତ ବୋଲି କହୁଛନ୍ତି । ଏହି ମାଛ ରୂପ ବହୁତ ଭୟାନକ । ଏହାକୁ ଛୁଇଁବା ମଧ୍ୟ କଷ୍ଟକର ବ୍ୟାପାର । ଏହାର ଫଟୋ ଦେଖିବା ପରେ ପିଲାମାନେ ବି ଭୟଭୀତ ହୋଇଯିବେ । ଏହାକୁ ଦେଖୁଥିବା ଲୋକମାନେ ଏହାକୁ ଭୂତ ମାଛ କିମ୍ବା ସମୁଦ୍ରର ଭୂତ ବୋଲି କୁହନ୍ତି । କିନ୍ତୁ ଅଷ୍ଟ୍ରେଲିୟା ଜାତୀୟ ମାଛ ସଂଗ୍ରହର ଅନୁସନ୍ଧାନକାରୀମାନେ ଏହି ମାଛକୁ ଏକ କ୍ୟାଟଶାର୍କ ବୋଲି କହିଛନ୍ତି । ଏହା ଏପରି ଏକ ମାଛ, ଯାହାର ସମ୍ପୂର୍ଣ୍ଣ ଶରୀର ବହୁତ କଳା ଏବଂ ଆଖି ବହୁତ ଚକଚକିଆ । ରାତି କଥା ଛାଡ଼ ଦିନରେ ଦେଖିଲେ ବି ଭୟଭୀତ ହୋଇଯିବେ ଆପଣମାନେ । ବୈଜ୍ଞାନିକମାନେ ଏହି ମାଛ ବିଷୟରେ ଜାଣିବା ପାଇଁ ପ୍ରାୟ ୪୦ ବର୍ଷ ସମୟ ନେଇଥିଲେ । ଏହା ଏତେ ରହସ୍ୟମୟ ଢ଼ଙ୍ଗରେ ବାସ କରେ ଯେ ଏହାକୁ ଦେଖିବା ବହୁତ କଷ୍ଟକର । ଏହି ମାଛ ସମୁଦ୍ରର ଗଭୀରତାରେ ବାସ କରେ । ଯେଉଁଠାରେ ସୂର୍ଯ୍ୟ କିରଣ ମଧ୍ୟ ପହଞ୍ଚେ ନାହିଁ । ଏହି ମାଛର ବିଶେଷତା ବିଷୟରେ କହିବାକୁ ଗଲେ ଏହାର ଉଜ୍ଜ୍ୱଳ ଧଳା ଆଖି ଏବଂ ଚିକ୍କଣ କଳା ଚର୍ମ । ଅଷ୍ଟ୍ରେଲିଆ ଉପକୂଳରେ ଜଣେ ମହିଳା ଏହି ମାଛକୁ ଦେଖିଥିଲେ, ଯାହାର ଲମ୍ବ ପ୍ରାୟ ୪୭ ସେମି ଥିଲା । ବିଶେଷଜ୍ଞଙ୍କ ଅନୁଯାୟୀ,ଏହି ମାଛ ସମୁଦ୍ରରେ ୧୦୦୦ ମିଟରରୁ ଅଧିକ ଗଭୀରତାରେ ବାସ କରେ । କ୍ୟାଟଶାର୍କ ଶାର୍କର ଏକ ଛୋଟ ପ୍ରଜାତି ମଧ୍ୟରୁ ଅନ୍ୟତମ । ତଥାପି, ଏହା ସାର୍କ ପରି ଯେକୌଣସି ପ୍ରକାରର ମାଛକୁ ବି ଶିକାର କରିପାରିବ । ଏହି ମାଛଗୁଡ଼ିକର ହାରାହାରି ଲମ୍ବ ପ୍ରାୟ ଅଢ଼େଇ ଫୁଟ ଏବଂ ସେମାନଙ୍କ ପାଟିରେ ୪୦ ରୁ ୧୧୦ କଣ୍ଟା ଦାନ୍ତ ଥାଏ ।

୨୩ରେ ପାଦ ଥାପିଲେ ସୁହାନା

ବଲିଉଡର କିଙ୍ଗ୍ ଖାନ ଶାହରୁଖଙ୍କ ଝିଅ ସୁହାନା ଖାନ ୨୩ ବର୍ଷ ବୟସରେ ପାଦ ଥାପିଛନ୍ତି । ଝିଅ ସୁହାନାଙ୍କୁ ୨୩ ତମ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ମଙ୍ଗଳ କାମନା କରିଛନ୍ତି ଶାହରୁଖ ଓ ଗୌରୀ । ସୁହାନା ୨୨ ମଇ ୨୦୦୦ ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ । ସେ ବଲିଉଡ୍‌ର ଆଗଧାଡିର ଅଭିନେତା ଶାହରୁଖ ଖାନଙ୍କ ଝିଅ ହୋଇଥିବାରୁ ପିଲାଦିନରୁ ଚର୍ଚ୍ଚାରେ ଥିଲେ । ଶିକ୍ଷା ବିଷୟରେ କହିବାକୁ ଗଲେ ସୁହାନା ମୁମ୍ବାଇର ଧୀରବାଇ ଅମ୍ବାନୀ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ଏଥି ସହିତ ସେ ନିକଟରେ ଲଣ୍ଡନର ଆର୍ଡିଙ୍ଗଲି କଲେଜରୁ ସ୍ନାତକ ହାସଲ କରିଛନ୍ତି । ଏହା ବ୍ୟତୀତ ସେ ନ୍ୟୁୟର୍କ ୟୁନିଭରସିଟିରୁ ଅଭିନୟ ତାଲିମ ପାଠ୍ୟକ୍ରମ କରିଛନ୍ତି । ସୁହାନା ପ୍ରାୟତଃ ତାଙ୍କ ଭାଇ ଆର୍ଯ୍ୟନ୍ ଖାନଙ୍କ ସମୟ ବିତାଇଥାନ୍ତି । କିନ୍ତୁ ତାଙ୍କର ସର୍ବୋତ୍ତମ ବନ୍ଧୁ ଭାବେ ଅନନ୍ୟା ପାଣ୍ଡେ ଏବଂ ଶାନୟା କପୁରଙ୍କୁ ବିବେଚନା କରାଯାଏ । ସୁହାନା ଖାନ ସୋସିଆଲ ମିଡିଆରେ ବହୁତ ଆକ୍ଟିଭ । ସେ ଅନେକ ସମୟରେ ତାଙ୍କ ଫଟୋ ପୋଷ୍ଟ କରନ୍ତି । ତାଙ୍କର ବୋଲ୍ଡ ଷ୍ଟାଇଲ୍‌କୁ ପ୍ରଶଂସକମାନେ ପସନ୍ଦ ବି କରନ୍ତି । ତାଙ୍କ ଇନଷ୍ଟାଗ୍ରାମରେ ୩.୮ ନିୟୁତ ଫଲୋର ଅଛନ୍ତି । ସୁହାନା ଖାନ ଚଳିତ ବର୍ଷ ଅଭିନୟ ଜଗତରେ ଡେବ୍ୟୁ କରିବାକୁ ଯାଉଛନ୍ତି । ପ୍ରଶଂସକମାନେ ତାଙ୍କୁ ବଡ଼ ପରଦାରେ ଦେଖିବାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ସୁହାନା ଫିଲ୍ମ ଦି ଆର୍ଚିଜ୍ ସହିତ ବଲିଉଡରେ ଡେବ୍ୟୁ କରିବେ । କିନ୍ତୁ ଏହାପୂର୍ବରୁ ସେ ଆମେରିକାରେ ଏକ ସର୍ଟ ଫିଲ୍ମରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରଟି ତାଙ୍କ କଲେଜରେ ସୁଟିଂ କରାଯାଇଥିଲା, ଯାହାର ନାମ ଥିଲା 'ଗ୍ରେ ପାର୍ଟ ଅଫ୍ ବ୍ଲୁ' । ଏହା ବ୍ୟତୀତ ସୁହାନା ବିୟୁଟି ପ୍ରଡକ୍ଟ ମାବେଲାଇନ୍‌ରେ ବ୍ରାଣ୍ଡ ଆମ୍ବାସଡର ହୋଇଥିଲେ ।

ହିରୋ କ୍ୱାଲିଟି ଥିବା ପୁଅକୁ ବାହା ହେବେ: ନୁସ୍‌ରତ

ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀ ନୁସରତ ଭାରୁଚା ତାଙ୍କର ଗ୍ଲାମର ଲୁକ୍ ଓ ଜୀବନ ଶୈଳୀକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । ବର୍ତ୍ତମାନ ଅଭିନେତ୍ରୀ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଛତ୍ରପତି' ପାଇଁ ବ୍ୟସ୍ତ ରହିଛନ୍ତି । ନିକଟରେ 'ଛତ୍ରପତି'କୁ ପ୍ରମୋଟ୍ କରିବା ଉଦ୍ଦେଶ୍ୟରେ କପିଲ ଶର୍ମାଙ୍କ କମେଡି ଶୋ'ରେ ଯୋଗଦେଇଥିଲେ । ଏହି ଶୋ'ରେ ନୁସରତଙ୍କୁ ପଚରାଯାଇଥିଲା ଭବିଷ୍ୟତରେ ଆପଣ କେମିତିକା ସ୍ୱାମୀ ଚାହାନ୍ତି । ସେ ଏହି ପ୍ରଶ୍ନର ଉତ୍ତର ଦେଇଥିଲେ 'ମୁଁ ଜଣେ ଏମିତିକୁ ପୁଅକୁ ସ୍ୱାମୀ କରିବାକୁ ଚାହୁଁଛି ଯେ ସେ ମୋତେ ସବୁ ସମୟରେ ହସେଇପାରୁଥିବ । ସେ ପୁଅ ଅବିବାହିତ ଥିବା ସହିତ ତା' ପାଖରେ ହିରୋ କ୍ୱାଲିଟି ଥିବା ଉଚିତ୍' । କପିଲ ଶର୍ମା ଶୋ'ରେ ବେଲାମକୋଣ୍ଡା ସାଇ ଶ୍ରୀନିବାସ, ଭାଗ୍ୟଶ୍ରୀ, କରଣ ସିଂ ଛାବ୍ରାଙ୍କ ସହ ନିର୍ଦ୍ଦେଶକ ଭି ଭି ବିନାୟକ ଏବଂ ନିର୍ମାତା ଜୟନ୍ତୀଲାଲ ଗଡା ମଧ୍ୟ ଉପସ୍ଥିତ ଥିଲେ ।

ମେ ୨୫ରେ ରିଲିଜ ହେବ 'ପ୍ରୀତି ବନ୍ଧନ' ଓଡ଼ିଆ ଫିଲ୍ମ

ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ' । ଏହି ଫିଲ୍ମ ମେ' ୨୫ ତାରିଖରେ ରିଲିଜ୍ ହେବ । ନେକ୍ସଟ୍ ଡୋର ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମ ଓଡିଆ ଘରର କଥାବସ୍ତୁ ଉପରେ କାହାଣୀ ଗତିଶୀଳ ହୋଇଛି । ଏଥିରେ ଆମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଝଲକ ଦର୍ଶକ ଦେଖିବାକୁ ପାଇବେ ବୋଲି କୁହନ୍ତି ଏହାର ପ୍ରଯୋଜକ ପ୍ରଶାନ୍ତ କୁମାର ନାୟକ ଓ ନରେନ୍ଦ୍ର ପାତ୍ର । ଏଥିରେ ନିର୍ଦ୍ଦେଶକ ରାଶେସ ମହାନ୍ତି ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମର ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସ୍ମୃତି ଆର ଓ ସୁଧାକର ବସନ୍ତ । ଫିଲ୍ମରେ ଅଭିନେତା ସମିତ ନାୟକ ସାଜିଥିବା ବେଳେ ତାଙ୍କ ବିପକ୍ଷରେ ନାୟିକା ଅଛନ୍ତି ତମନ୍ନା ଓ ତୃପ୍ତି । ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ଭୂପତି ତ୍ରିପାଠୀ, କେଦାର ମିଶ୍ର, ଅଳକା, ପ୍ରଶାନ୍ତ ନାୟକ, ନୂପୁର ଓ ସସ୍ମିତା ପ୍ରମୁଖ ଅଭିନୟ କରିଛନ୍ତି ।

କମ୍ ଶୋଉଥିଲେ ସାବଧାନ

ସାଧାରଣ ମଣିଷ ଦିନକୁ ୭-୮ ରୁ ଘଣ୍ଟା ଶୋଇବା ନିହାତି ଜରୁରୀ । ଛୋଟ ପିଲା ହୁଅନ୍ତୁ କି ବରିଷ୍ଠ ଲୋକ । ଶୋଇବା ଦ୍ୱାରା ଆମ ଶରୀର ବିଶ୍ରାମ ପାଇଥାଏ । ଆମକୁ ସୁସ୍ଥ ଏବଂ ଫିଟ୍ ରଖେ । ଏହା ସହିତ, ସ୍ମୃତି ଶକ୍ତି ବଢାଇଥାଏ, ଚିନ୍ତା କ୍ଷମତାକୁ ପ୍ରୋତ୍ସାହିତ କରିଥାଏ ଏବଂ ଉତ୍ତେଜନାକୁ ହ୍ରାସ କରିଥାଏ । ନିଦ୍ରାର ଅଭାବରେ ଯନ୍ତ୍ରଣା, ଥକାପଣ, ମାନସିକ ଚାପ, ହୃଦରୋଗ ଭଳି ରୋଗ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ । ଯଦି ଆପଣ କମ୍ ସମୟ ଶୋଉଛନ୍ତି ଭେଗିପାରନ୍ତି ବଡ଼ ସମସ୍ୟା । କମ୍ ସମୟ ଶୋଉଥିବା ବ୍ୟକ୍ତି ହୃଦ୍‌ଘାତର ଶିକାର ହେଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି । ଅନୁସନ୍ଧାନରେ କୁହାଯାଇଛି ଯେ କମ୍ ନିଦ ଆସିବା ଦ୍ୱାରା ହୃଦ୍ ରୋଗ ଭଳି ଆଶଙ୍କା ତିନି ଗୁଣ ବଢିଥାଏ । ଯେତେବେଳେ ଜଣେ ବ୍ୟକ୍ତି ୭ ଘଣ୍ଟାରୁ କମ୍ ସମୟ ଶୋଇଥାଏ । ସେତେବେଳେ ସେମାନଙ୍କ ଶରୀରରେ ଏଣ୍ଡୋଥେଲିଆଲ୍ କୋଷଗୁଡ଼ିକର କାର୍ଯ୍ୟକଳାପ କମିଯାଏ । ଯାହା ହୃଦୟର ଧମନୀଗୁଡ଼ିକର ହ୍ରାସ କରିଥାଏ । ଯାହା ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ହୃଦଘାତରେ ପୀଡିତ ଲୋକଙ୍କ ଠାରେ ନିଦ୍ରା ଅଭାବର ଲକ୍ଷଣ ଦେଖିବାକୁ ମିଳିଛି । ଯାହା ସେମାନଙ୍କ ପାଇଁ ଅଧିକ ବିପଜ୍ଜନକ ହୋଇପାରେ ।

କାନ୍ନରେ ରକ୍ତାକ୍ତ ଅବସ୍ଥାରେ ନଜର ଆସିଲେ ଯୁବତୀ

ଆନ୍ତର୍ଜାତୀୟ 'କାନ୍ନ ଫିଲ୍ମ ଫେଷ୍ଟିଭଲ-୨୦୨୩' ମେ'୧୬ରୁ ଆରମ୍ଭ ହୋଇଛି । ସାରା ବିଶ୍ୱରୁ ସେଲିବ୍ରେଟି ମାନେ ଆସି ରେଡ୍ କାର୍ପେଟରେ ଦେଖାଉଛନ୍ତି ସେମାନଙ୍କ ଫ୍ୟାଶନ ଜଲୱା । କିନ୍ତୁ ହଠାତ ଏହି ମଞ୍ଚକୁ ଏକ ଯୁବତୀ ଆସିଥିଲେ । ତାଙ୍କୁ ଦେଖି ସମସ୍ତେ ସ୍ତବ୍ଧ ଏବଂ ଭୟଭୀତ ହୋଇ ଯାଇଥିଲେ । ଯୁବତୀଙ୍କ ଶରୀର ରକ୍ତରେ ଭିଜିଯାଇଥିଲା । ଯୁବତୀଙ୍କର ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । କେମିତି ରକ୍ତାକ୍ତ ହେଲେ ଏବଂ କାହିଁକି ରକ୍ତାକ୍ତ ଶରୀରରେ ଯୁବତୀଜଣକ କାନ୍ନ ମଞ୍ଚକୁ ଆସିଥିଲେ ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କିମାରିଥିଲା । ପ୍ରକୃତ କଥା ହେଲା ରୁଷ-ୟୁକ୍ରେନ ଯୁଦ୍ଧକୁ ବିରୋଧ କରି ଯୁବତୀ ଜଣକ ଏପରି ବେଶରେ କାନ୍ନ ମଞ୍ଚକୁ ଆସିଥିଲେ । ପ୍ରଦର୍ଶନ କରୁଥିବା ଯୁବତୀ ଜଣକ ୟୁକ୍ରେନ ପତାକା ରଙ୍ଗର ଏକ ପୋଷାକ ପିନ୍ଧିଥିଲେ । ଭିଡିଓରେ ଦେଖିବାକୁ ମିଳୁଛି, ଯୁବତୀ ଜଣକ ରେଡ କାର୍ପେଟରେ ଚାଲି ଚାଲି ଆସୁଛନ୍ତି । ସିଡ଼ିରେ କିଛି ସମୟ ଅଟକି ଫଟୋଗ୍ରାଫରଙ୍କୁ ଫଟୋ ନେବାକୁ କହୁଛନ୍ତି । ଫଟୋଗ୍ରାଫର ଯେତେବେଳେ ଫଟୋ ଉଠାଉଛନ୍ତି ସେତେବେଳେ ସେ ନିଜ ଶରୀରରେ ନକଲି ରକ୍ତ ଢାଳୁଛନ୍ତି । ଏହା ପରେ ସିକ୍ୟୁରିଟିରୁ ଜଣେ ବ୍ୟକ୍ତି ଆସୁଛନ୍ତି ଏବଂ ତାଙ୍କ ହାତ ଧରି ବାହାରକୁ ନେଇ ଯାଉଛନ୍ତି । ଯୁବତୀ ଜଣକ ଏପରି କରି ୟୁକ୍ରେନ ପ୍ରତି ତାଙ୍କର ସମର୍ଥନ ଜାହିର କରୁଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାରମ୍ବାର ଦାବି ସତ୍ତ୍ୱେ ବେତନ ଅସଙ୍ଗତି ଦୂର ନେଇ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ଶାନ୍ତିପୂର୍ଣ୍ଣ ବିରୋଧ କରିଛି ୪ ଗୋଟି ଅମଲା ସଂଘକୁ ନେଇ ଗଠିତ ମିଳିତ ମଞ୍ଚ। ମଞ୍ଚର ଆହ୍ୱାନ କ୍ରମେ ସୋମବାର ଠାରୁ ଅମଲାମାନେ କଳାବ୍ୟାଜ ପିନ୍ଧି ରାଜ୍ୟ ବ୍ୟାପୀ ପ୍ରତିବାଦ ଜଣାଇବା ଆରମ୍ଭ କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅମଲାମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଥିବା ଲକ୍ଷ୍ୟ କରାଯାଇଛି। ଏହି ପ୍ରତିବାଦ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଦାବି ପୂରଣ ନେଇ ଯଦି ସରକାର କିଛି ନିଷ୍ପତ୍ତି ନ ନିଅନ୍ତି ତାହାଲେ ୧ ତାରିଖରୁ ଅମଲାମାନେ ଏକକାଳୀନ ସମୂହ ଛୁଟିରେ ଯିବେ ବୋଲି ଓଡ଼ିଶା ଅମଲା ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ଓ ଓଡ଼ିଶା ରାଜସ୍ୱ ଅମଲା ସଂଘ ସମ୍ପାଦକ ସ୍ୱସ୍ତିକ ଦାସ ସୂଚନା ଦେଇଛନ୍ତି। ଅମଲା ନେତାଙ୍କ ଆପତ୍ତି ଅନୁସାରେ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକରୁ ସ୍ନାତକକୁ ବୃଦ୍ଧି ସାଙ୍ଗକୁ କମ୍ପ୍ୟୁଟର ଶିକ୍ଷାକୁ ବି ବାଧ୍ୟତାମୂଳକ କରାଯାଇଛି। ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସରକାର ଉଚ୍ଚଶିକ୍ଷା ଗତ ଯୋଗ୍ୟତା ସ୍ଥିର କଲେ। ମାତ୍ର ୫୦ ବର୍ଷ ପର୍ବର ମେଟ୍ରିକ ଯୋଗ୍ୟତା ଭିତ୍ତିକ ବେତନ ହାର ପରିବର୍ତ୍ତନ ନେଇ ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ ଆରୋପ କରିଛନ୍ତି। ବିଶେଷ କରି ପ୍ରବେଶିକା ସ୍ତରରେ ୪୨୦୦ ଗ୍ରେଡ ପେ ବା ଲେଭଲ-୯ ଲାଗୁ ପାଇଁ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇଛି। ମାତ୍ର ଏ ବାବଦରେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନଥିବା ଅମଲା ନେତାମାନେ ସୂଚନା ଦେଇଛନ୍ତି।

ଠାକୁରାଣୀ ଯାତ୍ରା ଶେଷ ଦିନରେ ନଗର ପରିକ୍ରମା

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା ର ମଙ୍ଗଳବାର ଶେଷ ଦିନର ନଗର ପରିକ୍ରମା ରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବହୁ କଳାକାର ରୋଡ ସୋ ରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଜଳ ସମ୍ପଦ ବିଭାଗ କର୍ମଚାରୀ ସାଂସ୍କୃତିକ ସଂଘ ବିଡେକା ପକ୍ଷରୁ ଶେଷ ଦିନର ନଗର ପରିକ୍ରମା ଦାୟିତ୍ୱ ହାତକୁ ନେଇଥିଲେ। ମା'ବ୍ୟାଘ୍ରଦେବୀ ଓ ମା'ଠାକୁରାଣୀ ମଙ୍ଗଳବାର ନିର୍ଦ୍ଧାରିତ ସମୟରେ ଗମ୍ଭୀରାରୁ ବାହାରି ମୁଖ୍ୟ ରାସ୍ତା ଅତିକ୍ରମ କରି ବସଷ୍ଟାଣ୍ଡ, ମହାବୀର ଛକ ଦେଇ ଜଳ ସମ୍ପଦ ବିଭାଗ ସବ୍ ଡିଭିଜନ କାର୍ଯ୍ୟାଳୟ ରେ ପହଞ୍ଚି ସେଠାରେ ଭୋଗ ଗ୍ରହଣ କରିଥିଲେ। ପରେ ମାଆ ଙ୍କ ପଟୁଆର ଆଗକୁ ବଢି ରେଡକ୍ରସ ରୋଡ ଦେଇ ପୁନଶ୍ଚ ମୁଖ୍ୟ ରାସ୍ତା ଅତିକ୍ରମ କରି ଶେଷରେ ବିଳମ୍ବିତ ରାତିରେ ଦେବୀ ଗମ୍ଭୀରାରେ ପ୍ରବେଶ କରିଥିଲେ। ସେଠାରେ ମାଆ ସାଆନ୍ତାଣୀ ଙ୍କ

ଭୋଗ ରାଗ ସଂପନ୍ନ ହେବା ସହ ପହଡ ଆଳତୀ ଲାଗି କରାଯାଇ ମା'ଙ୍କ ପହଡ ନୀତି କରାଯାଇଥିଲା। ମଙ୍ଗଳବାର ନଗର ପରିକ୍ରମା ଶୋଭାଯାତ୍ରା ରେ ପୁରୀର ବଳଙ୍ଗ ଅଞ୍ଚଳର ମାଁ ମଙ୍ଗଳା ନାଗ, ନିମାପଡା ର ତ୍ରିନାଥ ଚଇତି ଘୋଡ଼ା, ବଗଲା ବଗୁଲି ବେଶ, ପୁରୀ ରେଙ୍ଗଳ ର ବାଘେଇ ସିଙ୍ଘ ବାଜା, ମା ଦୁଲାଦେଇ ମେଢ, ନୃସିଂହ ନାରାୟଣ ମେଢ ସାହି ଯାତ ପୁରୀ, ବାରିପଦା ବିଶୋୟୀ ଅଞ୍ଚଳ ମୟୁରଭଞ୍ଜ ର ଆଦିବାସୀ ସାନ୍ତାଳୀ ଡ୍ୟାନ୍ସ ଗ୍ରୁପ୍ ବରଗଡ ଜିଲ୍ଲାର ବରପାଲି ରେମତା ର ମାଁ ମଙ୍ଗଳା ଘଣ୍ଟ ପାର୍ଟି, ଗଞ୍ଜାମ ଗଣ୍ଡଳାର ନବଦୁର୍ଗା, ଆସିକା ର ନବରଙ୍ଗ ଗାହାଣ ଆଦି ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ରେ ସୁର ତରଙ୍ଗ ମେଲୋଡି ରାଜ୍ୟର ଖ୍ୟାତନାମା କଣ୍ଠଶିଳ୍ପୀ ଇରା ମହାନ୍ତି ଓ ତାଙ୍କ ସାଥୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ କୁ ବିଡେକା ସଭାପତି ଇଞ୍ଜିନିୟର ସିମାଞ୍ଚଳ ସାହୁ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତୀ ଜେ ସୁମା ପ୍ରଧାନ, ବିଷ୍ଣୁ ଚରଣ ସାହୁ, ଯାତ୍ରା କମିଟି ସଭାପତି ରାଜେନ୍ଦ୍ର ବିଶୋୟୀ, ସଂପାଦକ ସୁଧୀର ରଞ୍ଜନ ବେହେରା, ମୁଖ୍ୟ ସଂଗଠନ ସଂପାଦକ ଗୋପବନ୍ଧୁ ମହାପାତ୍ର, ସଂଗଠନ ସଂପାଦକ ସୁଶାନ୍ତ ମହାପାତ୍ର, ସାଂସ୍କୃତିକ ସଂପାଦକ ଜଗଦ୍ଦୀଶ ପାଣିଗ୍ରାହୀ ଓ ଯୁଗ୍ମ ସଂପାଦକ ଲୋକନାଥ କର ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମ କୁ ଲୋକନାଥ କର ସଂଯୋଜନା କରିଥିବା ବେଳେ ଶେଷରେ ସଂପାଦକ ସୁଧୀର ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଜମିଜମା ବିବାଦକୁ ନେଇ ଶଳା ଭାଉଜକୁ ମରଣାନ୍ତକ ଆକ୍ରମଣ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଜମିଜୁମା ବିବାଦକୁ ନେଇ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ ହୋଇଛି।ଅଭିଯୋଗକୁ ଭିତ୍ତି କରି ଆଜି ଅଭିଯୁକ୍ତକୁ ଲକ୍ଷ୍ମୀପୁର୍ ପୋଲିସ୍ ଗିରଫ କରି ସ୍ୱାସ୍ଥ୍ୟ ପରିକ୍ଷା କରିବା ପରେ କୋର୍ଟ୍ ଚାଲାଣ୍ କରିଥିବା ଥାନା ଅଧିକାରି ଶ୍ୱେତପଦ୍ମା ସେଠ୍ ପ୍ରକାସ କରିଛନ୍ତି।ପୋଲିସ ଶୁତ୍ରରୁ ପ୍ରକାସ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଚମ୍ପି ପଞ୍ଚାୟତ ଅନ୍ତର୍ଗତ ଫଟାକାକୁଡି ଗ୍ରାମର ଗୋପି ହିକକା ନିଜର ଶଳା ଭାଉଜ ସୁନାଦେଇ ମିଣିଆକାଙ୍କୁ ଜମିଜୁମା ବିବାଦକୁ ନେଇ ଏକ କୁରାଢିରେ ମରଣାନ୍ତକ ଆକ୍ରମଣ କରିଥିଲା।କୁରାଢି ମାଡରେ ସୁନାଦେଇ ଗୁରୁତର ହୋଇ ତଳେ ପଡି ଜାଇଥିଲେ।ଏହା ଦେଖି ତାଙ୍କ ପରିବାର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।ପରେ ସୁନାଦେଇ ଲକ୍ଷ୍ମୀପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ଗୋପି ହିକକାକୁ ଲକ୍ଷ୍ମୀପୁର ପୋଲିସ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କୁରାଢିକୁ ମଧ୍ୟ ଯବତ କରି କେସ ନଂ ୫୭/୨୩ରେ ଏକ ମାମଲା ରୁଜୁ କରି ଆଜି ତାକୁ କୋର୍ଟ୍ ଚାଲାଣ୍ କରାଜାଇଥିବା ଜଣା ପଡିଛି।

ଅନୁଗୁଳ-ସୁକିନ୍ଦା ରେଳ ଲାଇନ୍ ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାଙ୍କ ଦାବି

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): କମଳାଙ୍ଗ ଗ୍ରାମପଂଚାୟତ ଦେଇ ନୂତନ ଭାବେ ନିର୍ମିତ ଅନୁଗୁଳ-ସୁକିନ୍ଦା ରେଳ ଲାଇନ୍ ଯାଇଥିବା କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ତରଫରୁ ସ୍ଥାନୀୟ ସରପଂଚ ଜିତେନ୍ଦ୍ର କୁମାର ବେହେରା ଆଜି ଜିଲ୍ଲାପାଳଙ୍କ ନିକଟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ପ୍ରକାଶଥାଉକି, ଅନେକ ଦିନରୁ ଉକ୍ତ କ୍ଷତିଗ୍ରସ୍ତ ପ୍ରଜା କମଳାଙ୍ଗ ଗ୍ରାମପଂଚାୟତବାସୀ ବହୁ ସମସ୍ୟା ବିଷୟରେ ଜଣାଇ ଆସୁଥିଲେ ମଧ୍ୟ ରେଳ ଲାଇନ୍‌ର ଠିକାସଂସ୍ଥା ଆର୍.ଭି.ଏନ୍.ଏଲ୍. ଏହାକୁ କର୍ଣ୍ଣପାତ କରୁନାହାଁନ୍ତି । ରେଳ ଲାଇନ୍‌ର କାମକୁ ଗଣବତାର ସହିତ କରୁଥିବାବେଳେ ପାରିପାର୍ଶ୍ୱିକ କାମଗୁଡିକ ନିମ୍ନମାନର ନିର୍ମାଣ କରୁଛନ୍ତି । ଏଥି ନିମନ୍ତେ ଆର୍.ଭି.ଏନ୍.ଏଲ୍‌ର ଅଧିକାରୀଙ୍କ ଦୃଷ୍ଟିଗୋଚର କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଜମିହରା ପ୍ରଜାମାନଙ୍କୁ ଯୋଗ୍ୟତା ଭିତିରେ ଶ୍ରମିକ ଭାବେ ବିଭିନ୍ନ ଠିକା ସଂସ୍ଥାରେ ଥଇଥାନ କରାଇବା ଏବଂ ପାରିପାର୍ଶ୍ୱକ କାମକୁ ପେଟି ଆକାରରେ ପ୍ରଦାନ କରିବା ନିମନ୍ତେ ବିଭିନ୍ନ ଜନଶୁଣାଣୀରେ ସ୍ଥିର ହୋଇଥିଲେ ମଧ୍ୟ ଏହାକୁ ଅମାନ୍ୟ କରି ବାହାର ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି । ଏଣୁ ଉକ୍ତ ବିଷୟରେ ପଦକ୍ଷପ ଗ୍ରହଣ କରିବା ସହ ଜମିହରା କ୍ଷତିଗ୍ରସ୍ତ ପ୍ରଜାଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଏକ ଦାବିପତ୍ର ସରପଂଚ ଶ୍ରୀ ବେହେରା ପ୍ରଦାନ କରିଛନ୍ତି । ଉକ୍ତ ସମସ୍ୟା ଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ପଂଚାୟତବାସୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି ।

ଭୁମିଆ ସମାଜ ତରଫରୁ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ମେଣ୍ଡୁକୁଲି ଗ୍ରାମରେ ଜିଲ୍ଲା ଭୁମିଆ ସମାଜ ଭବନ ପରିସରରେ ଆଜି ସହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମର୍ତି ଉନ୍ମୋଚିତହୋଇ ଯାଇଛି। ଏହି ଉନ୍ମୋଚିତ କାର୍ଯ୍ୟାକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା, କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ପୂର୍ବତନ ଅଧକ୍ଷ ନରେନ୍ଦ୍ର କାନ୍ଦୁଲିଆ, ବୈପାରୁଗୁଡା ବ୍ଲକ ପୂର୍ବତନ ଅଧକ୍ଷ ସରୋଜିନୀ କାଣ୍ଡିକି, ମାଥିଲି ବ୍ଲକ ପୂର୍ବତନ ଉପାଧକ୍ଷ ତଥା ଦଳପତିଗୁଡା ସରପଞ୍ଚ ରୁକ୍ମଣୀ ପୁଜାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭୁମିଆ ସମାଜ ରାଜ୍ୟ ସଭାପତି ହଳଧର ପୁଜାରୀଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମାଲକାନଗିରି, କୋରାପୁଟ ଜିଲ୍ଲାର ପ୍ରାୟ ୫ ହଜାରରୁ ଉର୍ଧ ଭୁମିଆ ସମ୍ପ୍ରଦାୟର ପୁରୁଷ ମହିଳା ଅଂଶଗ୍ରହଣ କରିଥିଲେ। ନିଜ ସମାଜର ରୀତି ନୀତି ବଜାୟ ରଖିବା, ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରି ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା, ସମସ୍ତଙ୍କ ଦୁଃଖସୁଖରେ ସମସ୍ତେ ଭାଗିଦାର ହେବା, କାହାକୁ ଉଚ୍ଚ ନୀଚ ଧନିଗରିବର ବେଦଭାବ ସୃଷ୍ଟି ନକରିବା, ଭୁମିଆ ସମାଜର ବିଭିନ୍ନ ଦାବି ଯେପରି ହାସଲ ହେବ ସେଥିପାଇଁ ସମସ୍ତେ ଏକଜୁଟ ହୋଇ ରହି ସଂଗ୍ରାମ କରିବା ସମ୍ବନ୍ଧରେ ଅତିଥି ମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ।

'ନିର୍ଭୀକତାରୁ ସତ୍ୟ ଓ ନିରପକ୍ଷତା ପାଇଁ ଜନସାଧାରଣଙ୍କୁ ଉଚିତ୍ ନ୍ୟାୟ ମିଳେ'

ଓଜାର ୫ମ ବାର୍ଷିକ ଉତ୍ସବ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଓଡିଶା ସାମ୍ବାଦିକ ସଂଗଠନ ଜଗତସିଂହପୁର ଶାଖାର ୫ମ ବାର୍ଷିକ ଉତ୍ସବ ସ୍ଥାନୀୟ ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଡାକବଙ୍ଗଳା ଠାରେ ମଇ ୨୧ ତାରିଖ ଦିନ ଜିଲ୍ଲା ଶାଖାର ସଭାପତି ବୀରବର ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବା ସହ ତାଙ୍କର ୫୮ତମ ଜନ୍ମ ଉତ୍ସବ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ଏହି ଉତ୍ସବର ପ୍ରାରମ୍ଭରେ କୁନିକଳାକାର ସାଇଶ୍ରୀୟାଂଶୁ ଭାବବିହ୍ୱଳ ବେଦପାଠ ମଧ୍ୟରେ ଉତ୍ସବ ଆରମ୍ଭ ହୋଇଥିଲା। ଏଥିରେ ଜଗତସିଂହପୁର ବିଶିଷ୍ଟ ସମାଜସେବୀ ତଥା ସାରଳା ମଣ୍ଡଳ କୈବର୍ତ୍ତ ମହାସଭାର ସଭାପତି ପ୍ରହଲ୍ଲାଦ ବେହେରା ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଶ୍ରୀ ବେହେରା ସାମ୍ବାଦିକ ମାନେ ନିର୍ଭିକ କଲମ ଚାଳନ କଲେ ସମାଜରୁ ସାମାଜିକ ବ୍ୟାଧି ଦୂରହେବା ସହ ସତ୍ୟ,ନ୍ୟାୟ ପାଇଁ ସାମ୍ବାଦିକ ମାନେ ଆଗଭର ହେବା ପାଇଁ ଉପସ୍ଥିତ ପତ୍ରକାର ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ତମ୍ଭକାର ତଥା ଶିକ୍ଷାବିତ ଶ୍ରୀ ହିଂମାଶୁ ଶେଖର ଆଚାର୍ଯ୍ୟ ତାଙ୍କ ବକ୍ତ୍ୟବରେ କହିଲେ ଯେ ସାମ୍ବାଦିକ ମାନଙ୍କ ପ୍ରତି ପ୍ରଶାସନିକ ଅବହେଳା ଯୋଗୁ ସାମ୍ବାଦିକ ମାନେ ଅତନ୍ତ୍ୟ କଞ୍ଚକିତ ପଥ ଦେଇ ଗତିକରୁଛନ୍ତି । ଏହା ଫଳରେ ଦୀର୍ଘ ୨୩ ବର୍ଷଧରି ଚାଲିଥିବା ରାଜ୍ୟରେ ନବୀନଙ୍କ ସରକାର ସାମ୍ବାଦିକଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି । ବଛାଓ୍ୱଦ୍ କମିଶନ ଦ୍ୱାରା ପ୍ରଣିତ ଆଇନକୁ ଏବର ରାଜ୍ୟ ସରକାର ଗ୍ରହଣ ନକରି ଓଲଟ ସାମ୍ବଦିକ ମାନଙ୍କ ପ୍ରତି ଆକ୍ରମଣ କରୁଥିବାର ନଜୀର ରହିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ସାମ୍ବାଦିକ ମାନେ ଐକ୍ୟବଦ୍ଧ ହେଲେ ଆଗାମୀ ଦିନରେ ସରକାର ସାମ୍ବାଦିକ ମାନଙ୍କ ପ୍ରତି ଅନୁରକ୍ତ ଭାବେ କାର୍ଯ୍ୟ କରିବେ ବୋଲି ଓଜା ବିଶ୍ୱାସ କରେ । ଏଥିରେ ସର୍ବଶ୍ରୀ ଓଜାର ସମ୍ପାଦକ ଶରତ ଦାଶ,ସାମାଜସେବୀ ରବିନ୍ଦ୍ରନାଥ ସେଠୀ, ସରୋଜ ନାୟକ, ଓଜାର ଉପଦେଷ୍ଟା ଶରତ କିଶୋର କାନୁନ୍‌ଗା, ବିପିନୀ ବେହେରା ,ବିଭୁତି ଭୂଷଣ ବେହେରା, ଜିତେନ୍ ବେହେରା ,ସାମ୍ବାଦିକ ମାନସ ସୁତାର,ଏମଏସ ରଞ୍ଜନ କୁମାର, ରାଜ୍ୟର ଓଜା ଉପସଭାପତି ଉପେନ୍ଦ୍ର ଗୁରୁ ପ୍ରମୁଖ ବହୁ ସାମ୍ବାଦିକ ମାନେ ତାଙ୍କର ନିଜ ନିଜର ବକ୍ତ୍ୟବ ରଖିଥିଲେ । ଏଥିରେ ସମ୍ବର୍ଦ୍ଧିତ ଅତିଥି ପ୍ରହଲ୍ଲାଦ ବେହେରାଙ୍କୁ ଶ୍ରେଷ୍ଠ ସମାଜସେବୀ ଭାବେ ମାନପତ୍ର ,ଉତ୍ତରୀୟ ଫୁଲତୋଡା ଦ୍ୱାରା ସମ୍ମାନିତ କରାଯାଇଥିଲା । ସବଶ୍ରୀ ରବିନ୍ଦ୍ର ନାଥ ସେଠୀ ,ରଶ୍ମୀ ରଞ୍ଜନ ମିଶ୍ର,ଶରତ କିଶୋର କାନୁନଗୋ,ଉପେନ୍ଦ୍ର ଗୁରୁ,ହିମାଂଶୁ ଶେଖର ଆଚାର୍ଯ୍ୟ,ଶରତ ଦାଶ,ସରୋଜ ନାୟକ, ବେଣୁଧର ନାୟକ,ଏମଏସ ରଞ୍ଜନ କୁମାର, ମାନସ ସୂତାର,ଶ୍ରୀକାନ୍ତ ଦାସ,ଗୋଲାପ ସ୍ୱାଇଁ, ରଞ୍ଜନ ମଲ୍ଲିକ , ସରୋଜିନି ମିଶ୍ର, ଭାଗବତ ପ୍ରସାଦ, ଓଜାର ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ଦାଶଙ୍କ ସମତେ ୨୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ଓଜା ସଭାପତି ବୀରବର ଦଳାଇ ଙ୍କୁ ମଧ୍ୟ ୫୮ତମ ଜନ୍ମଦିନ ଉପଲେକ୍ଷ ଫୁଲ ତୋଡା ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲା ସମ୍ପାଦକ ଶରତ ଦାଶ ବିବରଣୀ ପାଠ କରିଥିବା ବେଳେ ସମ୍ବାଦିକ ସରୋଜ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବିଭିନ୍ନ ଦାବି ନେଇ ଗତ ୧୨ ତାରିଖରୁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଅଫିସ, ପୌରାଧକ୍ଷା, ପୌର ଉପାଧକ୍ଷ ଏବଂ ବିଧାୟକଙ୍କ ଘର ଆଗରେ ଧାରଣା ଦେବା ପରେ ସଫେଇ କର୍ମଚାରୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଆରମ୍ଭ କରିଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ସହ ସରକାରୀ ନିୟମ ଭିତ୍ତିରେ କାର୍ଯ୍ୟ କରିବା ଦାବିରେ ସେମାନେ ପୂର୍ବରୁ ଜିଲାପାଳଙ୍କୁ ଗୁହାରୀ କରିବାକୁ ଯାଇଥିଲେ । ମାତ୍ର ଦୁଇଘଣ୍ଟା ଧାରଣାରେ ବସିବା ପରେ ଜିଲାପାଳଙ୍କ ସାକ୍ଷାତ ନ ପାଇ ସେମାନେ ପଳାଇ ଯାଇଥିଲେ। ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖୁଥିବା ସଫେଇ କର୍ମଚାରୀଙ୍କୁ ଏବେ ବାରଦ୍ୱାର ହେବାକୁ ପଡୁଛି ବୋଲି ସେମାନେ ଆରୋପ ଉଠାଇଛନ୍ତି। ସହରର ବର୍ଜ୍ୟବସ୍ତୁ ପରିଚାଳନାରେ ସରକାରୀ ନିୟମ ପାଳନ କରିବା ପରିବର୍ତ୍ତେ ପୌର କର୍ତ୍ତୃପକ୍ଷ ସେମାନଙ୍କୁ ଠକି ଚାଲିଥିବା ସଫେଇ କର୍ମଚାରୀ ନେତା ଲକ୍ଷ୍ମଣ ବେହେରା ଅଭିଯୋଗ ଉଠାଇଛନ୍ତି। ଜିଲାପାଳ ଯଦି ଉଚିତ ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ବାଲେଶ୍ୱର ସହରରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ସହ ଅହୋରାତ୍ର ଧାରଣା ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ତେବେ ଜିଲାପାଳ ସଂଧ୍ୟାରେ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ଏକାଧିକ ଦାବି ମଧ୍ୟରୁ ଜିଲାପାଳ କିଛି ପୂରଣ କରିଥିବା ସଫେଇ କର୍ମଚାରୀ ନେତା ଶ୍ରୀ ବେହେରା ସୂଚନା ଦେଇଛନ୍ତି। ସଫେଇ କର୍ମଚାରୀମାନେ ଉଭୟ ଦିନ ଓ ରାତିରେ କାମ କରିବା ପରିବର୍ତ୍ତେ କେବଳ ଦିନରେ ୭ ଘଣ୍ଟା କାର୍ଯ୍ୟ ସାଙ୍ଗକୁ ୧ ଘଣ୍ଟା ବିଶ୍ରାମ ନେବେ, ୩୧ ଦିନିଆ ମାସରେ ଠିକାଦାର ୨୬ ଦିନ ବଦଳରେ ୨୭ ଦିନର ମଜୁରି ପ୍ରଦାନ କରିବ, ସରକାରୀ ଛୁଟିରେ କାର୍ଯ୍ୟ କଲେ ଦୁଇଗୁଣ ମଜୁରି ପ୍ରଦାନ ପାଇଁ ଜିଲାପାଳ ସମ୍ମତି ଜଣାଇଛନ୍ତି। ତେବେ କଠିନ ବର୍ଜବସ୍ତୁ ପରିଚାଳନା ନିୟମ ଅନୁସାରେ ୭୫୦ ଜଣ ଜନସଂଖ୍ୟା ପାଇଁ ଜଣେ ସଫେଇ କର୍ମଚାରୀ ନିଯୁକ୍ତି ଦାବିକୁ ଜିଲାପାଳ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି। ବାଲେଶ୍ୱର ଯେତେବେଳେ ପୌରପାଳିକାରୁ ମହାନଗର ନିଗମକୁ ପରିବର୍ତ୍ତନ ହେବ ସେତେବେଳ ଏହି ନିୟମ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସରକାରୀ ଅନୁମୋଦନ ପରେ ମଜୁରୀ ବୃଦ୍ଧି ବାବଦରେ ଉଚିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ